



RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ମାର୍ଚ୍ଚ ୨୦୧୯
ମୂଲ୍ୟ : ୨୫ ଟଙ୍କା
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
PRACHEE



**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଚତୁର୍ଥ ବର୍ଷର ଦ୍ୱାଦଶତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ଌ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।<br>କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-4, March 2019, Issue No. XII
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

ନିଆରା ଜୀବିକା
- ଗୀତାଞ୍ଜଳି ନାୟକ ୭

ମାଟି ମଣିଷର ବ୍ୟଥା
- ଗୀତା ଦାସ ୧୧

ପ୍ରେମର ବୟସ ନାହିଁ
- ଦେବାଶିଷ ମିଶ୍ର ୧୪

ଜଟାୟୁ
- ପ୍ରମୋଦ କୁମାର କର୍ସେଲ ୧୭

କପୋତୀର ଅଶ୍ରୁ
- ସୁବାଷ ଚନ୍ଦ୍ର ଭୂୟାଁ ୨୦

ଅଜାଡି ଟୀକା
- କାମାକ୍ଷା ପ୍ରସାଦ ବେହେରା ୨୨

ବିଚିତ୍ର ସମ୍ବନ୍ଧ
- ଲୋକନାଥ ମହାପାତ୍ର ୨୪

ଅଦେଖା ଗଙ୍ଗା
- ଶ୍ରଦ୍ଧାଞ୍ଜଳି ନାୟକ ୨୭

ଶୁଭ ସ୍ୱୀକୃତି
- ପ୍ରଫୁଲ୍ଲ କୁମାର ଦାଶ ୨୯

ଉଜୁଡ଼ା ବସନ୍ତ
- ସୁକାନ୍ତି ସାହୁ ୩୧

ମମତାର ଡୋରୀ
- କୁଞ୍ଜବିହାରୀ ସାହୁ ୩୫

ଦୁଃଖୀ ମାଉସୀ
- ଲକ୍ଷ୍ମୀପ୍ରିୟା ସାହୁ ୪୦

ଜୀରୋରୁ ହୀରୋ
- ରତ୍ନମଞ୍ଜରୀ ସାହୁ ୪୪

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ୍ ................................

ମୋବାଇଲ୍ ନମ୍ବର ...................................... ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................. ତାରିଖ....................................

ବ୍ୟାଙ୍କ୍...................................... ସ୍ଥାନ.........................................................

ତାରିଖ.................................... ଦସ୍ତଖତ.........................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ନିଆରା ଜୀବିକା

**- ଗୀତାଞ୍ଜଳି ନାୟକ**

*ବାଟରେ ଗଲା*ବେଳେ ଏମିତି ବାର କଥା ମନକୁ ଭାବୁଥାଏ । ପାହୁଣ୍ଡ କିନ୍ତୁ ମୋର ଅଲକ୍ଷ୍ୟରେ ଜୋର୍‌ରେ ପଡୁଥାଏ । ସଞ୍ଜ ବୁଡ଼ିବା ପୂର୍ବରୁ କେମିତି ଯାଇ ଗାଁରେ ପହଞ୍ଚିବି । ଥୋଡ଼େ ବାଟ ଚାଲିସାରିବା ପରେ ନଈଟି ପଡ଼ିଲା । ନଈ ପାରିହେଲେ ମଦନପୁର, ତା'ପରେ ଯାଇ ଆମ ଗାଁ ଇଚ୍ଛାପୁର ପଡ଼ିବ । ମଦନପୁର ଗାଁ ସ୍କୁଲ ଠାରୁ ଇଚ୍ଛାପୁରକୁ ଯିବାକୁ ହିଡ଼ ବାଟ ରାସ୍ତା । ଏବେ ଧାନ କିଆରି ଭିତରେ ହିଡ଼ ଭଲକି ଦେଖା ଯାଉ ନଥିବ । ତେଣେ ଜନ୍ତୁ ଭୟ ସାଙ୍ଗକୁ ବିଲୁଆଙ୍କ ସଞ୍ଜବେଳ ରଡ଼ି ଯେମିତି ଭୂତ ମାଡ଼ିବସିଲା ପରି ଲାଗେ । ମୁଁ ଝାଳ ସରସର ହୋଇ ଝଅଟ ଯାଇ ଡଙ୍ଗାରେ ପାଦ ଦେବା କ୍ଷଣି ଡଙ୍ଗାଟା କୂଳ ଛାଡ଼ିଦେଲା । ଘାଟ ଡଙ୍ଗାରେ ଗାଁ ପଞ୍ଚାୟତ ବସିଲା ପରି ନାନା କଥା ଆଲୋଚନା ଚାଲିଲା । ସଉରା ଭାଇଟି ଆମର ଭାରି ଉପକାରୀ ମଣିଷଟିଏ । କି ଧନୀ କି ଗରିବ ସଉରା ବୋଲି ଡାକିଦେଲେ ଯେତେ ରାତି ହେଉ ଡଙ୍ଗା ସାଙ୍ଗେସାଙ୍ଗେ ଟେଇବ । ବୁଢ଼ା ହୋଇଗଲାଣି । ବିଚରା ଦେହରେ ହାଡ଼ ଗଣି ହୋଇଯାଉଛି, ଲୋଭ ବୋଲି ସଉରା ଭାଇର କିଛି ନାହିଁ । ଡଙ୍ଗାଟାକୁ କେମିତି ନେଇ ସମସ୍ତଙ୍କୁ କୂଳରେ ଭଲରେ ପହଞ୍ଚାଇବ, ସମସ୍ତଙ୍କ ପାଇଁ ଠାକୁରଙ୍କୁ ମୁଣ୍ଡିଆଟିଏ ମାରି କାତ ମାରିଚାଲେ । ମୋର ମନେ ଅଛି, ବାପାଙ୍କୁ ସେ ମହାଜନ ବୋଲି ଡାକେ । କାହିଁକି ନା ବାପା ତା'ରି ଡଙ୍ଗାରେ ଲୁଗା, ଡ୍ରେସ୍ ସହରରୁ ଆଣି ଗାଁରେ ବିକ୍ରି କରନ୍ତି । ବାପା ତାକୁ ବର୍ଷକୁ ୨ ଖଣ୍ଡ ଲୁଙ୍ଗି ଖୁସିରେ ଦିଅନ୍ତି । ଡଙ୍ଗା ଆସି କୂଳରେ ଲାଗିଗଲା । କାନ୍ଧରେ ବ୍ୟାଗ୍, ହାତରେ ବଡ଼ ବ୍ୟାଗ୍‌ଟିକୁ ଝୁଲାଇ ମୁଁ ଡଙ୍ଗାରୁ ଓହ୍ଲାଇଲି । ରାସ୍ତା କଡ଼ର ଦୁଇପଟର ଜମିକୁ ଦେଖିଦେଖି ଚାଲିଲି । ବାଟରେ କୋଉଠି ଖାଲ, କୋଉଠି ଆଣ୍ଠୁଏ ପାଣି । ଅନ୍ଧାରରେ ଗୋଡ଼ ଠଉରେଇ ଚାଲିଲି ଆଗକୁ । ଧାନର ବାସ୍ନା ମୋତେ ଭାରି ଭଲ ଲାଗେ । ଆକାଶରେ ମେଘ ଅଳସ ଭାଙ୍ଗୁଥାଏ । ଯଦି ଭୂଇଁକୁ ଛୁଇଁଦେଲା, ତା'ହେଲେ କଥା ସରିଯିବ । ତେଣୁ ଚାଲିବାର ଗତିକୁ ଟିକିଏ ଦ୍ରୁତ କଲି । ଏମିତିରେ ଆସି ଗାଁ ହୋଇଗଲା । ବାପା ଆସି ଗାଁ ମୁଣ୍ଡରେ ବସିଥା'ନ୍ତି ମୋତେ ସାଙ୍ଗରେ ନେବେ ବୋଲି । ବାପ, ପୁଅ କଥାବାର୍ତ୍ତା ହେଉହେଉ ଘର ଆସିଗଲା । ବୋଉ ମୋର ଦାଣ୍ଡରୁ ଘର, ଘରୁ ଦାଣ୍ଡ ଏମିତି ହେଉଥାଏ । ମୁଁ ଯାଇ ବୋଉକୁ ଡାକିଦେଲି । ବୋଉ ତା'ର ଖୁସିର ଲୁହକୁ ଅଟକେଇ ପାରିଲାନି । ତା' ଆଖି ଆପେଆପେ ଜକେଇ ଆସିଲା । 'ବାପାଟା ମୋର କେତେବେଳେ ଖାଇଥିବ ଚାଲେ' କହି ରୋଷେଇ ଘରେ ପଶି କେତେ କ'ଣ ତା'ର ହାତ ରୋଷେଇ ଧରି ଆଣିଲା । ପିଢ଼ାଟାଏ ପକେଇ ଦେଇ ଜଗି ବସିଥାଏ । ମୁଁ ଧୋଇ ହୋଇ ଆସିଲି । ବୋଉକୁ କହିଲି, ଏତେ ରକମ କରିଛୁ କ'ଣ ସବୁ ଗୋଟେ ଦିନରେ ଖୁଆଇ ବିଦା କରିଦେବୁ ନାଁ କ'ଣ ? ବୋଉ କହିଲା, ତୁ' ଆଗ ଖାଇଲୁ, କୋଉ ପହରୁ ବାହାରିବୁଣି, ଆଖି ପେଟ ପଶିଗଲାଣି । ମାମୁନି ଦୌଡ଼ି ଆସି କହିଲା, ଭାଇ, କୁଆଁର ପୁନେଇଁ ଡ୍ରେସ୍ ମୋର ଆଣିଛୁ ଦେ । ବାପା କହିଲେ ରହ, ଖାଇସାରୁ ସେ ଦେବନି, ବ୍ୟସ୍ତ ହେଉଛୁ କାହିଁକି ? ମାମୁନି ଖାଇସାରିବା ଯାଏ ଅପେକ୍ଷା କରି ପାରିଲାନି । ବ୍ୟାଗ୍ ସବୁ ଅଣ୍ଡାଳି ତା' ଡ୍ରେସ୍ ଧରି ଆସିଲା । କହିଲା, ଦେଖିଲୁ ବୋଉ, କେଡ଼େ ସୁନ୍ଦର ଡ୍ରେସ୍ ହୋଇଛି । ମହନି କୋଉଠି ଥିଲା ଆସି ପହଞ୍ଚିଗଲା । କହିଲା, ଭାଇ ମୋର ? ବାପା ଶୁଣି କହିଲେ, ଭେଣ୍ଡିଆଟିଏ ହେଲୁଣି ଛୁଆଙ୍କ ଭଳି ଖାଲି ଖେଳ । ସକାଳୁ ବାବୁଙ୍କର ବାଗୁଡ଼ି ଖେଳ ପାଇଁ ଅଭ୍ୟାସ ଚାଲିଛି । ୮ ଦିନ ପରେ ମ୍ୟାଚ୍ ପଡ଼ିବ ତ ବାବୁ ଆମର ବ୍ୟସ୍ତ ।

ତା' ପରଦିନ ସଞ୍ଜକୁ ସାଙ୍ଗମାନଙ୍କ ସାଙ୍ଗରେ ଗୁଲିଖଯି ପାଇଁ ମୁଣ୍ଡି ପାଖ ପୋଖରୀ ହୁଡ଼ାରେ ବସିଲୁ । ଗପସପ ବେଶ୍ ଜମିଲା । ସମସ୍ତେ ସମସ୍ତଙ୍କ ଘରକୁ ଚାଲିଗଲେ । ମୁଁ ଭାବିଲି କମଳି ଖୁଡ଼ୀକୁ ଟିକେ ଦେଖି ଆସିବି । ତା' ଘରକୁ ଗଲି । କବାଟ ବାଡ଼େଇ ଦେଖିଲି ଡିବିରି

ଆଲୁଅରେ କମଳି ଖୁଡ଼ୀର ରୂପ ଯେମିତି ଶିରୀ ତୁଟିଗଲା ପରି ଲାଗୁଥାଏ । ଖାଲି ହାତକୁ, ଧଳା ଶାଢ଼ୀ, ମୁହଁଟି ବିନା ସିନ୍ଦୁର ଆଉ ଦୁଃଖରେ ଏମିତି ଝାଉଁଳି ପଡ଼ିଥାଏ, ଯେମିତି ବର୍ଷେ ଯାଏଁ ଗଛଟି ପାଣି ପାଇନି । ଆହା ପଦଟି ତୁଣ୍ଡରେ ରହିଗଲା । ରତନା ଦାଦା ଯେତେବେଳେ ବାହାରେ ଚାକିରୀ କରିଥିଲା, ସେତେବେଳେ ଘରେ ଖାଲି ହସ ଖୁସି ଛଡ଼ା କିଛି ନଥାଏ । ଚିକିମିକି ଶାଢ଼ୀ ସାଙ୍ଗକୁ ନାଲି ସିନ୍ଦୁର ଟୋପା ମୁହଁଟିକୁ ଆହୁରି ସୁନ୍ଦର କରିଥାଏ । ତେଲ, ସାବୁନ୍, ଅତରରେ ଘରଟା ବାସି ଉଠୁଥିଲା । ଖାଇବା କଥା ଛାଡ଼, ମାଛ, ମାଉଁସ, ଖିରି, ପୁରି ସବୁବେଳେ ରନ୍ଧା ଚାଲିଥାଏ । ଥଟ୍ଟା ମଜାରେ ଦିନ ରାତି କୁଆଡ଼େ ସରି ଯାଉଥିଲା । ଘର ଭିତରେ ଗୁରୁବାରିଆଟା ଲଣ୍ଠନଟିଏ ଲଗେଇ କ'ଣ ଲେଖି ଯାଉଛି । କମଳି ଖୁଡ଼ୀ ସ୍ନେହରେ କହିଲା, "ବାପରେ କୋଉଦିନ ଆସିଲୁ ? ଆ, ଘରକୁ ଆ ।" ଗୁରୁବାରିଆ କହିଲା, "ଭାଇ, ଭଲ କଲ ତମେ ଆସିଲ । ମତେ ଏ ଅଙ୍କଟା ଜମା ଆସୁ ନଥିଲା । ମତେ ଟିକିଏ ବତେଇ ଦିଅ ।" ଅଙ୍କଟି ବତେଇ ଦେବା ଭିତରେ କମଳି ଖୁଡ଼ୀ ନାଲି ଚା' କପେ ଧରି ଆସିଲେ । ମୁଁ ଚା' କପ୍‌ଟି ପିଇଦେଇ ଘରକୁ ଆସିଲି । ଆଠ ଦିନ ଛୁଟି କୁଆଡ଼େ ପଳେଇ ଗଲାଣି ହେଲାନି । କଟକ ଫେରି ଆସିଲି ।

ଏହା ଭିତରେ ଅନେକ ସମୟ ବିତିଯାଇଛି । ୧୦ ବର୍ଷ ପରେ ବାପା ଫୋନ୍ କଲେ, ବୋହୂ ଓ ଆମ କୁନି ଝିଅକୁ ଆଣି ଆସିବୁ । କମଳି ଖୁଡ଼ୀଟା ମରିଗଲା । ଗୋଟିଏ ବୋଲି ପୁଅ ସେଇଆକୁ ଅନେଇ ଅନେଇ ଥିଲା । ହେଲେ ସେଇଟା ବି ତା' ଭାଗ୍ୟରେ ମିଳିଲାନି । ବିଚାରି ଚାହିଁ ଚାହିଁ ଆଖି ବୁଜିଲା । ମୋ ଫୋନ୍ କଥା ଶୁଣୁ ଶୁଣୁ ମୋ ସ୍ତ୍ରୀ ରୁପି ତା'ର ବ୍ୟାଗ୍ ଆଟାଚ୍ ବାହାର କରି ସାରିଲାଣି । ଗାଁକୁ ଯିବାକୁ ତା'ର ଭାରି ମନ । ବୋଉର ସ୍ନେହ ଆଉ ହାତ ରନ୍ଧା ଖାଇବା ପାଇଁ ପୁରା ପାଗଳ । ଫୋନ୍ ରଖୁ ରଖୁ କହିଲା, ଯାଅ ଝିଅକୁ ସ୍କୁଲରୁ ନେଇ ଆସିବ । ଆମେ ଯିବା । ରୁବିଟା ଭାରି ସ୍ନେହ କାଙ୍ଗାଳି । ବୋଉ କୋଳରେ ମୁଣ୍ଡ ଗୁଞ୍ଜି ଦେଇ ଟିକେ ଶୋଇ ପଡ଼ିଲେ ଗାଁରୁ ସତେ ଯେମିତି ସବୁ ପାଇଗଲା । ବୋଉ ହାତରନ୍ଧା ଖାଇଦେଇ ବାପା ଲଗେଇଥିବା ବାରିଆଡ଼େ ଟିକେ ବୁଲି ଆସିବ । ହାତରେ ଗୋଟେ ଡାଲିଆ ଧରି ଯାଇଥିବ । ବାଇଗଣ, ଭେଣ୍ଡି, କଲରା ଯାହା ପାଇବ ଧରି ଆସିବ । ମୋ ଝିଅର ମଜା କହିଲେ ନ ସରେ । ବାପାଙ୍କ ପିଠିରୁ ସିଏ ଓହ୍ଲେଇବା ନାଁ ଧରେନି । ଲାଉ ହେଇ ଗାଁ ସାରା ବୁଲି ଆସିବ । ଆଉ ଯାହା ତା' ଖାଇବା ଜିନିଷ ଆମ କଅଁଳା ବାଛୁରୀକୁ ନ ଦେଲେ ଖାଇବନି । ଆମେ ତିନିଜଣ ଯାକ ଶୀଘ୍ର ବାହାରି ପଡ଼ିଲୁ । ଗାଁରେ ପହଞ୍ଚି ଦେଖିଲୁ କମଳି ଖୁଡ଼ୀକୁ ମଶାଣୀକୁ ନେଇଗଲେଣି । ସମସ୍ତ ବ୍ୟବସ୍ଥା କିଏ ଜଣେ ସ୍ତ୍ରୀ ଲୋକ ସବୁ କିଛି କରି ଦେଇଥାଏ । ଆଉ ସମସ୍ତଙ୍କୁ ହାତ ଯୋଡ଼ି ନେହୁରା ହୋଇ କହୁଥାଏ ଟିକିଏ ଅପେକ୍ଷା କର, ଗୌରବ ଆସିଯିବେ । ଗୁରୁବାରିଆର ଭଲ ନାଁ କମଳି ଖୁଡ଼ୀ ଦେଇଥିଲା ଗୌରବ । ଗୁରୁବାରରେ ଜନ୍ମ ହୋଇଥିଲା ବୋଲି ନାଁ ଗୁରୁବାରିଆ । ସବୁବେଳେ କହନ୍ତି, ମୋ ପୁଅ ଆମ ଗାଁର ଗୌରବ ବଢ଼େଇବ, ନାଁ ରଖିବ । ଗୁରୁବାରିଆ କିଛି ସମୟ ପରେ ପହଞ୍ଚିଗଲା । ତା' ମା'ର ସବୁ କର୍ମ କଲା । ଏ ବ୍ୟବସ୍ଥା କିଏ କରିଛି ସବୁ ପଚାରିଲା । ସମସ୍ତେ କହିଲେ ତୁ କ'ଣ ଆମ ସାଙ୍ଗେ ଥଟ୍ଟା କରୁଛୁ । ଘରେ ଯାଆ ଦେଖିବୁ ତୋ ସ୍ତ୍ରୀକୁ ଆଗରୁ ପଠେଇ ଦେଇ ବ୍ୟବସ୍ଥା ସବୁ କରିବାକୁ କହିଦେଇ ଆମ ସଙ୍ଗରେ ଥଟ୍ଟା କରୁଛୁ । ଗୁରୁବାରିଆ କହିଲା, ମୁଁ ତ ବାହା ହେଇନି । ମୋ ସ୍ତ୍ରୀ ଆସିଲା ପୁଣି କୋଉଠୁ ? ଏତେ ସୁନ୍ଦର ପାଠପଢୁଆ, ଧନୀ ଘର ଝିଅ ପରି ଲାଗୁଛି । ଆମ ଗାଁ ଲୋକଙ୍କୁ ଏତେ ସୁନ୍ଦର କଥାବାର୍ତ୍ତାରେ ସମସ୍ତଙ୍କ ମନକୁ କିଣି ନେଉଛି । ଆଉ କୋଉ ଗୁଣ ତା' ପାଖରେ ଅଭାବ ଯେ, ତୁ ଆମକୁ କହିବାକୁ ଏତେ ସଙ୍କୋଚ ଲାଗୁଛି । ଆରେ ସମସ୍ତେ ତ ଆଜିକାଲି ଏମିତି ବାହା ହେଉଛନ୍ତି । ମା'ର ବର୍ଷିକିଆ ବେଳକୁ ବାହାଘର ଭୋଜି ଆଉ ବର୍ଷିକିଆ ଭୋଜି ଭଲକି ଦେଇଦେବୁ । ହେଲା, ଘରକୁ ଯାଆ ।

ଆଶ୍ଚର୍ଯ୍ୟ, ତା' କଥା କେହି ମାନିବାକୁ ନାରାଜ । ଘରକୁ ଯାଏ, କିଏ ମୋ ସ୍ତ୍ରୀ କହି ଗୁରୁବାରିଆ ଆସିଲା । ତା' ପଛରେ ମୁଁ ମ୍ନ ଆସିଲି । ବୋହୂଟିକୁ ଗୁରୁବାରିଆ ପଚାରିଲା, ମୁଁ ତ ତୁମକୁ କେବେ ଦେଖିନି, ତୁମେ ମୋ ସ୍ତ୍ରୀ କେମିତି

ହେଲ ? ମୁଁ ବୋହୂଟିକୁ ପଚାରିଲି, ଇଏ କ'ଣ ? ରହସ୍ୟ କ'ଣ ? କମଳି ଖୁଡ଼ୀର ନୀତି ଆଦର୍ଶରେ ବଢ଼ିଥିବା ପିଲା କେବେ ଏମିତି ମିଛ କହିବନି କି ଖରାପ କାମ କରିବନି । ଗରିବ ହୋଇପାରେ ସତ, କିନ୍ତୁ ଏସବୁ ତା' ପକ୍ଷେ ସମ୍ଭବ ନୁହେଁ । ଏଥିରୁ କାହା କଥା ସତ ? ବୋହୂଟି କହିଲା, ଠିକ୍ କହିଛନ୍ତି । ଆପଣ ଠିକ୍ ମଣିଷ ଚିହ୍ନିଛନ୍ତି । ପ୍ରକୃତରେ ସିଏ ସତ କହୁଛନ୍ତି । ମୋତେ ସିଏ ଦେଖିନାହାନ୍ତି କି ମୋତେ ବାହା ହୋଇନାହାନ୍ତି । ସିଏ ଜଣେ ସଚ୍ଚୋଟ, ପରୋପକାରୀ ଓ ପ୍ରଭୁ ଭକ୍ତ ଭୃତ୍ୟ । ମୁଁ ବି କେବେ ତାଙ୍କୁ ଦେଖିବାର ସୁଯୋଗ ପାଇନି । ଖାଲି ଯାହା ବାପାଙ୍କ ଠାରୁ ଶୁଣିଛି । ଘରେ ବାପା, ମା' କଥା ହୁଅନ୍ତି । ସବୁବେଳେ ଗୌରବ କଥା । ଏଥର ବି ଶୁଣି ଆଉ ରହି ପାରିଲିନି । କିଛି ନ କଲେ ହେବନି । ମୋ ବାପାଙ୍କ ଅପକର୍ମ ପାଇଁ ପ୍ରାୟଶ୍ଚିତ କରିବାକୁ ତାଙ୍କ ସ୍ତ୍ରୀ ହୋଇ ମୁଁ ଧାଇଁ ଆସିଛି ।

ମୁଁ ପଚାରିଲି, ତୁମ ବାପାଙ୍କ ପ୍ରାୟଶ୍ଚିତ ପୁଣି କ'ଣ ? ବୋହୂଟି ମୂଳରୁ ଆରମ୍ଭ କଲା । ଏ ଗୌରବ ଭୁବନେଶ୍ୱର ସହରରେ କାମ ଖୋଜି ବୁଲୁଥିଲେ । ପାଠପଢ଼ା ଟିକେ କମ୍ ବୋଇଲେ ଆଜିକାଲିର ବି.ଏ. । ଏବେ ତ ବି.ଏ.ର କିଛି ମୂଲ୍ୟ ନାହିଁ । ହଠାତ୍ ଆମ କମ୍ପାନୀର ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ଖବରକାଗଜରେ ବିଜ୍ଞାପନ ଦିଆ ଯାଇଥିଲା । ସିଏ ପାଠ ପଢ଼ି ଆମ କମ୍ପାନୀରେ ଦୁର୍ଭାଗ୍ୟବଶତଃ ଚାକିରୀ ପାଇଗଲେ । ଦିନ ପରେ ମାସ, ବର୍ଷ ଗଡ଼ି ଚାଲିଲା । ତାଙ୍କ ଘରକୁ ମାସକୁ ମାସ ଟଙ୍କା ପଠାନ୍ତି । ଏମିତି ସରଳ ପ୍ରଭୁଭକ୍ତ ଅପେକ୍ଷାରେ ଯେମିତି ମୋ ବାପା ଅପେକ୍ଷା କରିଥିଲେ । ଦରକାର ଠାରୁ ଅଧିକ ପଇସା, ସ୍ନେହରେ ମୋ ବାପା ଗୌରବଙ୍କ ସରଳ ହୃଦୟରେ ଜଣେ ପ୍ରଭୁର ଆସନରେ ପୂଜା ପାଉଥା'ନ୍ତି । ଧିରେଧିରେ ମୋ ବାପାଙ୍କ କମ୍ପାନୀର ଅପମିଶ୍ରଣ କିମ୍ବା କ୍ୱାଲିଟି କମ୍ ବାଲା ଜିନିଷ, ଡୁପ୍ଲିକେଟ୍ ଜିନିଷ ପାଇଁ ପୋଲିସ୍ ହାତରେ ଧରା ପଡ଼ନ୍ତି । ପୋଲିସ୍‌ରେ ଗୌରବଙ୍କୁ କୁହନ୍ତି ଯେ, ତୁ ତୋ ମୁଣ୍ଡ ଉପରକୁ ଦୋଷ ନେଇଯା । ମୁଁ ତୋତେ ଜେଲ୍ ରୁ ଆଣିବା ବ୍ୟବସ୍ଥା କରିଦେବି । ତୁ ବ୍ୟସ୍ତ ହେବୁନି । ଚାକିରୀ ବାହାନାରେ ଗୌରବ ଦୋଷ ନ କରି ମୋ ବାପାଙ୍କ ପାଇଁ ରୀତିମତ୍ ଜେଲ୍ ଯାଆନ୍ତି । ପ୍ରକୃତରେ ତାଙ୍କର ଚାକିରୀ ଥିଲା ଏମିତି । ବିନା ଅପରାଧରେ ଜେଲ୍ ଯିବା । ଆଉ ଦୋଷୀ ସାବ୍ୟସ୍ତ ହେବା । ଦୁନିଆ ଦାଣ୍ଡରେ ସେ ଜଣେ ଅପରାଧୀର ପରିଚୟରେ ପରିଚିତ । କିନ୍ତୁ ମୋ ବାପା ଦୋଷୀ ହୋଇ ଘରେ ଆରାମରେ ଥାଆନ୍ତି । ମୋ ମମି କିନ୍ତୁ ଗୌରବଙ୍କୁ ଦେଖିବାପାଇଁ ଜେଲ୍ କୁ କେତେ ଥର ବାପାଙ୍କୁ ନ କହିଯାଆନ୍ତି । ଖାଇବା ଜିନିଷ କିଛି ନେଇଥା'ନ୍ତି । ଗୌରବ କୁହନ୍ତି, ମା' ଏଗୁଡ଼ା କାହିଁକି ଏଠିକି ଆଣି ଆସୁଛନ୍ତି ? ଏଇ ଖାଦ୍ୟ ସିନା ଆପଣମାନଙ୍କ ଭଳି ବଡ଼ଲୋକ ମାନେ ଖାଇବେ । ମୁଁ ଏଠି ବହୁତ ଭଲ ଖାଦ୍ୟ ଖାଉଛି । ଆମ ଘରେ ମୁଁ ଲୁଣ ଲଙ୍କା ଲଗେଇ ପଖାଳ ଖାଉଥିଲୁ । ତା'ପରେ ପୁଣି ଦିନେ ଦିନେ ଖାଡ଼ା ଉପାସ ରହୁଥିଲୁ । ବାପା ଯେତେବେଳେ ଥିଲେ ସମସ୍ତେ କୁହନ୍ତି ଆମେ କୁଆଡ଼େ ଭାରି ଭଲ ଜିନିଷ ଖାଉଥିଲୁ । ମୋର ହେତୁ ପାଇଲା ଦିନୁଁ ମୁଁ କାହିଁ ଭଲ ଜିନିଷ କ'ଣ ଦେଖିନି । ଖାଇବା ଦୂରର କଥା । ଏଠି ମୁଁ ପ୍ରଥମେ ଯେତେବେଳେ ଡାଲି, ଭାତ ଖାଇଲି ମୋର ଖୁସି କହିଲେ ନ ସରେ । ମୋ ବାବୁଙ୍କୁ କହିବ ମୋ ମା' ପାଖକୁ ପଇସା ପଠେଇଦେବେ । ବିଚାରୀର ମୋ ଛଡ଼ା ଆଉ କେହି ନାହାନ୍ତି । ମୁଁ ଏଠି ଡାଲି ଭାତ ଖାଇ ଆରାମରେ ଅଛି । ସିଏ ସେଠି କ'ଣ ଖାଇଲା, ନ ଖାଇଲା ତା' ଖବର କିଏ ବୁଝିବ ? ମମି ସେଇଠୁ କାନ୍ଦି କାନ୍ଦି ଘରକୁ ଆସନ୍ତି । ତାଙ୍କୁ ଏମିତି ଜମା ଠିକ୍ ଲାଗେନି । ରାତିରେ ମୋ ପାଖରେ ଶୋଇଲା ବେଳେ ସବୁ କହନ୍ତି । ଏମିତି ଥରେ ୧୫ ଦିନ ହେବ ଜେଲ୍ ରୁ ଆସିଥା'ନ୍ତି । ତାଙ୍କ ମା'ଙ୍କର ଦେହ ଖରାପ ଖବର ଆସିଲା । ସେତିକିବେଳେ ମୋ ବାପା ତାଙ୍କୁ ବ୍ଲ୍ମ କଲେ ମେଡ଼ିସିନ୍ ଡୁପ୍ଲିକେଟ୍ କେସ୍‌ରେ ଜେଲ୍ ଯିବାପାଇଁ । ସେ ବହୁତ ଅନୁରୋଧ କରି କହିଲେ, ମୋ ମା'ର ଦେହ ଖରାପ । ମୁଁ ଏଥର ଯାଇ ପାରିବିନି । ଆଉ କାହାକୁ ଯୋଗାଡ଼ କର । ମୋ ବାପା ଏମିତି ବୁଝେଇ ଦେଲେ ଯେ, ଗୌରବର ଅନିଚ୍ଛା ସତ୍ତ୍ୱେ ବ୍ଲ୍ମ ହୋଇ ଜେଲ୍ ଗଲା । ବାପା କହୁଥା'ନ୍ତି, ବ୍ୟସ୍ତ ହେବୁନି ମା' ପାଇଁ । ପଇସା ପଠେଇ ଦେବି । ସେ ବଡ଼

ଡାକ୍ତର ଦେଖେଇ ଭଲ ହୋଇଯିବ । ସେ ଦୀର୍ଘନିଃଶ୍ୱାସଟେ ଛାଡ଼ି ଚାଲିଗଲେ । ପ୍ରକୃତରେ ତାଙ୍କ ଚାକିରୀ ଥିଲା ଏମିତି । ଗୌରବ ଜେଲ୍‌ରେ ଥିବାବେଳେ ଖବର ଆସିଲା, ତାଙ୍କ ମା' ଚାଲିଗଲେ । ବାପାଙ୍କ ମନରେ ସେମିତି କିଛି ଦୁଃଖ ଆସୁ ନଥାଏ । ମୋ ମମି ନିଜର ସଞ୍ଚୟ ପଇସା , ଗହଣା ଧରି ବାହାରି ଗଲା । ବାପାଙ୍କୁ କିଛି କହି ନଥାଏ । ଆଉ ମୋ ହାତରେ କିଛି ପଇସା ଦେଇ ଗୌରବର ଗାଁକୁ ଯାଇ ତାଙ୍କ ମା'ଙ୍କର ଅନ୍ତିମ ସଂସ୍କାରର ବ୍ୟବସ୍ଥା କରିବାକୁ କହିଲା । ମୁଁ ଆସି ସବୁ ଏପଟେ କଲି, ମୋ ମମି ସେପଟେ ଓକିଲ ଠିକ୍ କରି ବେଲ୍‌ରେ ଗୌରବଙ୍କୁ ଜେଲ୍‌ରୁ ମୁକୁଳେଇ ଆଣି ଗାଡ଼ି କରି ପଠେଇଛନ୍ତି । ମା' ମରିବା ଶୁଣି ଜେଲର୍ ଛାଡ଼ିଦେଲେ ।

ମୁଁ ଗୌରବର ଏଇ ନିଆରା ଜୀବନ ଓ ଜୀବିକା ବିଷୟ ଶୁଣି ହତବାକ୍ ହୋଇଗଲି । ଏମିତି ପୁଣି ଜୀବିକା ଦୁନିଆରେ ଅଛି ? ଶ୍ରମିକ, ଗୋଟି ଶ୍ରମିକ କେତେ କ'ଣ ପରିଶ୍ରମ କରିବା ଶୁଣିଥିଲି । ପେଟ ପୋଷିବା ପାଇଁ ହେଲେ କାହା ପାଇଁ ବିନା ଦୋଷରେ ଜେଲ୍ ଯାଇ ପେଟ ପୋଷିବା ମୁଁ ଶୁଣି ନଥିଲି । ଗୌରବଙ୍କୁ ମୁଁ ପଚାରିଲି, ତୁ ଏମିତି ଚାକିରୀ କାହିଁକି କରୁଥିଲୁ ? ଗୌରବ କହିଲା, ଏକରେ ଚାକିରୀ ମିଳୁ ନଥିଲା । ମୁଁ ଚାକିରୀ ପାଇବା କଥା ଶୁଣି ମୋ ବୋଉ କେତେ ଦିଅଁଙ୍କୁ କେତେ କ'ଣ ମାନସିକ ପୂରଣ କରି ପକାଇଲା । ତା' ଖୁସି କହିଲେ ନ ସରେ । ବାପା ମରିବାର ଦୁଃଖ କିଛି ମାତ୍ରାରେ ମୋ ବୋଉ ମନରୁ ଲିଭେଇ ପାରିବି ବୋଲି ଭାବିଲି । ବୋଉ କହିଥିଲା, ବାହାରକୁ ଯାଉଛୁ, କାହାକୁ ଦରକାର ପଡ଼ିଲେ ସାହାଯ୍ୟ କରିବୁ । କିନ୍ତୁ କାହାକୁ ସାହାଯ୍ୟ କରିବୁ ବୋଲି ଚୋରି, ଡକାୟତି କି ଖୁନ୍ କରିବୁନି । ମାଲିକର ଇମାନଦାର ହୋଇ ସବୁବେଳେ ରହିବୁ । କାରଣ ସେ ଆମର ଅନ୍ନଦାତା, ମାଲିକ । ତେଣୁ ମୋ ମାଲିକ ଜେଲ୍ ଯିବେ, ମୁଁ କେମିତି ସହି ପରିବି ? ତେଣୁ ମୁଁ ବୋଉ କଥାକୁ କେମିତି ମାନି ନଥା'ନ୍ତି ? ମାଲିକ ମୋର ହଜାର ହଜାର ଲୋକଙ୍କର ଅନ୍ନଦାତା । ସିଏ ଚାଲିଗଲେ ଆମ ସମସ୍ତଙ୍କର ଚୁଲି ଜଳିବନି । ବୋହୂଟି କହିଲା, ସତରେ ତମ ବାପା, ମା' ଧନ୍ୟ ହୋଇଛନ୍ତି ତୁମ ଭଳି ପୁଅକୁ ଜନ୍ମ ଦେଇ । ଅଥଚ ମୋ ବାପାଙ୍କର ଝିଅ ବୋଲି କହିବାକୁ ନିଜକୁ ଘୃଣା ଲାଗୁଛି । ହଜାର ହଜାର ଲୋକଙ୍କୁ ଠକି ନିଜ ଦୋଷକୁ କାହା ଉପରେ ଲଦି ଦେଇ ନିଜେ ରାଜମହଲ ପରି ଘରେ ବିଳାସ ବ୍ୟସନରେ ଦିନ କାଟୁଛନ୍ତି । ଏତେ ବଡ଼ ପଦରେ ଲୋକେ ତାଙ୍କୁ ବସାଇଛନ୍ତି । ହେଲେ କେତେ ନିରୀହଙ୍କ ଲୁହ, ଅସ୍ଥି, କଙ୍କାଳରେ ତାଙ୍କ ସିଂହାସନ, ଗାଡ଼ି, ବଙ୍ଗଳା ତିଆରି ତାହା କେବଳ ତାଙ୍କୁ ଜଣା । ଏମିତି ଲୋକର ଝିଅ ହେବା ଅପେକ୍ଷା ମୁଁ ଗୌରବଙ୍କ ଏଇ ଭଙ୍ଗା କୁଡ଼ିଆର ସ୍ତ୍ରୀ ହେବା ପାଇଁ ଚାହେଁ । ମୋର ସେ ପାପ ଧନ କିଛି ଦରକାର ନାହିଁ । ତାଙ୍କ ଧନ ଦୌଲତକୁ ମୁଁ କେବେ ବି ଗ୍ରହଣ କରିବିନି । ସିଏ ମଲା ପରେ ତାଙ୍କ ପ୍ରାୟଶ୍ଚିତ ପାଇଁ ମୁଁ ଏଇ ଗାଁରେ ସ୍କୁଲ୍, ମେଡ଼ିକାଲ୍, ଅନାଥାଶ୍ରମ କରିଦେବି । ମୁଁ ପାଠ ପଢ଼ିଛି, ତୁମେ ବି ପଢ଼ିଛ । ଆମେ କ'ଣ ଆମ ପାଇଁ ଖାଇବା, ପିଇବା ଯୋଗାଡ଼ କରି ପାରିବାନି ? ନିଜ ପରିଶ୍ରମରେ ଧନ ଉପାର୍ଜନ କରି ଖାଇବାରେ ଯେଉଁ ଶାନ୍ତି ଓ ଆନନ୍ଦ, ଯିଏ ଖାଇଛି, ସିଏ ଜାଣିଛି । ବହୁତ ଭରସାରେ ମୁଁ ଆସିଛି । ତୁମେ କି ମୁଁ ଆଉ ସେ ପାପ ମହଲକୁ ଫେରିବାନି । ଗୁରୁବାରିଆକୁ ମୁଁ ପଚାରିଲି, ତୁ' କ'ଣ କହୁଛୁ ? ବୋହୂ ପ୍ରସ୍ତାବରେ ତୁ' କ'ଣ ରାଜି ? ଗୁରୁବାରିଆ ଟିକେ ହସିଦେଲା ।

ଦୁନିଆରେ ଏମିତି ଧନୀ ଲୋକ ଅଛନ୍ତି, କାମ ଦେବା, ଚାକିରୀ ଦେବା, ଦାନାପାଣି ଦେବା ବାହାନାରେ ଏମିତି କାମରେ ନିୟୋଜିତ ନ କରନ୍ତୁ । କାମ ଦେବାପାଇଁ ଯଦି ତୁମର ସକ୍ଷମ ନାହିଁ, କାହା ଖରାପ ସମୟର 'ଇଦା ଉଠାଅ ନାହିଁ । ପଇସା କହାପାଇଁ ରଖିବ ? କାହା ପାଇଁ ଧନ ରଖିବ ? ନିଜ ଛୁଆ ପାଇଁ ନା ? ଛୁଆ ଯଦି ସେ ଧନକୁ ଭୋଗ ନ କରିପାରେ ? ଗଣ୍ଡେ ଖାଇ ସାଧାରଣ ଜୀବନ ବଞ୍ଚିବା ବରଂ ଭଲ । ଏମିତି ଅନେକ ଲୋକଙ୍କର ଲୁହ, କୋହ ଆଉ ଅଭିଶାପର ଧନ, ସମ୍ପତ୍ତିରେ ବଞ୍ଚି ଲାଭ ବା କ'ଣ ? ନିରୀହ. ସଚ୍ଚୋଟ ମାନଙ୍କୁ ଦୋଷୀ ସଜାଇ ଦିଅନାହିଁ ।

*-ନୂଆପଡ଼ା, ବାଲିସାହି, କଟକ*

# ମାଟି ମଣିଷର ବ୍ୟଥା

- ଗୀତା ଦାସ

ସ୍ୱପ୍ନରେ ତ ମଣିଷ ବଂଚେ । କିନ୍ତୁ ନେତ୍ରାନନ୍ଦ ସ୍ୱପ୍ନରେ ବଂଚିବା ପାଇଁ ଅନେକ ଭରଷା ରଖିଥିଲା । ଗତବର୍ଷ କପାଚାଷ ଭଲ ହୋଇଥିଲା । ଅମଳ ବେଳେ ସବୁ ଓଲଟ ପାଲଟ । ଗଲା ସବୁ ଉଜୁଡି । ହରି ସାହୁ ଦୋକାନରେ ବରାଦିଆ ବାଲିଘାଟ (ସପନୀ ପାଇଁ) ଆଉ କାହା ଘରକୁ ଚାଲିଯାଉଥିଲା । ଚାଷୀଘରର ପିଲା । ଚାଷ ହେଉଛି ଜୀବନ । ନେତ୍ରାନନ୍ଦ ଭାଗ୍ୟରେ ଚାଷ ନଥିଲା । ଆଜି କାଲି ଯା'ର ଚାଷ ତା'ର ସର୍ବନାଶ । ବରଂ ବ୍ୟବସାୟ କରିଥବଲେ । ଦୁଇ ପଇସା ହୋଇଥିଲା । ସହରରେ ରହି ସହରୀ ଜୀବନ ବିତଉଥାନ୍ତା । ଗାଁର ମାଟି କାଦୁଅ ଠାରୁ ଦୂରେଇ ଯାଇଥାନ୍ତା, ନିଜେ ତ ବିପଦକୁ ବରଣ କରିଛି । କାହାକୁ ବା ସେ ଏ କଥା କହିବ ।

ଏଥରକ ଧାନ ଗଣ୍ଡା ଭଲ ହୋଇଛି । ଠିକ୍ ସମୟରେ ବର୍ଷା ହେଇଛି । ଦୁଧିଆ ଧାନକେଣ୍ଡା ଜମିରେ ଦୋଳି ଖେଳୁଥିଲା । ହସନ୍ତା ଧାନ ଫସଲକୁ ଦେଖି ନେତ୍ରାନନ୍ଦ ଖୁସିରେ ବିଭୋର ହୋଇ ଯାଉଥିଲା । ନବାନ୍ନ ବେଳକୁ ଧାନରେ ମାଆର ପୂଜାଲାଗି କରିଥିଲା । ଭାବୁଥିଲା ନେତ୍ରାନନ୍ଦ ଏଥରକ ଧାନ କପାଭଳି ଧୋକା ଦେବନି । ଧାର କରଜ ହାତ ଉଧାରି ପମ୍ପସେଟ୍ ଭଡା ଇତ୍ୟାଦି ଖର୍ଚ୍ଚ ବାବଦ ସପନୀର ନାଲିପାଟ ହୋଇପାରିବ । ପୁଅ କେତେଥର ଅଳି କଲାଣି ଉଡାଜାହାଜଟିଏ ପାଇଁ । ଗାଁ ଦାଣ୍ଡରେ ଉଡାଇବ । ଅମଳ ପରେ ସମସ୍ତ ଫରମାଇସ୍ ପୂରଣ ହେବ ।

ନିଇତି ନେତ୍ରାନନ୍ଦ ଗାଧୋଇ ପାଧୋଇ ଗାଁ ଠାକୁରଣୀ ମାଆ ଭୁଆସୁଣୀଙ୍କ ପାଖରେ ପହଁଚେ । ଗୁହାରୀ କରେ ତୋ ପୁଅର ଦୁଃଖ ଦୂର କରିଦେ ମାଆ, ବଂଚିଥିଲା ପର୍ଯ୍ୟନ୍ତ ତୋ ସେବା କରିବି । ପରିଶ୍ରମର କ'ଣ ମୂଲ୍ୟ ନାହିଁ ।

ଗତବର୍ଷ ବ୍ୟାଙ୍କରୁ ଦୁଇ ପଇସା ସୁଧରେ ଋଣ କରିଥିଲା । କି ଚଡକ ପଡିଲା କେଜାଣି ଦିନେ ଦୁଇ ଦିନ ଭିତରେ କପାଫୁଲ ସବୁ ଝଡି ପଡିଲା । କୃଷି ଅଫିସରଙ୍କୁ ସେ ଏକଥା ଜଣାଇଥିଲା । କୃଷି ଅଫିସର କହିଲେ ନେତ୍ରାନନ୍ଦ ଏସବୁ ଦୈବୀଦୁର୍ବିପାକ । ଏଥିରେ କାହାର ହାତ ଅଛି କହିଲୁ ମନ ବୁଝିବା ଭଳି ଔଷଧ ଛିଂଚନ କରିବା ଔଷଧ ମଧ ଦେଇଥିଲେ । କିନ୍ତୁ ହାୟ.... ସେ ସବୁ କେବଳ ମନର ଓଜନକୁ ଓହ୍ଲାଇବା ପାଇଁ ।

ସପନୀ ନେତ୍ରାନନ୍ଦର ସ୍ତ୍ରୀ । ସ୍ତ୍ରୀ ହିସାବରେ ତା ପରିବାର ପାଇଁ ବହୁତ କିଛି କରିଛି । କଷ୍ଟ ସହି ଖରା ବର୍ଷାରେ ମାଟିରେ ମାଟି ହୋଇଛି । ପୁରୁଷ ଲୋକ ଭଳି ମେହେନତି ଉଠାଇଛି । କାନ୍ଧରେ କାନ୍ଧ ମିଳାଇଛି ସ୍ୱାମୀର । ସବୁ ଭାଗ୍ୟ । ଲଢ଼େଇରେ ଯିଏ ଜିତିଲା ସେ ଭାଗ୍ୟବାନ ।

ନେତ୍ରାନନ୍ଦର ସାନ ଭାଇ ଚାଷବାସରେ ବହୁତ କ୍ଷତି ହେଲା ବୋଲି ସହରକୁ ଚାଲିଗଲା । ସହରରେ ଘର ଭଡା ନେଇ ତେଜରାତି ଦୋକାନ କରିଛି । ଉଧାର କରି ଗରାଖ ନିଅନ୍ତି । ମାସ ଶେଷକୁ ପଇସା ଦିଅନ୍ତି । ସେଥିରେ ସେ ପରିବାର ଭଲରେ ଚଳାଉଛି । ଅଥଚ ନେତ୍ରାନନ୍ଦ ମାଟି କାମୁଡି ଗାଁରେ ରହିଲା । ମାଟି ମାଆକୁ ଛାଡି ଯିବ କୁଆଡେ । ସାତପୁରୁଷର ଭିଡାମାଟିକୁ ସେ କ'ଣ ଗୋଡରେ ଗୋଇଠା ମାରି ପାରିବ ! ଏଇ ଜମି ପରା ବାପା ଦାଦା କରି ଦଶ ଜଣଙ୍କୁ ପୋଷୁଥିଲା । ଏବେ ମାଟି ଉପରେ କାହାର କୁଦୃଷ୍ଟି ପଡିଲା କେଜାଣି ସାର ଗୋବର ଖତ ଉନ୍ନତ ଧରଣର ବିହନ କେଉଁଥିରେ ସେ ତ ହେଳା କରିନି, ତେବେ ଯାକୁ ଭାଗ୍ୟ କହିବନି ତ ଆଉ କ'ଣ କହିବ ?

ନେତ୍ରାନନ୍ଦ କପାଳରେ ବୋଧେ ଚାଷ ନାହିଁ । ପିଲାବେଳେ ବୋଉ ଅନେକ ଥର କହିବାର ଶୁଣିଛି ଆମ ନେତୁଆର ହାତ ଭଲ । ଯେଉଁଠି ମଞ୍ଜିଟିଏ ପୋତିଦେବ ଛାଆଁ କୁ ଛାଆଁ ଗଛ ବଡ ହୋଇଯିବ । ହେଇ ଏବେ ଦେଖ ମାତା ପୋଖରୀ ପାଖରେ ଯେଉଁ ଆମ୍ବ ପଣସ ଜାମୁ ଗଛ ସବୁ ତାର ହାତଗଡା ।

ସପନୀ ବହୁତ ସହିଲାଣି । ଆଜି ଭଲ ଅଛି ମନ୍ଦ ଅଛି । ପରିବାରକୁ ଟାଣି ଘୋଷାରି ଚଳାଇନିଏ । କେବଳ ଜିଭ ଲେଉଟାଇ ପଦେ ପଦେ ଟାଣ କଥା କହେ । ନେତ୍ରାନନ୍ଦକୁ ବଳ ଦିଏ । ସିଧା କରି ଠିଆ କରାଏ । ଦୁଃଖପରେ ସୁଖ ଥାଏ ସବୁ କଥାରେ ଛାଁନିଆ ବ୍ୟତିବ୍ୟସ୍ତ କେଉଁଥି ପାଇଁ ? ସବୁ ସେଇ କପାଳ, ଆଉ କାହା

ଉପରେ ଦୋଷ ଦେଇ ଲାଭ କ'ଣ ?

ସବୁ ଦୁଃଖ ଭୁଲିବାକୁ ଚେଷ୍ଟା କରୁଥିଲା । ଧାନ ଗଛ ସବୁ ଜମିରେ ଲହଡି ମାରୁଥିଲେ । ଜମି ପାଖରେ ଘଡିଏ ବସିଲେ ଅନେକ କିଛି ଭାବନା ତାକୁ ଉଖୁରାଏ । ସୁରମେଲାଇ ଗୀତ ଗାଇ ବସେ । ନେତ୍ରାନନ୍ଦ ଝୁଲୁଛି ଧାନକେଣ୍ଡା ନୁହେଁ । ଧାନ କେଣ୍ଡା ହସୁନି ତା ପୁଅ କୁନୁଆ ହସୁଛି । ସକାଳର ସୂର୍ଯ୍ୟକିରଣ ଧାନ କେଣ୍ଡା ଦେହରେ ନାଲିପାଟ ଗୁରେଇ ହୋଇଯାଏ । ନେତ୍ରାନନ୍ଦକୁ ଲାଗିଲା ଯେମିତି ସପନୀ ତା ଅଖି ଆଗରେ ନାଲିପାଟ ପିନ୍ଧି ପଚାରୁଛି ଦେଖିଲ କେମିତି ମାନୁଛି ମତେ । ସପନୀ ଖୁସିରେ ଗୀତ ଗାଇ ଗାଇ ଜମି ବନ୍ଧରେ ଚାଲୁଛି । ସଂଗୀତର ମୂର୍ଚ୍ଛନା ଚାରିଆଡେ ଖେଳିଯାଉଛି ପବନର ଆବାହନୀ ସଂଗୀତରେ ମାଟି ମାଆ କୋଳରେ ଶୋଇଯାଇଛି ନେତ୍ରାନନ୍ଦ ।

ସନ୍ଧ୍ୟା ହେଲେ ଘରକୁ ଆସେ ନେତ୍ରାନନ୍ଦ, ସ୍ୱପ୍ନର ବିଚାର କରେ । ସପନୀ ବୁଝାଏ ସ୍ୱପ୍ନର ହାତ ଗୋଡ ନାହିଁ । ସ୍ୱପ୍ନ କିନ୍ତୁ ଓଲଟି ପାରେ । କଡ ଲେଉଟାଏ ସ୍ୱପ୍ନ । ସ୍ୱପ୍ନ ଧୋକାଦିଏ । ଅତଳ ସାଗର ଗର୍ଭକୁ ଠେଲିଦିଏ । ଛଟପଟ କରେ । ରୋଗୀ କରି ଦିଏ । ଯନ୍ତ୍ରଣା ଦିଏ । ଦୁଃଖର ଓଙ୍କାର ଧ୍ୱନି ଶୁଣାଏ । ତମେ କ'ଣ ଜାଣିନ ? ରାତି ପାହିଲେ ରାମଚନ୍ଦ୍ର ରାଜା ହୋଇଥାନ୍ତେ, ହେଲା କ'ଣ ? କେଉଁ ଘରର ସୌନ୍ଦର୍ଯ୍ୟରେ ବିଭୋର ହୋଇଥିଲେ ସମସ୍ତେ । ଦିନେ ଧ୍ୱଂସସ୍ତୁପ ସହରକୁ ଆସି ଖୋଜିବି ତମେ ଆଉ ତମର ବାସସ୍ଥାନ ।

ଗାଁରେ ଶୁଣିଲା ଆସନ୍ତା ଦଶ ତାରିଖ(ଅକ୍ଟୋବର) ତିତିଲି ଆସୁଛି । ଉପକୂଳ ଛୁଇଁବ । ସ୍ଥଳଭାଗ ଛୁଇଁଲା ବେଳକୁ ଦୁର୍ବଳ ହୋଇଯିବ । ରେଡିଓ ଟିଭି ବାରମ୍ବାର ଜଣାଉଛି, ତିତିଲି ଆସିଲା ଗଲା । ଗଜପତି ଜିଲ୍ଲାର କେରାରଣ୍ଡି ଗାଁକୁ ଧ୍ୱଂସବିଧ୍ୱଂସ କରିଦେଲା । ଏକର ଏକର ଜମିରେ ଲୁଣାପାଣି ମାଡିଗଲା । ଜମିବାଡି ଉଜୁଡି ଗଲା । ଲୋକେ ଘରୁ ବାହାରି ପାରୁନାହାନ୍ତି ଦୁଇଦିନ ହେଲାଣି । ରିଲିଫ୍ ଗାଁକୁ ଆସୁଛି ।

ହାତ ଯୋଡିଲା ନେତ୍ରାନନ୍ଦ । ମାଲୋ ତୋ ଦୟା ଗାଁ ଆଡେ ଟିକିଏ ସୁଦୃଷ୍ଟି ପକା । ତୋ ଜନ୍ତାଳକୁ କଳା ବୋଦା ଭେଟି ଦେବି ।

ବର୍ଷା ପବନ ଟିକିଏ କମିବାରୁ ନେତ୍ରାନନ୍ଦ ଚାଷଜମି ପାଖକୁ ଗଲା । ଆରେ ଇଏ କ'ଣ ? ସର୍ବନାଶ ଚାରିଆଡେ ଭରାପାଣି । ସତେ ଯେମିତି ଛୋଟ ସମୁଦ୍ର । ଧାନଗଛ ସବୁ ପାଣି ପିଇ ପିଇ ଛିନଛତର । ଇଏତ ଚକଡା ପୋକ ଠୁ ବି ଭୟଙ୍କର । ନେତ୍ରାନନ୍ଦର ଆଖି ଫୁଟିଗଲା ଭଳି ଲାଗିଲା । ବାୟାପାଗଳା ହୋଇ ଏଣେ ତେଣେ କାଳିସୀ ଲାଗିଲା ଭଳି ନାଚିଲା । ସପନୀ ତାକୁ ସମ୍ଭାଳିବ କେତେ ? ପାଂଚହାତିଆ ମରଦଟା ଗୋଟିଏ ଦିନରେ ସଜନା ଖାଡି ହେଲାଣି, ଦେହରୁ ଯେମିତି କିଏ ରକ୍ତ ସବୁ ଶୋଷି ନେଉଛି । ଗାଁର ବୁଧିଆ ନନା, ନରୁଲା ଭାଇ, ପାକୁଆ ଜେଜେ ସମସ୍ତେ ମିଶି ଟେକି ଆଣିଲେ ଘର ଭିତରକୁ । ମୂର୍ଚ୍ଛା ଯାଉଛି ନେତ୍ରନନ୍ଦ । ଚେତା ଯାଉଛି ପୁଣି ଫେରୁଛି ।

ପ୍ରବୋଧନା ଦେଉଛି ସପନୀ । ତମେ ଅଛ ମୁଁ ଅଛି ପୁଅ ଅଛି ଏତିକି ଯଥେଷ୍ଟ । ଆଜି ନାହିଁ କାଲି ସକାଳେ ସବୁ ହେବ । ବ୍ୟସ୍ତ ହେଲେ କ'ଣ ହେବ ? ଅଧର୍ଯ୍ୟ ହେଲେ ପରିବାର ଖଣ୍ଡ ବିଖଣ୍ଡିତ ହେବ । ତମେତ ସବୁବେଳେ କୁହ ପ୍ରଭୁ ତବ ଇଚ୍ଛା ପୂର୍ଣ୍ଣ ହେଉ, ତେବେ ଅଟକୁଛ କାହିଁକି ?

ନେତ୍ରାନନ୍ଦ କିଛି ଶୁଣୁନି କିଛି ବୁଝୁନି । ମାଟି ସଂଗେ ମାଟି ହେଇଛି । କାଦୁଅରେ ଲଟପଟ ହେଇଛି । ଧାରା ଶ୍ରାବଣରେ ଗାଧୋଇ ପଡିଛି । ଆଜି ତା' ହେଲେ ସେ ପରାସ୍ତ ସୈନିକ ବୁଝିଛି କେବଳ ତାର ସ୍ଥିତି ଅଛି ତାକୁ କ'ଣ କରିବାକୁ ହେବ । ସେ କ'ଣ ସରକାରଙ୍କର କ୍ଷତି ପୂରଣକୁ ଅପେକ୍ଷା କରିବ । ବିଲକୁ ପୁଣି ଥରେ ଉଠିଆ କରିବ ।

କୃଷି ବିଭାଗ ନେତ୍ରାନନ୍ଦକୁ ବିହନ ଦେଲାବେଳେ କେତେ ପ୍ରକାରର ଜିନିଷ ଦେଇଥବଲେ । ସାର କୀଟନାଶକ ଔଷଧ ସ୍ପ୍ରେ ପାଣି ଛିଂଚନ ଯନ୍ତ୍ର, ତା ନିଜର ବି ପାଣି ଡା ଯନ୍ତ୍ର ଅଛି । ବେଳେ ବେଳେ ତେଣ୍ଡା ସାହାର୍ଯ୍ୟରେ ପାଣି ମଡାଏ । ସବୁତ ଅଛି, ଏସବୁ ତାର କେଉଁ କାମରେ ?

ସବୁକୁ ସେ ସାଇତି ରଖିଥିଲା । ଏଗୁଡିକ ତାର ଗଣ୍ଠିଧନ । ଗଜପତି ଜିଲ୍ଲାର ଅନେକ ଚାଷୀ ଏପରି କ୍ଷତି ସହିଛନ୍ତି । ରିଲିଫ୍ ପାଇଁ ହାତ ବଢ଼େଇଛନ୍ତି । ସହାୟତା କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି । ହାତ ପତେଇ ଦୁଇଓଳି ଖାଇବା ମାଗିଛନ୍ତି । ସପନୀ ବି ପୁଅକୁ ଧରି ସେ ଆଡକୁ ଧାଇଁଛି । ସବୁ ସିଏ ଦେଖୁଛି । ସେଠାକୁ ସେ ଯିବନି ? କାହିଁକି ଯିବ ପେଟ ଚାଖଣ୍ଡକ ଭରିବ ବୋଲି । ନେତ୍ରାନନ୍ଦର ଆଖି ଲୁହରେ ଭର୍ତି । ବେକର ଶିରା ଦୁଇଁ ହୋଇ ଦୁଇ ଫାଳ ହୋଇଗଲାଣି । ଶିରାଳ ହାତର ଦମ୍ଭ ପରୀକ୍ଷା

ପରୀକ୍ଷା ଦେଇ ସାରିଲାଣି । ସେ ଯିବନି ମାନେ ଯିବନି । ସେ ଭିକ୍ଷା ଗ୍ରହଣ କରିବନି ମାନେ କରିବନି । ଜୀବନ ଥିଲେ ଭାଇ ହାତ ପାତିବା ନାହିଁ ହାତ, ମଣିଷ ପରି ଦିନେ ମଣିଷ ହୋଇବାତ । ସେ ଭିକାରୀ ନୁହେଁ । ମେହନତିର ମଣିଷ ଉହଡହ ଖରାରେ ଶ୍ରାବଣ ମୁଖୀ ବର୍ଷାରେ ସେ କାମ କରିଛି । ମାଟି ସଂଗେ ମାଟି ହୋଇଛି । ତାର ପାଉଣା କ'ଣ ଏଇୟା, ଏସବୁ ଅଭିମାନ ବନ୍ୟାରେ ନେତ୍ରାନନ୍ଦ ଭିଜିଗଲା ।

ମନରେ ଯୁଦ୍ଧ ଲାଗିଛି ଗୋଟିଏ ପଟେ ମନ, ଅନ୍ୟ ପଟେ ବିବେକ । ଯୁଦ୍ଧ ଲାଗୁଥାଏ କିନ୍ତୁ ମାଟି ମାଆ ଆଜି ଛିନଛତର, କିଏ ସହିବ ମାଆର ଏ ରୂପକୁ । ଭୁଲୁଣ୍ଠିତା ମାଆକୁ । ସେ କାହାକୁ ଭୁଲିବ ? ଭଲ ପାଉଥିବା ଜମିକୁ । ସପନୀ ଆଉ ପୁଅର ଫରମାଇସ୍‌କୁ । ସେ ତ ଇନ୍ଦ୍ରପ୍ରସ୍ଥ ମହଲର ସ୍ୱପ୍ନ ଦେଖିନଥିଲା । ସାଧାରଣ ମଣିଷଭଳି ଚଳିବାର ଆବଶ୍ୟକତାର ସ୍ୱପ୍ନ ଦେଖିଥିଲା । ବିଧାତା ତାପାଇଁ ନିଷ୍ଠୁର । କିଦୋଷ ଦେଖିଲେ ଈଶ୍ୱର ତା ଠେଇଁ ।

ସପନୀ ତାକୁ ଅନେକ ଭରସା ଦେଇଛି । ଚାଷୀର ଜୀବନ ଚାଷ, ତାକୁ ଛଡାଇଲେ ମଣିଷ ପ୍ରାଣଶୂନ୍ୟ ହୋଇଯିବ । ଚାରିଆଡେ ଅନ୍ଧାର । ବହଳ ବହଳ ଅନ୍ଧାର ଭିତରେ ନେତ୍ରାନନ୍ଦ ବୁଡିଯାଉଛି । ଭୀଷଣ ଶୋଷ । ତଂଟି ଶୁଖିଯାଉଛି । ଚାରିଆଡେ ତ ପାଣି । ନେତ୍ରାନନ୍ଦ କାହିଁକି ଶୋଷ ମେଂଟାଇ ପାରୁନି । ଦେଖିଲା ପୋକମରା ଔଷଧର ବୋତଲ ପାଣିରେ ଭାସୁଛି । ଦୌଡିଯାଇ ତାକୁ ସାଉଁଟି ଆଣିଲା । ଢ଼କ ଢ଼କ କରି ଏକାଥରକେ ପିଇଦେଲା । ହିଡ ଉପରେ ବସି ପ୍ରଶାନ୍ତିର ହସଟିଏ ହସିଲା ସେ ହସରେ କୌଣସି କୃତ୍ରିମତା ନଥିଲା ।

ତା' ପରେ.............!

*ଚିନ୍ମୟ ମିଶନ ପାଖ,*
*ଫିରିଙ୍ଗି ବଜାର, କଟକ-୯*



# ପ୍ରେମର ବୟସ ନାହିଁ

*- ଦେବାଶିଷ ମିଶ୍ର*

ପୁରୁଣା ଦିନର ଘଟଣା ମୋର ଗୋଟିଏ ଗୋଟିଏ ମନେ ପଡି ଯାଉଛି । ବାପା ଜଣେ କୃଷକ, ଆମର ବହୁତ ଜମିବାଡି ଥିଲା । ଗୌତିଆ ଘର ବୋଲି ଗାଁରେ ଆମର ପରିଚୟ ଥିଲା । ବାପା ଚାଷ ସାଙ୍ଗକୁ ବେପାର ମଧ୍ୟ କରୁଥିଲେ । ଗାଁର ଫସଲ ଆମର ସହରରେ ବିକ୍ରି ହେଉଥିଲା । ମୋତେ ଗାଁ ଲୋକମାନେ ଗୋନ୍ତିଆଙ୍କ ଘର ପୁଅ ବୋଲି ବହୁତ ଆଦର କରୁଥିଲେ । ଆମ ଗାଁରେ ବର୍ଷସାରା ଚାଷ ଚାଲୁଥିଲା । ମାଛ ମଧ୍ୟ ଚାଷ ହେଉଥିଲା । ଗାଁ ପାଖ ଦେଇ ନଦୀ ଯାଇଥିବାରୁ ଆମର କିଛି ଅସୁବିଧା ନଥାଏ । ଖରା ଦିନେ ନଦୀ ପାଣିକୁ କେନାଲକୁ ମୁହାଁଇ ଚାଷ ହେଉଥିଲା ।

ଆମ ଘରେ କିଛି ଲୋକ କାମ କରୁଥିଲେ, ଯେଉଁମାନେ ଘର କାମଠାରୁ ଆରମ୍ଭ କରି ବିଲ ଆଉ ବେପାର କଥା ମଧ୍ୟ ବୁଝାବୁଝି କରୁଥିଲେ । ମଦନ ବୋଲି ଜଣେ ଆମ ଟ୍ରାକ୍ଟର ଡ୍ରାଇଭର ଥିଲା । ତା' ସ୍ତ୍ରୀ ପିଲା ସବୁ ଆମ ଘର ପାଖରେ ରହୁଥିଲେ ତାଙ୍କରି ଝିଅ ରୂପା । ପିଲାଟି ଦିନରୁ ମାମୁଁ ଘରେ ରହି ପଢୁଥିଲି । ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପରେ ଗାଁକୁ କିଛି ଦିନ ପାଇଁ ଯାଇଥିଲି ।

ମୋର ଗାଁକୁ ଆସିବାର ତିନି ଦିନ ହେଇଯାଇଥିଲା । ସେଦିନ ମୁଁ ନଈକୁ ଗାଧୋଇ ଯାଇଥିଲି । ଆଉ ଗାଧୁଆ ତୁଠରେ ରୂପାକୁ ପ୍ରଥମ ଥର ଦେଖି ଥିଲି । ସେତେବେଳେ ସେଠି ରୂପାର କୋଣାର୍କର ଅଦଭୁତ ପ୍ରତୀମା ମାନଙ୍କର ପରି ରୂପ ଲାବଣ୍ୟକୁ ଦେଖି ମୋ ମନ ଲାଗି ଯାଇଥିଲା ତା'ରି ଠାରେ ।

ପ୍ରଥମ ଦେଖାରେ ତାର ଓଦା ସରସର ଲୁଗା ଆଉ ତାର ସିକ୍ତ କୁଆଁରୀ ଦେହର ସୁନ୍ଦରତା ତ ମୋ ଦେହରେ କିଛି କିଛି ଅପୂର୍ବ ଅନୁଭବ ଆଣି ଦେଇଥିଲା । ସେଇ ଦିନ ପରେ ତା ସହ ଅନେକ ଥର ରାସ୍ତାରେ ଭେଟ ହେଇଚି, ସେ ମୋତେ ପ୍ରେମଭରା ଆଖିବରେ ଚାହେଁ, ହେଲେ ମୋର ତାକୁ ଦେଖିଲେ ସାହସ ପାଏନା ତା ସହିତ କଥା ହେବା ପାଇଁ । ବହୁତ ଡର ଲାଗେ, ହେଲେ ମୁଁ କିଛି ଦିନ ପରେ ଦିନେ ପୁରା ନିଶ୍ଚିତ ଭାବିନେଇ ଥିଲି ଯେ ତାକୁ ଦେଖା କରି ମୋ ମନ କଥା କହିଦେବି । ଆଉ ସେହି ଦିନ ନଈକୁ ଯାଇଥିବା ସମୟରେ ସେଠି ସେ ଦେଖା ହେଲା । ମୋ ଛାତି ଭିତରେ ବହୁତ ଭୟ ଥିଲେ ସୁଦ୍ଧା ମୁଁ ଡରି ଡରି ତାକୁ ସେଠି ଆଇ...ଲଭ୍ ....ୟୁ... କହି ଦେଇଥିଲି । ସେ ପ୍ରଥମେ ମୋତେ ଟିକେ ଚାହିଁଲା ଆଉ ମୋତେ କିଛି ନକହି ଚାଲିଗଲା । ମୁଁ ତ ଡରି ଯାଇଥିଲି । ତାକୁ ଆଉ କିଛି କହିବାକୁ ମୁଁ ସାହାସ କରି ପାରିଲି ନାହିଁ । ସେ ପଛକୁ ଅନାଇ ଥରୁଟିଏ ଚାହିଁଲା ନାହିଁ । ମୁଁ ତା ଉତର ନ ପାଇଁ ବହୁତ ହଇରାଣ ହେଇଗଲି, ଭାବିଲି ତାଙ୍କ ଘରକୁ ଯିବି, ଦି ପହରେ ତାଙ୍କ ଘରକୁ ଗଲି । ତା ବାପା ବୋଉ ଥିଲେ । ମୋତେ ତାଙ୍କ ଘରେ ଦେଖି ଭାରି ଖୁସି ହେଲେ, ମୋତେ ବହୁତ କିଛି ଖାଇବାକୁ ଜାଚିଲେ ହେଲେ ମୁଁ ଖାଇବା ପାଇଁ ମନା କଲି । ମୋତେ ଆସିବାର କାରଣ ପଚାରିବାରୁ ମୁଁ ବାସ୍ ବୁଲି ଆସିଛି ବୋଲି କହିଦେଲି । ରୂପା ମୌନ ହେଇ ସବୁ ଶୁଣୁଥିଲା, ତା' ବାପାଙ୍କର ବାହାରକୁ ଯିବା ସମୟ ହେଇଗଲା ଆଉ ତା ମା ମଧ୍ୟ ଘର ପଛ ପଟ କୂଅକୁ ପାଣି ଆଣିବାକୁ ବାହାରିଗଲେ । ମୋତେ ରୂପା ସହ ସୁଖ ଦୁଃଖହେବା ପାଇଁ କହିଗଲେ । ସମସ୍ତେ ଯିବା ପରେ ମୁଁ ଭୟ ମନରେ ରୂପା ପାଖକୁ ଗଲି ଆଉ ତା ମନ କଥା ପଚାରିଲି । ସେ ହସିକି ମୋତେ ଉତର ଦେଲା- ସେଇଟା କ'ଣ ସମ୍ଭବ ?

ତାର ଏଇ ଟିକିଏ କଥାଟା ମୋ ମନରେ ପ୍ରଶ୍ନବାଚୀ ସୃଷ୍ଟି କଲା । ମୁଁ ତାକୁ ବୁଝେଇଲି ବହୁତ କଥା କହିଲି ହେଲେ ସେ ତାର ଘର ପରିସ୍ଥିତି ଆଳରେ ମୋ କଥାରେ ରାଜି ହେଲାନି । ଆମ ସମ୍ପର୍କ ନେଇ ତା' ବାପା ଆଉ ମୋ ବାପା ଭିତରେ କଳି କଜିଆ ହଉ ସେ ଚାହୁଁ ନଥିଲା । ସେ ସିଧା ସିଧା କହିଦେଲା ତାଙ୍କ ଘର ମୋ ବାପାଙ୍କ ପାଖରେ କାମ କରି ଚଳୁଛି, ସେ ଯଦି କିଛି ଭୁଲ କରିବ ସେମାନେ ନିଜ ଖାଇବା ଥାଳିରେ ଗୋଇଠା ମାରିବା ପରି ହେବ । ତା' କଥା ମୋତେ ବହୁତ ବାଧିଲା ଯେମିତି ମୁଁ ନିଜେ ହିଁ ନିଜ ମନର ରାଣୀକୁ ନିଜ ଠାରୁ ଦୂରେଇ ଦଉଛି । ବାସ୍ ସେତିକିରେ ସେ ଦିନ ମୁଁ ତା'ପାଖରୁ ପଳାଇ ଆସିଲି । ବହୁତ ଭାବିଲି ହେଲେ କିଛି ବି ଠିକ୍ କରି ପାରିନଥିଲି ।

କିଛିଦିନ ଅତିକ୍ରାନ୍ତ ହେଲାପରେ ଦିନେ ବିଲରେ ଆମ ଗୋଟେ ହଳିଆର ପାଦରେ କାଚ ପସିଗଲା ସେ ଛଟପଟ ହେଇଗଲା । ମୁଁ ଦଉଡି ଯାଇ ତା' ପାଖରେ ପହଁଚିଲି । ତା'

ପାଦ ରକ୍ତରେ ଜୁଡୁବୁଡୁ ମୁଁ ତା ଗୋଡକୁ ମୋ କୋଳରେ ରଖିଲି ଆଉ ଆସ୍ତେ କରି କାଚ ବାହାର କରିଦେଇଥିଲି, ସେତେବେଳକୁ ବହୁତ ଲୋକ ଆସି ଯାଇଥିଲେ, ମୁଁ ପାଣି ଢ଼ାଳି ପାଦକୁ ସଫା କରିଦେଲି । ତା ପାଦରେ ମୋ ଗାମୁଛାକୁ ବାନ୍ଧି ଦେଲି, ତାକୁ ସଙ୍ଗେ ସଙ୍ଗେ କିଛି ଲୋକ ହସ୍ପିଟାଲ ନେଇଯିବାକୁ ବାହାରିଲେ । ମୁଁ ସେତିକି ସାରି ଘରକୁ ଫେରିଲା ବେଳକୁ ମୋର ରୂପା ସହ ଦେଖା ହେଲା । ତା' ଆଖିରେ ଆଖି ମିଶାଇବାକୁ ମୋର ସାହାସ ନଥିଲା କାହିଁକି ନା ତା ପ୍ରଶ୍ନର ମୋ ପାଖରେ କିଛି ବି ଉତ୍ତର ନଥିଲା । ମୁଁ ସାଇଡ୍ ହୋଇ ଚାଲିଗଲା ବେଳେ ସେ ପଛରୁ ଡାକିଲା- ଶୁଣ ! ଟିକେ ଅଟକି ଗଲି, ସେ ମୋ ପାଖକୁ ଆସିଲା ଆଉ କହିଲା- ତମେ ଏମିତି ବୋଲି ମୁଁ ଜାଣି ନ ଥିଲି, ବଡ ଲୋକ ଘର ତ ମୁଁ ଭାବୁଥିଲି ତମେ ବି ସମସ୍ତଙ୍କ ଭଳି ହେଇଥିବ ବୋଲି ହେଲେ ତମକୁ ଆଜି ଦେଖି ମୋତେ ଲାଗୁଛି ତମେ ବହୁତ ଭଲ । ହଳିଆ ଲୋକର ଗୋଡ ଧରି ତାର ସେବା କରିବା ପ୍ରଥମ ଥର ପାଇଁ ମୁଁ ଦେଖିଲି, ନହେଲେ ଆଗରୁ ଏମିତି ବହୁତ ହେଇଛି ହେଲେ କେବେ କୋଉ ଲୋକ ନିଜ ହାତରେ ଏମିତି ସେବା କରିବାର କେବେ ଦେଖି ନାହିଁ । ତମେ ମୋତେ ଭଲ ଲାଗିଲ ।

ତା ମୁହଁରୁ ଏ କଥା ଶୁଣି କହିଲି- କ'ଣ ସତରେ ଭଲ ଲାଗିଲି ?

ରୂପା- ହଁ ସତରେ

ମୁଁ କହିଥିଲି- ତା ହେଲେ ମୋ କଥାରେ କଣ ତମେ ଏବେ ରାଜି ?

ରୂପା ହସିଦେଇ ଚାଲିଗଲା । ମୋତେ ମୋର ଉତ୍ତର ମିଳିଗଲା ପରି ଲାଗିଲା । ବାସ୍ ସେ ଦିନଠାରୁ ଆମେ ପ୍ରେମରେ ବୁଡିଗଲୁ । ରାତିରେ ଆଖିରେ ନିଦ କମ୍ ସ୍ୱପ୍ନ ବେଶୀ । ସକାଳ ହେଲେ ମୁହଁ ଦେଖାଦେଖି ବହୁତ ମଜା ଖୁସିରେ ଆମ ଦିନ କଟୁଥିଲା । ବିନା ସାଥିରେ ଏକୁଟିଆ ଜୀବନ କଥା ଭାବି ଦେଲେ ସେତେବେଳେ ମୋତେ ବିରକ୍ତ ମନେ ହେଉଥିଲା । ଯାହା ହେଉ ପ୍ରେମ କରି ମୋତେ ନିଜକୁ ବହୁତ ଭଲ ଲାଗୁଥିଲା । ଲାଗୁଥିଲା ଯେମିତି ପୃଥିବୀଟା ମୋ ପାଇଁ ବସନ୍ତ ଆଣି ଦେଇଛି ଆଉ ଆମେ ଦୁହେଁ ପ୍ରେମ ପକ୍ଷୀ ଡେଣା ହଲେଇ ହଲେଇ ଆକାଶରେ ଉଡି ବୁଲୁଛୁ । ରୂପା ଘରକୁ ମୁଁ ସବୁଦିନ ଯାଏ । ତା' ସହ ଗପାଗପିରେ ମୋର ସମୟ କଟିଯାଏ । ତା' ବାପା ମା ମୋର ରୂପା ସହ ମିଶିବାକୁ କେବେ ବି ପ୍ରତିବାଦ କରନ୍ତି ନାହିଁ ।

ତାପରେ ମୁଁ ପୁଣି ଫେରି ଆସିଲି ସହରକୁ । ଆଗକୁ ପଢ଼ିଲି, ପରେ ଚାକିରୀ କଲି । ଏ ଭିତରେ ବିତିଯାଇଥିଲା ଅନେକ ବର୍ଷ । ସେତେବେଳେ ମୋ ମନରେ ରୂପା ପ୍ରତି ସ୍ନେହ କମ୍ ହେବାକୁ ତଥା ଧନ ପ୍ରତି ମୋହ ବଢ଼ିବାକୁ ଲାଗିଥାଏ । ସେ ପୁଣି ଆମଠୁ ଛୋଟ ଜାତିର ହୋଇଥିବାରୁ ମୁଁ ତାକୁ ଭୁଲି ଯିବା ଉଚିତ ମନେ କଲି । ମୁଁ ଗାଁକୁ ଆଉ କେବେ ଫେରି ଚାହିଁ ନାହିଁ । ସହରରେ ରହି ଚାକିରୀ କଲି ଆଉ ଜଣେ ଚାକିରୀ କରୁଥିା ସୁନ୍ଦରୀ ଯୁବତୀକୁ ବାହା ମଧ୍ୟ ହେଲି । ମୋର ଝିଅ ଟିଏ ହେଇଛି ହେଲେ ମୋ ପତ୍ନୀ ଆଉ ମୋ ଶରୀରର ମିଳନ ହୋଇଥିଲା, ଦୁଏତ ଆତ୍ମାର ନୁହେଁ । ସେଇଥି ପାଇଁ ସେ ଆଜି ମୋତେ ଆଉ ଝିଅକୁ ଛାଡି ଚାଲିଗଲା ଆଉ କାହା ହାତ ଧରି ଯେ ଆଉ କେବେ ଫେରି ନାହିଁ । ଝିଅକୁ ହଷ୍ଟେଲରେ ଦେଇ ଦେଇଛି ଆଉ ମୁଁ ଏକା ରହୁଛି ।

ମୁଁ ସମ୍ବଲପୁରରେ ଚାକିରୀ କରେ । ମୋ ସାଙ୍ଗ ଆକାଶ ବି ମୋ ଅଫିସରେ ଚାକିରୀ କରେ । ସେ ତା ଫ୍ୟାମିଲି ଗାଁରେ ରହୁଥାନ୍ତି କାରଣ ତା ସ୍ତ୍ରୀ ସେଠି ସ୍କୁଲ୍‌ରେ ଚାକିରୀ କରେ । ତାଙ୍କ ଘରେ ତା ମାମୁଁ ଭଉଣୀ ସ୍ୱାପ୍ନା ଆଉ ତା ମା ରୁହନ୍ତି । ତା ଭଉଣୀ ବାହା ହୋଇ ନଥାଏ । ତାକୁ ପ୍ରାୟ ୩୬ ବର୍ଷ ହେବ । ସେ ବି ସରକାରୀ ମହିଳା ମହାବିଦ୍ୟାଳୟରେ ଅଧ୍ୟାପିକା ଅଛି । ସେ ଦେଖିବାକୁ ବହୁତ ସୁନ୍ଦର ଆଉ ଗୋରା । ଦିନେ ମୁଁ ତାଙ୍କ ଘରକୁ ଯାଇଥାଏ । ଏମିତି କଥା ହେଉ ହେଉ ରାତି ହେଇଗଲା । ସେଦିନ ମୋ ସାଙ୍ଗ ବି ନଥାଏ । ମୋ ସାଙ୍ଗ ଆଉ ତା ସ୍ତ୍ରୀ ଦୁହେଁ ଶ୍ୱଶୁର ଘରକୁ ଯାଇଥାନ୍ତି । ଘରେ କେବଳ ତା ମାଁ ଆଉ ସ୍ୱପ୍ନା ଥାନ୍ତି । ତା ମାଁ କହିଲେ ରାତି ହେଲାଣି । ଆଜି ରହିଯା, କାଲି ଯିବୁ । ସେଠୁ ମୁଁ ରହିଗଲି । ସ୍ୱପ୍ନା ମୁଁ ରହିବା ଶୁଣି ବହୁତ ଖୁସି ହେଲା । ଆଉ ସେ ରୋଷେଇ କରିବାକୁ ଗଲା । କିଛି ସମୟ ପରେ ଡାକିଲା ଖାଇବା ପାଇଁ । ସମସ୍ତେ ସାଥି ହେଇ ବସି ଖାଇଲୁ । ତାପରେ ଆରମ୍ଭ ହେଲା କଥାବାର୍ତାର ପର୍ବ । ସମସ୍ତେ କଥାବାର୍ତାରେ ମଜ୍ଜିଗଲୁ ।

ମୁଁ ସ୍ୱପ୍ନାକୁ ପଚାରିଲି "ଆପଣ ତ ଏତେ ସୁନ୍ଦର ହେଲେ ଏଯାଏଁ ବାହା ହେଇ ନାହାନ୍ତି କାହିଁକି" ? ମୋ ପ୍ରଶ୍ନର ସ୍ୱପ୍ନା କିଛି ଉତର ଦେଇ ନଥିଲା, ଓଲଟା ମୋର ଅତିତ ବିଷୟରେ ପଚାରି ନେଲା । ଆଉ ମୁଁ ଗୋଟିଏ ଗୋଟିଏ ମୋ ଜୀବନର ସମସ୍ତ ଫର୍ଦ୍ଦ ଖୋଲି ଦେଲି ତା ସାମ୍ନାରେ । ତା ପରେ ସମସ୍ତେ ଶୋଇଗଲୁ ।

ଭୋର ୫ଟା ସମୟ ଟିପିଟିପି ପାଦ ପକେଇ ଆଗେଇ

ଚାଲିଥିଲା ସ୍ୱପ୍ନା । ଆଖି ଲୁହରେ ଛଳ ଛଳ ହୃଦୟ ବେଦନାରେ ବୁକୁ ଫାଟି ପଡୁଥିଲା । ଛି ଛି ଲାଗୁଥିଲା ଜୀବନ, ସ୍ୱପ୍ନା ପହଂଚିଲା ବାରି ପଟ ଆମ୍ବ ମଠୁଲ କୂଅ ପାଖକୁ । ଶୀତ ଦିନର ଅଂଧାରୁଆ ଭୋର ସମୟରେ କାହାର ନଜର ନଥାଏ ତା ଆଡେ । ପକ୍ଷୀ ମାନଙ୍କ ରାବ ଆରମ୍ଭ ହୋଇଯାଇଥିଲା । ହେଲେ ସ୍ୱା ପାଇଁ ପ୍ରକୃତି ଆଜି କିଛି ନାହିଁ । ସବୁ ସୁନ୍ଦରତା ମଳିନ ଲାଗୁଛି । ତା'ମନ ଆଜି ଅଶାନ୍ତ । ତତାକୁ ଲାଗୁଥିଲା ମେିତି ତା ଅପେକ୍ଷାର ଆଜି ପରିସମାପ୍ତି ହୋଇଛି । ସମାଜର ସବୁ ବନ୍ଧନ ଆଜି ତା ପାଇଁ ଅଲୋଡା, ସେ ମଧ୍ୟ ସମସ୍ତଙ୍କ ପାଇଁ ଅଲୋଡା ହେଇଯାଇଛି । ହୃଦୟର କମ୍ପନକୁ ଅନୁଭବ କରିବା ପାଇଁ କିଏ ବି ନାହିଁ । ଯାହା ପାଇଁ ତା' ଏ ଦୁନିଆଁରେ ଆଉ ଯେମିତି କିଛି ନାହିଁ । ଯାହା ପାଇଁ ତା'ର ଆଜି ଏ ଅବସ୍ଥା, ଯାହା ପାଇଁ ହତଭାଗିନୀ ହୋଇଯାଇଛି ସବପ୍ନା । ଯାହାର ପାଇଁ ସେ ଅବିବାହିତା ହୋଇ ରହିଚି ଆଜି ପର୍ଯ୍ୟନ୍ତ ଯାହାର ରାସ୍ତା ଚାହିଁ ବସିଥିଲା ଆଜି ପର୍ଯ୍ୟନ୍ତ । ସେ ବି ଆଜି ବାହା ହେଇ ସାରିଛି । ବଂଚିବାର ଆଉ ଇଚ୍ଛା ନଥିଲା । ନା...ନା... ତାର ଆଉ ଜୀବନ ରଖିକି କିଛି ଲାଭ ନାହିଁ । ସବପ୍ନା କୁଅରେ ଡେଇଁ ମରିଯିବାକୁ ନିଷ୍ପତି ନେଇଥିଲା ।

ସ୍ୱାପ୍ନାର ମନେ ପଡିଯାଉଥିଲା କୋଡିଏ ବର୍ଷ ତଳର କଥା । ୧୬ ବୟସ ଛୁଇଁ ଆସିଥିଲା ସ୍ୱପ୍ନାକୁ । ସରସ୍ୱତୀ ପୂଜା ଦିନ ପରେଶର ପ୍ରପୋଜାଲ୍‌ରେ ରାଜି ହୋଇ ତାର ପ୍ରେମରେ ପଡିଯାଇଥିଲା ସ୍ୱପ୍ନା । ନୂଆଁ ନୂଆଁ ପ୍ରେମରେ ଭାରି ମନ ଉଚ୍ଛନ୍ନ ଥିଲା । ପରେଶ ସ୍ୱପ୍ନାଠାରୁ ୭ ବର୍ଷ ବଡ, ତାଙ୍କ ଗାଁ ପୁଅ ଭାଇ ବୋଲି ସେ ଡାକେ । ଘରେ କେହି ହେଲେ ସେମାନଙ୍କ ମିଳାମିଶାରେ ବାଧା ଦେଉନଥିଲେ । ପରେଶ ମଧ୍ୟ ସମସ୍ତଙ୍କ ନଜରରେ ଜଣେ ଭଲ ପିଲା । ସ୍ୱପ୍ନାର ମନକୁ ପାଇ ଯାଇଥିଲା ପରେଶ, ଆଉ ସେ ତା ମନ ମନ୍ଦିରରେ ତାକୁ ପ୍ରିୟତମ ଭାବେ ସଜାଇ ସାରିଥିଲା । ପ୍ରେମର ନୂଆ ନୂଆ ରାସ୍ତା କେତେ ଭଲ କେତେ ଖରାପ... ସବୁ ପ୍ରେମ ଭିଡି ହେଇଯାଏ କାମନାର ଦ୍ୱାରକୁ, ବୟସର ବେଗ ଓ ଦେହର ନିଶା ହିଁ ସୃଷ୍ଟି କରେ କାମନାର ଖେଳ, ଗପ ଭିତରେ ସ୍ୱପ୍ନା ଆଉ ପରେଶ ଭାସିଗଲେ, ମନରେ ଯୌବନ ଓ ପ୍ରେମର ଆଲୋଡନ ନୂଆ ଶିହରଣ ଖେଲାଇ ଦେଲା... ସ୍ୱପ୍ନା ନାରୀ ଜୀବନର ଗୋଟେ ପରେ ଗୋଟେ ଗୁପ୍ତ କଥାକୁ ଲଜ୍ୟା ତ୍ୟାଗ କରି କହି ଚାଲିଥିଲା ପରେଶକୁ । କୁଆଁରୀ ବୟସ ତାକୁ ବାଧ୍ୟ କରୁଥିଲା ସବୁ କିଛି ଖୋଲି ଥୋଇଦେବା ପାଇଁ ମନର ମଣିଷ ସାମ୍ନାରେ ।

ଏହା ଭିତରେ କିଛି ଗୋଟିଏ ଶବ୍ଦ ଶୁଣି ମୋ ନିଦ୍ରା ଭଗ୍ନ ହେଇଥିଲା । ମୁଁ ଉଠି ଦୌଡି ଯାଇଥିଲି ବାରିପଟକୁ । ଦେଖିଲି କିଏ ଜଣେ କୂଅରେ ଡେଇଁବା ପାଇଁ ଚେଷ୍ଟା କରୁଛି ।

କୂଅ ଭିତରକୁ ଡେଇଁବା ଆଗରୁ ତାର ଦୁଇ ହାତ ଧରି ପଛକୁ ଭିଡି ନେଇଥିଲି । ସେ ଆଖିରେ ଭୟ ରଖି ଅନେଇ କହିଲା, ପରେଶ...., କାନ୍ଦି କାନ୍ଦି ମରିଯିବି.... ଛାଡି ଦିଅ ବୋଲି ବୋବାଳି ଛାଡୁଥିଲା । ପାଟିକୁ ଚାପି ଧରି ତାକୁ ଆଶ୍ୱାସନା ଦେଲି, କଣ' ହେଇଛି କୁହ ? ଏ ପାଗଳାମି ! ସବୁ ସମସ୍ୟାର ସମାଧାନ ଥାଏ, ଆତ୍ମହତ୍ୟା କରିବାଟା ସମାଧାନ ନୁହେଁ । ମୋତେ କୁହ...ମୁଁ ଚେଷ୍ଟା କରିବି ସମାଧାନ ପାଇଁ ।

ସ୍ୱପ୍ନା କହିଥିଲା "ତୁମେ କଣ ସମାଧାନ କରିବ ? ଯେଉଁ ରୂପାକୁ ଭଲ ପାଉଥିଲ, ଯେଉଁ ରୂପା ଅବିବାହିତ ରହି ଆଜି ପର୍ଯ୍ୟନ୍ତ ତୁମ୍ଭର ଅପେକ୍ଷା କରିଛି, ତାର ଆଉ ଅପେକ୍ଷାରେ କିଛି ଲାଭ ନାହିଁ, ତାକୁ ମରିଯିବା ପାଇଁ ଦିଅ । ଗାଁର ସେଇ ରୂପା ଆଜି ଏଠି ଅଧ୍ୟାପିକା ସ୍ୱପ୍ନା, ଆଜି ପର୍ଯ୍ୟନ୍ତ ତୁମର ଫେରିବା ବାଟକୁ ଅନାଇ ରହିଥିଲି ହେଲେ ତୁମକୁ ଏମିତି ଦେଖିବି ବୋଲି ଆଶା ରଖିନଥିଲି ।

ମୁଁ ଭାମୁଥିଲି ସତରେ ରୂପା କେତେ ମହାନ୍ । ମୁଁ ତାକୁ ଭୁଲି ଯିବା ପାଇଁ ଚେଷ୍ଟା କଲି, କେବେ ବି ତା ବିଷୟରେ କିଛି ଖବର ରଖିନାହିଁ ହେଲେ ସେ ଆଜି ପର୍ଯ୍ୟନ୍ତ ଅପେକ୍ଷା କରିଛି ମତେ । ସେ ଆଗକୁ ବଢ଼ିଛି, ସଂଘର୍ଷ କରିଛି, ଆଉ ନିଜ ଗୋଡରେ ଛିଡା ହୋଇଛି । ଆଜି ସେ ସମୟର ଅପରାହ୍ନରେ, ହେଲେ ଆଜି ବି ତା ମନରେ ସାଇତି ରଖିଛି ସେଇ ଅତିତର ଅଭୁଲା ମୂହୂର୍ତଗୁଡିକୁ । ଆଜି ପର୍ଯ୍ୟନ୍ତ ତା ନିସଙ୍ଗ ମନ ପକ୍ଷୀ ଯାତନାରେ କେବଳ ଝୁରି ମରିଛି ମୋ ପାଇଁ । ସତରେ ନାରୀର ଭଲ ପାଇବା ଆଉ ତା ପବିତ୍ର ମନ ତୁଳନାରେ ପୁରୁଷ ନିଜକୁ ଛୋଟ ମନେ କରେ । ସତରେ ନାରୀ ମହାନ୍ ଏବଂ ଚିର ନମସ୍ୟ ।

ମୁଁ ସବୁ ବୁଝି ଯାଇଥିଲି ଆଉ ଆପଣେଇ ନେଇଥିଲି ମନର ରୂପସୀ ରୂପାକୁ ସବୁଦିନ ପାଇଁ ।

ଆଜି ବି ରୂପା ମୋତେ ଲାଗୁଥିଲା ସେଇ ଷୋହଳବୟସୀ, ଲାଗୁଥିଲା ଯେମିତି ଦେହର ବୟସ ବଢ଼ିଯାଇଥିଲା ସିନା, ହେଲେ ସ୍ମୃତିର ସଳିତାରେ ପ୍ରେମର ବହ୍ନି ଜଳୁଥିଲା ଆଗପରି ।

ମୋ ମନ ଭାବୁଥିଲା ସତରେ ପ୍ରେମର ବୟସ ନାହିଁ, ପ୍ରେମ ଏକ ଚିର ସବୁଜ କାହାଣୀ... ଯାହା ପିଲାଖେଳରୁ ଆରମ୍ଭ ହୋଇ ପବିତ୍ର ବନ୍ଧନରେ ବାନ୍ଧି ହୋଇଯାଏ ଚିରଦିନ ପାଇଁ ।

*ଅବନକେଲା, ରେମଣ୍ଡା, ସୁନ୍ଦରଗଡ-୧୯*

# ଜଟାୟୁ

- ପ୍ରମୋଦ କୁମାର କର୍ସେଲ

ପିଲାବେଳେ ସିନା ଭୋର୍ ପାହାନ୍ତାରୁ ଉଠିବାର ଗୋଟିଏ ଅଭ୍ୟାସ ଥିଲା । ହେଲେ ଏଇଠି ଦିବସର ଆଗମନୀ ସୂଚନା ଦେବାର କାରକଗୁଡ଼ିକ ଭିନ୍ନ ପ୍ରକାରର ହୋଇଥିବାରୁ ବିଛଣା ଛାଡ଼ିବା କଷ୍ଟକର ହୋଇପଡୁଥାଏ । ଏଠି ପକ୍ଷୀମାନଙ୍କର କିଚିରିମିଚିରି କାକଳି ନାହିଁ କି କୁକ୍କୁଟର ପାହାନ୍ତିଆ ଡାକ ଶୁଭେନି । ଗାଡ଼ିମଟର ପେଁ ପାଁ ଶବ୍ଦରେ ଏଠି ନିଦ ଭାଙ୍ଗେ । ତା'ପରେ ଚିରାଚରିତ ମର୍ଣ୍ଣିଂୱାକ୍ । ଖୋଲାପବନଟିକିଏ ପାଇବାକୁ ହେଲେ ଅନେକ ଦୂରକୁ ଯିବାକୁ ହୁଏ । ଅବଶ୍ୟ ଏକା ନୁହେଁ । ଭୋର୍‌ଟାରୁ ରାସ୍ତାରେ ଭିଡ଼ । ଥନ୍ତଲପେଟା ପୃଥୁଳକାୟ ମଣିଷମାନଙ୍କର ଅଭାବ ନାହିଁ । ଆଜିକାଲି ମହିଳାମାନେ ମଧ୍ୟ ମନ ବଳେଇଲେଣି । ଯଦିଓ ବିଛଣା ଛାଡ଼ିବାକୁ ଶ୍ୟାମବାବୁଙ୍କ ଇଚ୍ଛା ନ ଥିଲା; ତଥାପି ବାଧ୍ୟ ହୋଇ ଚିରାଚରିତ ନିୟମଟାକୁ ବଜାୟ ରଖିବା ପାଇଁ । ରାତିରେ ଭଲ ନିଦ ନ ହେବାରୁ ଦେହଟା ଅବଶ ଲାଗୁଥାଏ । ଗତକାଲିର ସେଇ ତିକ୍ତ ଅନୁଭୂତି ତାଙ୍କ ମନରେ ଗୋଟିଏ ବଡ଼ ଶକ୍ତ ଧକ୍କା ଦେଇଥାଏ । ଦୀର୍ଘ ପଚିଶ ବର୍ଷର ଚାକିରି ଭିତରେ ଯେଉଁ କଥା ସେ କେବେ ଶୁଣି ନ ଥିଲେ । ସେଇଭଳି ମନ୍ତବ୍ୟଟିଏ ଦେଇଦେଲା, ସେଇ କାଲ୍‌କା ଛୋକ୍‌ରା । ହଇ ହୋ ପାଠ ପଢ଼ି ଅଫିସରଟାଏ ହୋଇଗଲା ବୋଲି ଶ୍ୟାମବାବୁଙ୍କ ଭଳି ପୁରୁଖା କିରାଣୀଙ୍କୁ ଏତେବଡ଼ କଥାଟାଏ କହିଦେବ ? କହିଲା କ'ଣ ନା, '' ତମ ଦେଇ କିଛି ହେବନି । ଭି.ଆର୍.ଏସ୍. ନେଇଯାଅ, ବୁଢ଼ା ହୋଇଗଲିଣି ।'' ଇଚ୍ଛା ହେଉଥିଲା କ'ଣ ନାଇଁ କ'ଣ ଶୁଣାଇ ଦେବାକୁ । ହେଲେ କ'ଣ କରିବେ ? ମୋତେ ଯାହା ହେଲେ ବି ଉପରିସ୍ଥ ଅଫିସର୍‌ଟାଏ । ଚୁପ୍‌ଚୁପ୍ ସବୁ ସହିବାକୁ ବାଧ୍ୟ ହେଲେ ସିନା, ହେଲେ କଥାଗୁଡ଼ାକ ତାଙ୍କୁ ଶୁଆଇ ଦେଲାନି ଅନେକ ରାତି ପର୍ଯ୍ୟନ୍ତ ।

ଅଗତ୍ୟା ବିଛଣା ଛାଡ଼ି ଉଠିବାକୁ ବାଧ୍ୟ ହେଲେ ଶ୍ୟାମବାବୁ । ନିତ୍ୟକର୍ମ ସାରି ମର୍ଣ୍ଣିଂୱାକ୍‌ରେ ବାହାରିଗଲେ । ଆଜିକାଲି ମର୍ଣ୍ଣିଂୱାକ୍‌ରେ ବି ମଜା ନାଇଁ । ରାସ୍ତାରେ ଟୋକା ବୁଢ଼ା ସମସ୍ତଙ୍କ ଭିଡ଼ । ବକର ବକର ହୋଇ ପାଦ ପକାଉଥିବେ । ଖାଲି ଗୋଟିଏ ଫେସନ୍ ମେଣ୍ଟେନେସ୍ କରିବା କଥା । ଆଗେ ଆଗେ ଚାଲିଥାଆନ୍ତି ଦି' ଜଣ ବନ୍ଧୁ । ବୟସ ପଚାଶ ଛୁଇଁଲେ  ବି ଟୋକାଳିଆ ଭାବ ଯାଇନି । ସେମାନଙ୍କ ଭିତରୁ ଜଣଙ୍କର ସ୍ୱଭାବ ଟିକିଏ ଆଇଁଷିଣିଆଁ ।  ମୁଣ୍ଡରୁ ବାଳ ଝଡ଼ିବା ଆରମ୍ଭ କରିଦେଲାଣି । ହେଲେ ତାଙ୍କର ଶିକ୍ଷିତା ସ୍ତ୍ରୀଙ୍କୁ ନାପସନ୍ଦ କରି କେମିତି ଗୋଟିଏ କଲେଜ ପାଠୋଇ ଝିଅ ଆଡ଼କୁ ଢଳିବା ଆରମ୍ଭ କରିଦେଇଛନ୍ତି । ସେଇ କଥା ପାଦ ପକାଇ ପକାଇ ବଖାଣି ଚାଲିଥାଆନ୍ତି । ଶ୍ୟାମବାବୁଙ୍କୁ  କଥାଗୁଡ଼ିକ କେମିତି କେମିତି ଲାଗୁଥାଏ । ସେମାନଙ୍କୁ ଅତିକ୍ରମ କରି ଆଗକୁ ବଢ଼ିଲେ । ଟୋକା କେଇଟା ଟ୍ରାକ୍‌ସୁଟ୍ ପିନ୍ଧି ହାଲ୍‌କା ହାଲ୍‌କା ଦୌଡୁଥା'ନ୍ତି ସିନା, ହେଲେ ଇଣ୍ଡିଆ କ୍ରିକେଟ୍ ଟିମ୍‌ର ଶୋଚନୀୟ ପରାଜୟର ଦୁଃଖଦ ଆଲୋଚନା ସେମାନଙ୍କୁ ମର୍ମାହତ କରିପକାଉଥାଏ । ଅବଶ୍ୟ ଆଲୋଚନାଟା ଆଗପଟରୁ ଆସୁଥିବା ହାପ୍‌ପେଣ୍ଟ ପିନ୍ଧା ଯୁବତୀ ଦି'ଜଣଙ୍କୁ ଦେଖି ଥମ୍‌କି ଯାଇଥିଲା । ଶ୍ୟାମବାବୁଙ୍କ କାନ ଦି'ଟା ସିନା ଟିକିଏ ଆଶ୍ୱସ୍ତ ହେଲେ । କିନ୍ତୁ ଆଖି ଦି'ଟା ବିଷେଇଗଲେ ଟୋକାମାନଙ୍କର ବ୍ୟବହାରକୁ ଦେଖି । ଆଗପଟରୁ ଟ୍ରକ୍‌ଟିଏ ଆସୁଥାଏ । ସମସ୍ତେ ସାଇଡ୍ ଦେବାକୁ ବାଧ୍ୟ ହେଲେ ।

ମର୍ଣ୍ଣିଂୱାକ୍‌ରୁ ଫେରି ଅଗଣାରେ ପଶୁ ପଶୁ ଦେଖିଲେ ଦୁଧବାଲା ବସିଛି । କ୍ଷୀର ଅଧଲିଟର ବଢ଼େଇଦେଇ କହିଲା– 'ବାବୁ, ଦି'ମାସ ହୋଇଗଲା । ବାକିଟା ଦେଇଦେଇଥିଲେ ଭଲ ହୋଇଥାଆନ୍ତା ।'' ଶ୍ୟାମବାବୁଙ୍କ ମୁହଁରୁ ସ୍ୱତଃ ବାହାରିପଡ଼ିଲା– ଆସନ୍ତା ସପ୍ତାହରେ ଦରମା ହେବ । ଆଉ ଦିନ କେଇଟା ଯିବାକୁ ଦେ ! ଦୁଧବାଲା ଗେଟ୍ ଆଡ଼କୁ ପାଦ ବଢ଼ାଇଲା । ଶ୍ୟାମବାବୁ ଗଡ଼ ଜିଣିପାରିଥିବା ଭଳିଆ ନିଃଶ୍ୱାସଟିଏ ଛାଡ଼ିଲେ । ଚା'ଟିକିଏ ଖାଇଦେଇ ଖବରକାଗଜ ଆଡ଼କୁ ଆଖି ପକାଉଥାଆନ୍ତି । କଲୋନୀର ଲଫଙ୍ଗା ପିଲେ ଆସି ଗଣେଶ ପୂଜା ପାଇଁ ଚାନ୍ଦା ମାଗିଲେ । ଚାନ୍ଦା.... ? ନା,

ଡୋନେସନ୍ ? ପୁରା ଏକ ହଜାର ଟଙ୍କା । କେଁ କାଁ ହୋଇ କଥା ଛିଣ୍ଡିଲା ତିନି ଶହରେ । କାନମୁଣ୍ଡା ଆଉଁସି ପକେଟରୁ କାଢ଼ି ବଢ଼େଇଦେଲେ ଶ୍ୟାମବାବୁ । ମନେ ମନେ ଭାବିଲେ– ''ନା ! ଆଉ ହେଇପାରିବନି । ଗାଁ'କୁ ପଳେଇବେ । ଘରୁ ଯା'ଆସ କରି ଅଫିସ୍ କାମ ଚଳାଇବେ ।''

ଆଗକୁ ଦି' ଦିନ ଛୁଟି । ସତକୁ ସତ ଗାଁ' ଆଡୁ ବୁଲି ଆସିବାକୁ ଇଚ୍ଛାହେଲା । ବାଇକ୍ ଧରି ବାହାରିପଡ଼ିଲେ ଶ୍ୟାମବାବୁ । ବାହାର ବାହାରୁ ଅପରାହ୍ଣ ଚାରିଟା । ବୋଉ ଦୂର ରାସ୍ତା ହୋଇଛି ଯେ ସଅଳ ବାହାରିବେ ? ବାଇଶି ପଚିଶ କିଲୋମିଟର ରାସ୍ତା । ସୁସୁରି ମାରି ମାରି ବାଇକ୍ ଚଳାଉଥାନ୍ତି । ସତେଯେମିତି 'ଫୁଲଚନ୍ଦନ' ସିନେମାର ହିରୋ ଉତ୍ତମ ମହାନ୍ତି । ବୟସଟାକୁ ପଛରେ ପକାଇଦେବାକୁ ଆପ୍ରାଣ ଚେଷ୍ଟା । ମନରେ ଅନେକ ସ୍ୱପ୍ନ । ଝରଣାରେ ଗାଧୋଇବେ – ଗଛରେ ଚଢ଼ି ପିଜୁଳି ଖାଇବେ । ଶେଷରେ ବାଇକ୍ ପହଞ୍ଚିଲା ଗାଁ ଦାଣ୍ଡରେ । ଭିଟାମାଟିରେ ପାଦ ଥାପି ପୁଲ୍ଲକିତ ହୋଇଉଠିଲେ ଶ୍ୟାମବାବୁ । ଗାଡ଼ି ମଟରର ପେଁ ପାଁ ଶବ୍ଦ ନାଇଁ, କି ସହରୀ ସଭ୍ୟତାର ଆଡୁଆଳରେ ଘଣ୍ଟାଚକଟା ଜୀବନ ବି ନାହିଁ । ଚାରିଆଡ଼େ ଖାଲି ଶାନ୍ତି ଆଉ ଶାନ୍ତି । ହେଲେ ଗାଁ'ଦାଣ୍ଡରେ ଦେଖିଲେ ଲୋକେ ଜମା ହୋଇ କ'ଣ ସବୁ ଫୁସୁରୁଫାସର ଟୁପୁରୁ ଟାପର ହେଉଛନ୍ତି । କେହି ଜଣେ କହୁଥିବାର ଶୁଣିଲେ– ''ନା... । ଜମାରୁ ଆମେ ତା' ଦୁଆର ଯିବା ନାହିଁ । ଯାହା ହେବାର କଥା ହେଉ ।'' ତା' କଥାରେ ଅନ୍ୟମାନେ ସହମତି ଜଣେଇଲେ– ''ପଦୁ ଠିକ୍ କହୁଛି । ସେତେବେଳେ ତ ସେ ଆମ ମୁହଁକୁ ଚାହିଁଲା ନାହିଁ । ଏବେ ଆମେ ତାକୁ କାହିଁକି ଚାହିଁବା ? ଚାଲ, ଏଠି ଆଉ ଆମ ରହିବାନି । ନିଜ ନିଜ ଘରକୁ ପଳେଇ ଚାଲ ।'' ସତକୁ ସତ ସମସ୍ତେ ଚାଲିଗଲେ । କ୍ଷଣିକରେ ଗାଁ ଦାଣ୍ଡଟା ଶୂନ୍ୟ ହୋଇଗଲା ।

ଶ୍ୟାମବାବୁ କିଛି ବୁଝିପାରିଲେ ନାହିଁ । ଛାଡ୍ – ଏସବୁ କଥାରେ ସେ କାହିଁକି ମୁଣ୍ଡ ପୁରେଇବେ ? ଗୋଟିଏ ଦିନ ପାଇଁ ଗାଁ'କୁ ଆସିଛନ୍ତି । ଗାଁ କଥାରେ ମୁଣ୍ଡ ଖେଳେଇବା ଦରକାର କ'ଣ ? ତାଙ୍କ ପାଖ ଦେଇ ମଧୁ ଓ ରାଧୁ ଫେରୁଥିଲେ । ତାଙ୍କୁ ଦେଖି ସେମାନେ ନମସ୍କାରଟିଏ ଜଣେଇଲେ– ''ଶ୍ୟାମ ଭାଇ, ନମସ୍କାର..... ?'' ପ୍ରତି ନମସ୍କାର ଜଣାଇ ଶ୍ୟାମବାବୁ ପଚାରିଦେଲେ– ''କ'ଣ ହୋଇଛି କିରେ ରାଧୁ ? ସମସ୍ତେ କାହିଁକି ଜମା ଜମା ହେଉଛନ୍ତି ?'' ରାଧୁ ଉତ୍ତର ଦେଲା– ''କିଛି ନାହିଁ ମ ଶ୍ୟାମ ଭାଇ, ସେ ସାହୁ ବୁଢ଼ାଟା ଗଲା ତ ! ସେଇଥିପାଇଁ ସମସ୍ତେ ଫୁସୁର ଫାସର ହେଉଛନ୍ତି ।'' ସାହୁ ବୁଢ଼ାଟା ଗଲା... ? ମାନେ ଗାଁ'ର ଜନୈକ ପୁରୁଖା ଚରିତ୍ର ସପନି ସାହୁ....? ହେଲେ ଏମାନେ ତ ତାଙ୍କର ଜାତି ଭାଇ ? ଚାଲିଯାଇଛନ୍ତି କାହିଁକି ? ଶ୍ୟାମବାବୁଙ୍କ ମନ ମାନିଲାନି । ବାଇକଟା ରଖିଦେଇ ଦଉଡ଼ିଗଲେ ସାହୁ ବୁଢ଼ା ଘରକୁ । ଦେଖିଲେ ବୁଢ଼ା ଘରକୁ । ଦେଖିଲେ ବୁଢ଼ୀ ବୋବାଳି ଛାଡୁଛି । ତାଙ୍କୁ ଦେଖି ବୁଢ଼ୀ ବାହୁନିଲା– ''ତୋ ବଡ଼ ବାପା ମତେ ଏକା କରିଦେଲେରେ ଶ୍ୟାମା– କେଉଁଠିକୁ ଗଲେ ତାଙ୍କୁ ପାଇବିରେ ଶ୍ୟାମା... ।''

ଶ୍ୟାମବାବୁଙ୍କ ଆଖିରେ ପାଣି ଜକେଇ ଆସିଲା । ଗାଁ'ର ଜଣାଶୁଣା ପୁରୁଖା ଚରିତ୍ରଟାଏ ସବୁଦିନ ପାଇଁ ବାଟ କାଟିଦେଲା । ଶ୍ୟାମବାବୁ ରୁମାଲ୍‌ରେ ଆଖି ପୋଛିଲେ । ବୁଢ଼ୀକୁ ପ୍ରବୋଧନା ଦେଲେ । ଶବ ସତ୍କାର ପାଇଁ ପରାମର୍ଶ ଦେବାରୁ ବୁଢ଼ୀ କହିଲା– ''ସାହି ଭାଇ କେହି ପାଖକୁ ଆସୁନାହାନ୍ତିରେ– କହୁଛନ୍ତି ବୁଢ଼ାକୁ କେହି ଛୁଇଁବେନି– ।'' ଶ୍ୟାମବାବୁ ଆଶ୍ଚର୍ଯ୍ୟ ହେଲେ । ଘର ଦାଣ୍ଡକୁ ବାହାରି ଦେଖିଲେ ଟୋକା କେଇଟା ହସର ପସର ହେଉଛନ୍ତି । ତାଙ୍କ ଉଦ୍ଦେଶ୍ୟରେ କହିଲେ– ''ହଇରେ ପିଲେ, ମାଆ- ଜାତି ଭାଇମାନଙ୍କୁ ଡାକ । ବୁଢ଼ା ତ ଗଲା । ତାକୁ ନେଇ କାମ ସାରିଦିଅ... ।'' ଟୋକାଏ କହିଲେ– ''ବୁଝିଲ କକା । ଗତ ଇଲେକ୍‌ସନ୍‌ରେ ଏ ବୁଢ଼ା ଆମକୁ ଛାଡ଼ି ଅନ୍ୟ ଦଳକୁ ସେଇମିତି ସିଏ ପଡ଼ିଥାଉ ।'' ଶ୍ୟାମବାବୁଙ୍କ ଆଖି ଦି'ଟା ବିସ୍ଫାରିତ ହୋଇପଡ଼ିଲା । ନିଜ କାନକୁ ବିଶ୍ୱାସ କରିପାରିଲେ ନି ।

ବୁଢ଼ାବୁଢ଼ୀର ପିଲାପିଲି କେହିନାହାନ୍ତି । ଆଣ୍ଠୁକୁଡ଼ାର ଅପବାଦ ଜୀବନସାରା ଶୁଣି ଆସିଛନ୍ତି । ଏଇ ଗାଁ'ର ଜାତିଭାଇ ହିଁ ତାଙ୍କ ସୁଖଦୁଃଖରେ ଠିଆ ହୁଅନ୍ତି । ଏଇ ଅବେଳରେ ଏମାନେ ଯଦି ସାହା ନ ହେବେ ତା'ହେଲେ ବୁଢ଼ାର କୋକେଇ ଉଠିବନି । କଥାଟାକୁ ସମାଧାନ କରିବାକୁ ଯାଇ ଶ୍ୟାମବାବୁ କହିପକେଇଲେ– ''ନାଇଁରେ ପିଲେ । ସେମିତି କହିଲେ କ'ଣ ଚଳିବ ? ସେତେବେଳର କଥା ସେତେବେଳେ । ଗଲା କଥାକୁ

ଧରିଲେ କ'ଣ ଚଳିବ ? ଚାଲ, ସମସ୍ତଙ୍କୁ ଡକାଡକି କର । ଅସହାୟା ବୁଢ଼ୀଟା କ'ଣ ଆଉ କରିବରେ ?''

ସେମାନଙ୍କ ଭିତରୁ ଜଣେ ଜବାବ୍ ଦେଲା– ''ନାଇଁ କକା । ଆମେ ଜମାରୁ ଯିବୁନି କି କାହାକୁ ଡାକିବୁନି । ସେ ତ ଅନ୍ୟ ପାର୍ଟି ଧରିଲା । ଆମେ କାହିଁକି ତା'ପାଖକୁ ଯିବୁ ?'' ଶ୍ୟାମବାବୁ କେତେ ବୁଝାଇଲେ । ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ ନେହୁରା ହେବାକୁ ମଧ୍ୟ ପଛାଇଲେ ନାହିଁ । ହେଲେ ସବୁ ଅରଣ୍ୟ ରୋଦନ । ସେମାନେ ସମସ୍ତେ ନଛୋଡ଼ବନ୍ଧା । ସେମାନଙ୍କ ଏକା ଜିଦ୍ ତାଙ୍କ ଘରକୁ ଯିବେ ନାହିଁ କି ବୁଢ଼ାଇ ଶବକୁ ଛୁଇଁବେ ନାହିଁ । ସେପଟେ ବୁଢ଼ୀର କରୁଣ କ୍ରନ୍ଦନ ଧ୍ୱନି ସୀମା ଲଙ୍ଘନ କରୁଥାଏ । ଏପଟେ ପିଲାମାନଙ୍କ ଅର୍ଥାତ୍ ଜାତିଭାଇଙ୍କର ବୈମାତୃକ ଭାବ ବଢ଼ି ଚାଲିଥାଏ । ମଝିରେ ରହି ଶ୍ୟାମବାବୁ ଅସହାୟ ହୋଇପଡୁଥାଆନ୍ତି । ଏଇ ପରିସ୍ଥିତିକୁ ଛାଡ଼ି ଚାଲିଯିବାକୁ ମଧ୍ୟ ବିବେକ ତାଙ୍କର ବାଧା ଦେଉଥାଏ । ବହୁ ଅନୁନୟ ବିନୟ ହେଲାପରେ ପିଲାମାନେ କହିଲେ– ''ଯଦି ବୁଢ଼ୀ ତାଙ୍କର ଖର୍ଚ୍ଚ ପାଣି ବାବଦକୁ ପାଞ୍ଚ ହଜାର ଟଙ୍କା ଦେବ, ତା'ହେଲେ ସେମାନେ ବୁଢ଼ାର ଶବ ସତ୍କାର କରିବେ ।''

ଶ୍ୟାମବାବୁଙ୍କର ହାଲ୍‌କା ଶୁଖିଗଲା । ପାଞ୍ଚ ହଜାର ଟଙ୍କା..... ? ପୁଣି ବୁଢ଼ୀ ? ଏଇ ଅବସ୍ଥାରେ.... ? ମୁଣ୍ଡ ଘୁରେଇଗଲା । ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ ଶ୍ୟାମବାବୁ କହିପକାଇଲେ– ''ହଉ ହେଲା । ବୁଢ଼ା ଯାହା ଦୋଷ କରିଥିଲା, ସେଥିପାଇଁ ମୁଁ କ୍ଷମା ମାଗି ନେଉଛି । ତୁମର ଖର୍ଚ୍ଚ ପାଣି ବାବଦକୁ ମୁଁ ମୋ ହାତରୁ ହଜାରେ ଟଙ୍କା ଦେଉଛି । ବୁଢ଼ୀକୁ ଟିକିଏ ଦୟାକର । ହାତରୁ ଶଙ୍ଖା ଯାଇଛି, ମଥାରୁ ସିନ୍ଦୂର ଲିଭିଛି । ଏଇ ଅବସ୍ଥାରେ ତାକୁ ଆଉ କିଛି କହନାରେ ପିଲେ । ମୋର ଅନୁରୋଧ ଟିକିଏ ରକ୍ଷାକର... ।'' ଶେଷ ଆଡ଼କୁ କଣ୍ଠରୋଧ ହୋଇଯାଉଥାଏ ଶ୍ୟାମବାବୁଙ୍କର ।

ଯା'ହେଉ ଶ୍ୟାମବାବୁଙ୍କ କଥାକୁ ହଁ ନାହିଁ, ହଁ ନାହିଁ କରି ଶେଷରେ ସେମାନେ ରଖିଲେ । ଶ୍ୟାମବାବୁ ପକେଟରୁ କାଢ଼ି ପାଞ୍ଚ ଶହ ଟଙ୍କିଆ ଦି' ଖଣ୍ଡ ବଢ଼ାଇଦେଲେ । ପିଲାମାନେ ମହା ଖୁସ୍ । ଅନ୍ୟ ଜାତିଭାଇମାନଙ୍କୁ ଡାକି ଗାଁ କୁଚିଆ ଭାଟିରୁ ଆକଣ୍ଠ ପାନ କରି ବୁଢ଼ାର ଶବ ସତ୍କାରରେ ଲାଗିପଡ଼ିଲେ । ଯା'ହେଉ ଶେଷରେ ବୁଢ଼ାର ଶବ ଉଠିଲା । ହରିନାମ୍ ସତ୍ୟ ହେ – ରାମ ନାମ ସତ୍ୟ ହେ ଧ୍ୱନିରେ ତାଳେ ତାଳେ କୋକେଇ ଚାଲିଲା ମଶାଣି ଆଡ଼କୁ । ଶ୍ୟାମବାବୁ ଆଶ୍ୱସ୍ତ ହେଲେ । ରାଜ୍ୟଟିଏ ଜୟ କରି ପାରିଥିବାର ଗର୍ବରେ ତାଙ୍କ ଛାତି ଫୁଲି ଉଠୁଥିଲା ସିନା, ହେଲେ ଚିର ଆକାଂକ୍ଷିତ ପ୍ରିୟ ଗାଁ ଭାଇଙ୍କ ମାନସିକତାର ଏ ଅଧୋପତନରେ ମ୍ରିୟମାଣ ହୋଇଗଲା ତାଙ୍କର ଆତ୍ମା । ଗ୍ରାମାମୁଖୀ ମନ ପକ୍ଷୀଟାର ଡେଣା ଦି'ଟା ଏକାଥରକେ ଫଡ୍ ଫାଡ୍ କରି ଛିଣ୍ଡିପଡ଼ିଲା କଳିର ତୀକ୍ଷ୍ଣ ଅସୀ ଆଘାତରେ.... ।

*– ନାଗଡିହି, ରାଉତବାହାଲ, କେଶାଇବାହାଲ, ସମ୍ବଲପୁର*

◆❖◆

# କପୋତୀର ଅଶ୍ରୁ

- ସୁବାଷ ଚନ୍ଦ୍ର ଭୂୟାଁ

ଖୋଲା ଆକାଶ ତଳେ ଜୀବନର ଅଗଣିତ ଦିନ ବିତାଉଥିବା ରମାମଣୀ ସବୁ କିଛି ହରାଇ ତା'ର ତୃଷ୍ଣା ମେଣ୍ଟାଇବା ପାଇଁ ଚାତକ ଭଳି ଚାହିଁରହିଛି । କିଏ ଦେବ ତା' ମୁହଁରେ ଆହାର, କିଏ ଭରିଦେବ ତା' ମନରେ ଆଶାର ଜୁଆର । ନାରୀ ଜନ୍ମର ସାର୍ଥକତା ପାଇଁ ଦିନେ ରମାମଣି ରଘୁନାଥକୁ ପତି ରୂପେ ବରଣ କରିଥିଲା । ସ୍ୱାମୀ, ଶାଶୂ, ଶ୍ୱଶୁରଙ୍କୁ ନେଇ ଛୋଟିଆ ସୁଖୀସଂସାରଟିଏ, ତାହା ଥିଲା ବିପରୀତ, କାରଣ ରଘୁନାଥ ସବୁ ସମୟରେ ମଦ୍ୟପାନ କରି ନିଶାଶକ୍ତ ଅବସ୍ଥାରେ ଘରକୁ ଫେରେ । ସ୍ତ୍ରୀ ରମାମଣିକୁ ଶାରୀରିକ, ମାନସିକ ନିର୍ଯାତନା ଦେଉଥିଲା । ସବୁ ଦୁଃଖ ଯନ୍ତ୍ରଣାକୁ ମଥାପତି ସହି ଆଖିରୁ ଲୁହ ନିଗାଡ଼ି ଦିନ ପରେ ଦିନ ବିତାଉଥିଲା । ମଦ୍ୟପ ସ୍ୱାମୀର ଏତାଦୃଶ କାର୍ଯ୍ୟ ସାରା ପରିବାରକୁ ସବୁଦିନେ ଯନ୍ତ୍ରଣାର ଶରାଘାତ କରୁଥିଲା । ଅତ୍ୟଧିକ ମଦ୍ୟପାନ କରି ରଘୁନାଥ ଯକୃତଜନିତ ରୋଗରେ ପୀଡ଼ିତ ହେଲା । ରଘୁନାଥର ରୋଜଗାର ସେମିତି କିଛି ନ ଥିଲା । କେମିତି କେତେବେଳେ ଦିନ ମଜୁରିଆ କାମକରି, ଦୁଇ ପଇସା ଆଣିଲେ ନିଜର ମଦ ଖର୍ଚ୍ଚ କରେ । ପରିବାର କଥା ପଚାରେ କିଏ ? ଟଙ୍କା ପଇସା ସଞ୍ଚୟ କିଛି ନ ଥିଲା । ନିଜର ରୋଗ ଚିକିତ୍ସା ଖର୍ଚ୍ଚ ପାଇଁ ଏତେଗୁଡ଼ାଏ ଟଙ୍କା ଆସିବ କେଉଁଠୁ । ରମାମଣି ପାଇଁ ଦୁଃଖର କଳାବାଦଲ ଘୋଟିଆସିଲା । କ'ଣ କରିବ ସେ ? ସ୍ୱାମୀ ବଞ୍ଚିଥିଲେ ବି ତା' ପାଇଁ ମାନସିକ ଶାରୀରିକ ଯନ୍ତ୍ରଣାର ଜୁଆର । ଏପଟେ ସ୍ୱାମୀର ରୋଗରେ ମ୍ରିୟମାଣ ହୋଇ କ'ଣ କରିବ ବୋଲି ଚିନ୍ତା କରିପାରୁନି । ଆର୍ଥିକ ସ୍ଥିତି ଅନୁସାରେ ଯେତିକି ସମ୍ଭବ ଥିଲା ସବୁ ରଘୁନାଥର ସ୍ୱାସ୍ଥ୍ୟ ସେବାରେ ଖର୍ଚ୍ଚ କଲା । ରୋଗ ଭଲ ହୋଇପାରିଲା ନାହିଁ, ଶେଷରେ ଡାକ୍ତର ରଘୁନାଥକୁ ଘରକୁ ଫେରାଇଦେଲେ । କିଛିଦିନ ମୃତ୍ୟୁ ସହ ସଂଗ୍ରାମ କରି ରଘୁନାଥ ଆରପାରିକୁ ଚାଲିଗଲା । ରମାମଣିର ଏତିକିରେ ଦୁଃଖର ପୂର୍ଣ୍ଣଚ୍ଛେଦ ପଡ଼ି ନ ଥିଲା । ସ୍ୱାମୀ ଚାଲିଗଲା ପରେ ରମାମଣିର ଗର୍ଭାବସ୍ଥା, କିଛିଦିନ ପରେ ସନିଆଟି ଜନ୍ମ ହେଲା । ବୃଦ୍ଧ ଶ୍ୱଶୁର ମାଧବ, ଶାଶୂ ଶାରୀ ଶିଶୁପୁତ୍ର ସନିଆକୁ ନେଇ ତା'ର ସଂସାର । ସ୍ୱାମୀ ଚାଲିଗଲା ପରେ ରମାମଣି କେମିତି ଚାରିଜଣ ପରିବାରଙ୍କ ମୁହଁରେ ମୁଠାଏ ଦାନା ଦେବ, କେମିତି ଏମାନଙ୍କ ଜୀବନ ବଞ୍ଚାଇବ । ଦୁଃଖରେ ଭାଙ୍ଗିପଡ଼ିଲା ରମାମଣି । ସ୍ୱାମୀର ରୋଗ ସେବାରେ ଖର୍ଚ୍ଚ ପାଇଁ ଜମି ବୋଲି ଛଅଗୁଣ୍ଠ, ଦୁଇ ବଖରା ଘର ସହିତ ଘରଡ଼ିହ ସବୁକିଛି ହରାଇ ଦେଇଛି । ମୁଣ୍ଡ ଗୁଞ୍ଜିବାକୁ ଜାଗାଟିକେ ନାହିଁ । ଚାରିଜଣ ପରିବାରକୁ ନେଇ ମୁଣ୍ଡ ଗୁଞ୍ଜିବାକୁ ବାଛି ନେଇଛି, ରାମଚନ୍ଦ୍ରପୁର ଗାଆଁର ହାଟ ଚାଳିଆ । ହାଟ ରବିବାର ଆଉ ବୁଧବାର ଏହି ଦୁଇଦିନ ହାଟରୁ ବାହାରି ଅନ୍ୟତ୍ର ଦିନ କାଟନ୍ତି । ଅବଶିଷ୍ଟ ପାଞ୍ଚଦିନ ସେହି ହାଟ ଚାଳିଆରେ । ଏମିତି ଦିନ କଟେ । ରମାମଣି ପାଇଁ ସ୍ୱର୍ଗ ଆଉ ସବୁକିଛି ସେହି ହାଟ ଚାଳିଆ । ରାମଚନ୍ଦ୍ରପୁର ଗାଆଁର ବ୍ରହ୍ମାନନ୍ଦବାବୁଙ୍କ ଘରେ ଦୁଇଓଳି ବାସନ ମାଜି ଶାଶୂ, ଶ୍ୱଶୁର, ପୁତ୍ର ସନ୍ତାନଙ୍କର ମୁହଁରେ ଆହାର ଦେଇ ଦିନ କାଟିଲା । ସ୍ୱାମୀଙ୍କ ମୃତ୍ୟୁର ଚାରିବର୍ଷ ପରେ ଶ୍ୱଶୁର ମାଧବ, ବାର୍ଦ୍ଧକ୍ୟ ଅବସ୍ଥାରେ ମୃତ୍ୟୁବରଣ କଲେ । କିଛି ଭିକ୍ଷା କରି ଶ୍ୱଶୁରଙ୍କର କ୍ରିୟା କର୍ମ କଲା ରମାମଣି । ପରଘର ପାଇଟି ସାରି ସେହି ହାଟ ଚାଳିରେ ଥକ୍କା ମାରି ମୁଣ୍ଡରେ ହାତ ଦେଇ ବସିପଡ଼େ ସିଏ । ଭାବେ ଜୀବନରେ ଏତେଗୁଡ଼ାଏ ଦୁଃଖଯନ୍ତ୍ରଣାକୁ ସହିଲା ପରେ, କେବେ ଟିକେ ସୁଖ ଶାନ୍ତି ମିଳିବ । ଆଉ ମୋ ସନିଆ ସତରେ ଭଲ ମଣିଷ ହେବ, ଏଭଳି ଭାବନା ରମାମଣିର ମନକୁ କେବେ କେବେ ବିଚଳିତ କରୁଥିଲା । ଶ୍ୱଶୁରଙ୍କ ମୃତ୍ୟୁର ଏକବର୍ଷ ପରେ ଆର୍ଥିକ ଅନାଟନ ଓ ଅନାହାରରେ ଶାଶୂ ମୃତ୍ୟୁବରଣ କଲେ । ରମାମଣି ପାଇଁ ନ ଥିଲା ସରକାରୀ ସାହାଯ୍ୟ, ବିଧବା ଭତ୍ତା କିମ୍ୱା ଇନ୍ଦିରା ଆବାସ । ଭୋଟ ସମୟରେ ବହୁତ ରାଜନେତାଙ୍କୁ ଭେଟି ଗୁହାରୀ କରିଛି । ଆଖିରୁ ଲୁହ ନିଗାଡ଼ି ଦରଦୀ କଣ୍ଠରେ ଦୁଃଖ ଜଣାଇଛି । କେହି ବୁଝିନାହାନ୍ତି ରମାମଣିର ଦୁଃଖ । ନିଜର ଭାଗ୍ୟକୁ ଆଦରି ନିଜ ପୁଅ ସନିଆକୁ ନେଇ ପଡ଼ିରହିଛି ରାମଚନ୍ଦ୍ରପୁର ହାଟଚାଳିରେ । ରମାମଣି ଭାବି ନେଇଛି ଯେତ କଷ୍ଟ

ହେଉପଛେ, ପର ଘରେ ଦୁଇଓଳା ବାସନ ମାଜି ସନିଆକୁ ଭଲ ମଣିଷ କରିବ । ଆଶା ବାନ୍ଧିଛି ସେ ପାଠ ପଢ଼ି ହାକିମ ହେବ, ଘର କରିବ, ତା' ପାଇଁ ବୋହୂଟିଏ ଆଣିବ, ବାପାର ନାଆଁ ରଖିବ, ମୋ ବୃଦ୍ଧାବସ୍ଥାରେ ମୋ ମୁହଁରେ ମୁଠାଏ ଆହାର ଦେବ । ସବୁବେଳେ ରମାମଣି ଭାବୁଥାଏ । ସନିଆ ଗାଆଁ ସ୍କୁଲରେ ପାଠ ପଢୁଥାଏ । ସେତେବେଳକୁ ତାକୁ ଦଶବର୍ଷ ହୋଇଥାଏ । ଦିନେ ରାତିରେ ମାଆ-ପୁଅ ଦୁଇଜଣ ଶୋଇଛନ୍ତି । କୌଣସି ବିଷଧର ସର୍ପ ସନିଆକୁ ଦଂଶନ କରିଛି । ସନିଆ କାନ୍ଦି ଉଠିଛି, କହିଛି ମାଆ ମୋତେ କ'ଣ କାମୁଡ଼ି ଦେଲା । ମାଆ ଦେଖିଲାବେଳକୁ ସର୍ପଟିଏ ଶୋଇବା ଜାଗାରୁ ବାହାରି ବାହାରକୁ ଯାଉଛି । ଏତିକିରେ ପୁଅର ସାରା ଶରୀର ବିଷର ଜ୍ୱାଳା । ବ୍ରହ୍ମାନନ୍ଦବାବୁ ନିଜ ଗାଡ଼ିରେ ବସାଇ ମେଡିକାଲ ନେଇଗଲେ । ଡାକ୍ତର ଦେଖିଲେ, ଶେଷରେ ସନିଆକୁ ମୃତ ଘୋଷଣା କଲେ । ରମାମଣିର ସ୍ୱପ୍ନ ସ୍ୱପ୍ନରେ ରହିଗଲା । ଆଶାର ଇନ୍ଦ୍ରଧନୁ ମଉଳିଗଲା । ଯାହାକୁ ସବୁଦିନ ପାଇଁ ଜୀବନସାଥୀ କରିଥିଲା, ସେ ତାକୁ ବିଧବା ସଜେଇଦେଲା । ଯାହାକୁ ଦଶମାସ ଦଶଦିନ ଗର୍ଭରେ ଧରି ଅନ୍ତଚିରି ଜନ୍ମ ଦେଇଥିଲା, ସେ ମଣିଷ ହୋଇ ପାଳିବ, ପୋଷିବ, ବାର୍ଦ୍ଧକ୍ୟ ସମୟରେ ତା'ର ସେବା କରିବ । ମୃତ୍ୟୁ ସମୟରେ କାନ୍ଧରେ ନେଇ ତାକୁ ସଂସ୍କାର କରିବ । ସେ ଆଜି ଜନ୍ମଦାତ୍ରୀ ମାଆର ଆଗରେ ଚାଲିଯାଉଛି । କାହା ମୁହଁକୁ ଅନାଇ ବଞ୍ଚିବ ? କିଏ ତା'ର ସାହା ହେବ ? ପୁଅର ମୃତ୍ୟୁ ବେଦନାରେ ନିର୍ଜୀବ, ନିର୍ବାକ୍ ଜଡ଼ବସ୍ତୁ ପାଲଟିଯାଇଛି ରମାମଣି । ସତେଯେମିତି ବହିଯାଉଛି ତା' ଆଖିରୁ ଲୋତକର ଗଙ୍ଗା ।

ଆଉ କିଏ ଅଛି ସନିଆର ମୃତ୍ୟୁରେ ଲୁହ ଗଡ଼ାଇବ । କିଏ ରମାମଣିକୁ ଆହା ବୋଲି କହିବ । ପୁତ୍ରର ଶୋକରେ ଶୋକାତୁର ହୋଇ ସବୁଦିନ ପାଇଁ ଅଶ୍ରୁର ଗଙ୍ଗା ବୁହାଉଥିବ ତା' ମରିବା ପର୍ଯ୍ୟନ୍ତ । ସେ ଲୁହ କେବେ ଶୁଖିବ ନାହିଁ । ଏମିତି ଅନେକ ଦିନ ଅନେକ ରାତି ବିତିଯାଇଛି । ଦିନ କ'ଣ ରାତି କ'ଣ ରମାମଣି ଜାଣେ ନାହିଁ । ସତେଯେମିତି କିଏ ଛୁରୀରେ ଆଘାତ ପରେ ଆଘାତ ବାରମ୍ବାର ଦେଇ ଚାଲିଛି ରମାମଣିକୁ । ତା' ଆଖିଆଗରେ ଚାଲିଗଲେ ସାରା ପରିବାର । କାହା ମୁହଁକୁ ଅନାଇ କେମିତି ବଞ୍ଚିବ । କେମିତି ବୁଝିବ ତା' ମନ, କେମିତି ସହିବ ତା' ଛାତି । ଖାଲି ହୋଇଗଲା କୋଳ, ଶୂନ୍ୟ ହୋଇଗଲା କୁଳ । ଏମିତି ଅନେକ ଭାବନା ଭିତରେ ହଜିଯାଇଛି ରମାମଣି । ଶେଷରେ ସେ ସାଜିଛି ପାଗଳିନୀ । ତା'ର ଘର କ'ଣ, ଖାଇବା ପିଇବା, ଦିନରାତି, ଏ ସାର ଦୁନିଆଟା କ'ଣ ବୋଲି ସିଏ ଜାଣେନା । ଘୁରିବୁଲୁଛି ଏ ଗାଆଁରୁ ସେ ଗାଆଁକୁ । ମନେ ମନେ କଥା ହେଉଥିବ, ସତେଯେମିତି କାହା ସହିତ ଗପୁଛି । ଶେଷରେ ପାଗଳୀ ରମାମଣି ପିଲାମାନଙ୍କ ଟେକାପଥର ମାଡ଼ର ଶିକାର ହୋଇଛି । ଜୀବନର ଆରମ୍ଭରୁ ଆଜିପର୍ଯ୍ୟନ୍ତ କାହା ପାଖରେ ଦିନେ ପ୍ରତିବାଦ କରିନାହିଁ । ମାଆ ଧରିତ୍ରୀ ଭଳି ସର୍ବଂସହା ହୋଇଛି ।

ପୁତ୍ରହରା କପୋତୀ ପଥହରା ହୋଇ ସାଜିଛି ପାଗଳିନୀ । ତା' ଅଶ୍ରୁର ଜଳବିନ୍ଦୁ ଝରଣାଟା ସବୁଦିନ ପାଇଁ ବନ୍ଦ ହୋଇଯାଇଛି । ପଥଭିଜା ପଥିକ ସାଜି, ମରୀଚିକା ପଛରେ ଘୁରିବୁଲିଛି ରମାମଣି ତା'ର ପୁତ୍ର ଖୋଜିବା ଅନ୍ୱେଷଣରେ । ଅବୁଝା ମନ ବୁଝୁନାହିଁ ମାଆ କପୋତୀର, ତା'ର ଅଦେଖା ଲୁହକୁ ଦେଖିବ କିଏ ? ଅମାନିଆ କୋହକୁ ବୁଝିବ କିଏ ? ରମାମଣି ବେଳେବେଳେ ଚିତ୍କାର କରି କହୁଥାଏ, ଆରେ ସନିଆ କୁଆଡ଼େ ଗଲୁ, ମୋ ପାଖକୁ ଫେରିଆ, କ'ଣ ପାଇଁ ଶୋଇଛୁ । ଆରେ ଧନ, ମୋ ପାଖକୁ ତୋତେ ଥରୁଟିଏ ଦେଖିବି । ମୋ ଜୀବନ ଧନ୍ୟ ହେବ । ରୁଷୁନାରେ, ରାଗେନାରେ ସନିଆ, ମୋ ସେରକ ପୁରିଲା ମୋ ମାଣକ ପୁରିଲା ଉଠରେ ପୁଡ଼ା ଉଠ । ଧନ୍ୟରେ କାଳିଆ ଠାକୁର ତୁ ରମାମଣିର ସଂସାରକୁ ଉଜାଡ଼ି ଦେଇ ଖୁସି ହେଲୁ । ଧନ୍ୟ ଧନ୍ୟ ତୋର ଲୀଳା ।

କାଳିଆରେ ତୁହି ଜଗତେ ବୋଲାଉ, ତୁ ଏକା ବଡ଼ ଠାକୁର

କାହାକୁ ହସାଉ କାହାକୁ କନ୍ଦାଉ, କାହାକୁ କରୁ ପାଗଳ ।

ସଧବା ମଥାରୁ ଲିଭାଉ ସିନ୍ଦୂର ବାପ ଥାଉ ଥାଉ ଚାଲିଯାଏ ପୁଅ

ଶୂନ୍ୟ କରୁ ମାଆ କୋଳ

ଧନ୍ୟ ତୋର ଲୀଳା ଖେଳରେ କାଳିଆ, ଧନ୍ୟ ତୋର ଲୀଳା ଖେଳ ॥

*- ଖୁଣ୍ଟୁଝରୀ, ଇନ୍ଦିପୁର, ଢେଙ୍କାନାଳ*

◆❖◆

# ଅଜାତି ଟୀକା

- କାମାକ୍ଷା ପ୍ରସାଦ ବେହେରା

(ସେ ଜିତେନ୍ଦ୍ରର ଜିତାପଣ ଭିତରେ
''ତୁମ ଦେହରେ ଯେଉଁ ରକ୍ତ,
ଆମ ଦେହରେ ସେହି ରକ୍ତ ।''
ଅଜାତି କ'ଣ ? ଏହି ମତବାଦରେ ସ୍ଥାନ-କାଳ-ପାତ୍ରକୁ ଭୁଲିଯାଇ ପ୍ରତିଟି ସ୍ଥାନରେ ନିଜର ପ୍ରଭୁତ୍ୱ ବିସ୍ତାର କରିବାର ଦୁର୍ଗନ୍ଧ ବେଶ୍ ବାରିପାରି ଦୂରେଇ ରହିବାକୁ ଚେଷ୍ଟା କରିଥିଲା ।)

ସାଢ଼େ ଛ'ଫୁଟ ଉଚ୍ଚତା ବିଶିଷ୍ଟ ବ୍ୟକ୍ତି ଶାନ୍ତନୁ ରାଉତ । ହାଇକୋର୍ଟର ଗୋଟେ ବେଞ୍ଚରେ ବଡ଼ବାବୁଙ୍କ ପାଖରେ ସାମାନ୍ୟ ତଳିଆ ଚାକିରି କରିଥାନ୍ତି । ତଳିଆ କ'ଣ ମଁ ସମାନ କହିଲେ ଚଳେ । ସିଏ ସିନିୟର, ଇଏ ଜୁନିୟର । ସିଏ ବଡ଼ବାବୁ ଇଏ କ୍ଲର୍କ୍ । ଚାକିରି ପ୍ରାୟ ସମସାମୟିକ, ଆଗପଛ କରି ଛ' ମାସର ବ୍ୟବଧାନ । ତେବେ ବଡ଼ବାବୁ ରାଘବ ମିଶ୍ରେ ଏତେଦିନ ଏକାଠି ଚଳିବା ପରେ ଆଜି ହଠାତ୍ ଜାଣିପାରିଲେ ରାଉତବାବୁ ସିଭିଲ୍ କାଷ୍ଟ ସାର୍ଟିଫିକେଟ୍ ବଳରେ ଏ ପୋଷ୍ଟ ଅଗ୍ରାଧିକାର ଭାବେ ପାଇଛନ୍ତି । ତାଙ୍କ ମନରେ ଅଜାତି ଟୀକାର ଗନ୍ଧଟା ବାଜି ଉଠିଲା । ସେ ପୂର୍ବଠାରୁ ବ୍ୟବଧାନ ସୃଷ୍ଟି କରିବାର ଚେଷ୍ଟା ମନ ଭିତରେ ଭାବି ରାଉତବାବୁଙ୍କ ଇତିବୃତ୍ତି ଜାଣିବାକୁ ଚେଷ୍ଟା କରନ୍ତି । ରାଉତବାବୁ ବାରିପଦା ସହରର ବାସିନ୍ଦା । ଭଲ ପଢ଼ନ୍ତି, କବି ଓ ଗାୟକ ଉଭୟ ଗୁଣ ଅଧିକାରୀ ସିଏ । ଭଲିବଲ୍, କବାଡ଼ିରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଖେଳାଳି । ତାଙ୍କର ପ୍ରତିଟି କାର୍ଯ୍ୟ ତାଙ୍କୁ ମାନପତ୍ର, ପୁରସ୍କାର ଦେଇଛି । ବାଳିକା ବିଭାଗରେ ସୋନାଲି ରଣା ସେହିପରି ବହୁଗୁଣସମ୍ପନ୍ନା ଏବଂ ସୁନ୍ଦରୀ ସୁଶୀଳା ସ୍ୱାସ୍ଥ୍ୟବତୀ ଛଅ ଫୁଟିଆ ଝିଅ । ଉଭୟଙ୍କର ବନ୍ଧୁତା ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ବାର୍ଷିକ ଉତ୍ସବଠାରୁ ଆରମ୍ଭ ହୋଇ ଯୁକ୍ତ ତିନି ଶେଷ ଯାଏ ଉଦ୍‌ଜୀବିତ ରହିଥିଲା । ସେହି ସମୟରେ ସହରରେ ଏକ କ୍ଷୁଦ୍ର ଘଟଣାକୁ ନେଇ ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ଏତେ ବୃହତ୍ତର ହୋଇଯାଇଥିଲା ଯେ ଶତାଧିକ ବ୍ୟକ୍ତି ଆହାତ ହେବା ସହ ଉଭୟ ଗୋଷ୍ଠୀର ଚାରିଜଣ ନିହତ ହୋଇଥିଲେ । ପ୍ରଶାସନର ବ୍ୟାପକ ଉଦ୍ୟମ ପରେ ସତେଇଶ ଦିନରେ ଶାନ୍ତ ପଡ଼ିଥିଲା ପରିବେଶ । ତେବେ ଘଟଣାଟି ଘଟିଥିଲା ପାନ ଦୋକାନରୁ । ସବର୍ଣ୍ଣଙ୍କ ଅଞ୍ଚଳରେ ଥିବା ଏହି ଦୋକାନରେ ଅସବର୍ଣ୍ଣ ଲୋକଙ୍କର ଚଳଣି ବେଶି ଥିଲା । ଛୁଆଁଛୁତିର ଦୂରତ୍ୱକୁ ଡେଇଁ ଦୋକାନୀକୁ ନିଜ ସଂପ୍ରଦାୟର ଭାବି ଅଧିକାର ସ୍ଥାପନ କରିବା ଆଳରେ ଜୋର୍ ଜୁଲମ୍ କରିବାକୁ ପଛାଇ ନ ଥାନ୍ତି ସେମାନେ । ସେସବୁ ବ୍ୟବସାୟୀ ଚାତୁରୀରେ ଦୋକାନୀ ଜାଣିଶୁଣି ସହିଯାଏ ।

ଥରେ ଦୋକାନୀ ସ୍ଥାନରେ ତା'ର ସୁରାଟ ଠାରୁ ଆସିଥିବା ଶଳା ବସିଥାଏ ଦୋକାନରେ । ମୁଣ୍ଡା ନାଏକ ଜୋର୍‌କରି ଦୋକାନ ଭିତରକୁ ପଶି ନିଜ ଶଳା ପରି ପରହାସ କରି ଏକପ୍ରକାର ନିର୍ଯାତନା ଦବାର ପ୍ରୟାସ କରୁଥାଏ । ଏହି କାରଣରୁ ପ୍ରଥମେ ବଚସା ପରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ମୁଣ୍ଡା ନାଏକ ବସ୍ତିକୁ ଫେରିଯାଇ ସାହିର କେତେ ମଦୁଆଙ୍କ ସହ ହାତ ହତିଆର ଧରି ଦୋକାନ ପାଖରେ ଅଶ୍ଳୀଳ ଶବ୍ଦ ପ୍ରୟୋଗ କରି ଜଗି ରହିଲା । ଦୋକାନୀ ଫେରିଆସିବା ବେଳକୁ ଉପୁଜିଥିବା କଳହ ପରବର୍ତ୍ତୀ ପରିସ୍ଥିତିକୁ ବାରିପାରି, ଦୋକାନ ବନ୍ଦ କରିବା ସହ ପରିସ୍ଥିତି ସଂପର୍କରେ ନିଜ ଆତ୍ମୀୟମାନଙ୍କୁ ଅବଗତ କରାଇଥିଲା । ଦୋକାନ ବନ୍ଦ ଥିବା ଦେଖି ଅସବର୍ଣ୍ଣଙ୍କ କ୍ରୋଧ ଦୋକାନ ଗୃହ ଉପରେ ପଡ଼ିବାରୁ ଉଭୟ ଗୋଷ୍ଠୀରେ ସଂଘର୍ଷ ଆରମ୍ଭ ହୋଇଗଲା । ମୁଣ୍ଡା ନାଏକ ଆହତ ହୋଇ ମେଡିକାଲରେ ପଡ଼ିବାରୁ ଆଖପାଖର ଅସବର୍ଣ୍ଣ ଲୋକମାନେ ମେଳି ହୋଇ ଠା'କୁ ଠା' ଛକାପଞ୍ଝା ଭାବେ ଜଗାଜଗି କରି ଦୋକାନୀର ଭେଣ୍ଡା ପୁଅକୁ ଦାଣ୍ଡ ମଝିରେ ଖଣ୍ଡାଧରି ଗୋଡ଼େଇ ଗୋଡ଼େଇ ହାଣିଦେଲେ । ଏଥିରେ ସବର୍ଣ୍ଣଙ୍କ ମେଳି ଅଧିକ ମଜଭୁତ୍ ହୋଇ ଅସବର୍ଣ୍ଣଙ୍କୁ ଦେଖିଲାମାତ୍ରେ ଆକ୍ରମଣ କଲେ । ମୁଣ୍ଡା ନାଏକର ଦି' ଶଳା ମଲେ । ପ୍ରଶାସନ ଶହେ ଚଉରାଳିଶ ଧାରା ଜାରି କରି ଶତାଧିକ ଲୋକଙ୍କୁ ଆରେଷ୍ଟ କରିବା ପରେ ବନ୍ଦ ହୁଏ ଏ ଦଙ୍ଗା ।

ଏ ଘଟଣାକୁ ଜାଣିବା ପରେ ଅସବର୍ଣ୍ଣର ପ୍ରକୃତି ଗନ୍ଧଟା ସୋନାଲି ନାକରେ ବାଜି ଫାଟିପଡୁଥାଏ । ସେ ଜିତେନ୍ଦ୍ରର ଜିତାପଣ ଭିତରେ ''ତୁମ ଦେହରେ ଯେଉଁ ରକ୍ତ, ଆମ ଦେହରେ ସେହି ରକ୍ତ । ଅଜାତି କ'ଣ ? ଏହି ମତବାଦରେ ସ୍ଥାନ-କାଳ-ପାତ୍ରକୁ ଭୁଲିଯାଇ – ପ୍ରତିଟି ସ୍ଥାନରେ ନିଜର ପ୍ରଭୁତ୍ୱ ବିସ୍ତାର କରିବାର ଦୁର୍ଗନ୍ଧ'' ବେଶ୍ ବାରିପାରି ନିଜକୁ ଦୂରେଇ ରଖିବାକୁ ଚେଷ୍ଟାକରିଥିଲା । ଜିତେନ୍ଦ୍ର ଓରଫ୍ ଶାନ୍ତନୁ ରାଉତର ପ୍ରଥମ ଭଲପାଇବାରେ ଏମିତି ଏକ ଜାତିଆଣ ଧୋକା ସେ କେବେ ବି ଭୁଲିପାରି ନ ଥିଲା । ନିଜକୁ ନିଜର ପ୍ରକୃତି ହୀନତା ଜାତିଠାରୁ ଦୂରେଇ ରଖିବା ପାଇଁ ନିଜ ନାମ କୋର୍ଟ ଆଫିଡେଟ୍ କରି ପରିବର୍ତ୍ତନ କରିଥିଲା । ନିଜ ଘରର ମୋହ-ମମତା ତୁଟାଇ କଟକରେ ନିଜ ଜୀବନର ଦିଗ ପରିବର୍ତ୍ତନ କରିଥିଲା ।

ଶାନ୍ତିର ଜୀବନଯାପନ ପାଇଁ ତା'ର ଯେଉଁ ଆଶା ଥିଲା– ଛୋଟ ହେଉପଛେ ଭଲ ଚାକିରିଟିଏ କରିବ । ଭଲ ଘରଟିଏ କରିବ । ସୁନ୍ଦରୀ ସ୍ତ୍ରୀଟିଏ ପାଇବ । ତା'ର ସବୁ ଆଶା ପୂରଣ ହୋଇଯାଇଛି । କିନ୍ତୁ ସେ ଯେଉଁ ନିଜ ଜାତିଠାରୁ ଦୂରେଇ ଯିବାର ଚେଷ୍ଟା କରି ଏତେସବୁ ପଦକ୍ଷେପ ନେଇ ସଫଳ ହୋଇଥିଲେ, ସେ ଜାତି ତା' ପାଖ ସଂପୂର୍ଣ୍ଣ ଛାଡ଼ିପାରି ନ ଥିଲା । ସେ ଚାକିରି କଲାବେଳେ ସମାନ ସ୍ତରର ଦଶ ଜଣ କ୍ୟାଣ୍ଡିଡେଟ୍ ଭିତରେ ତା'ର ଜାତି ସାର୍ଟିଫିକେଟ୍ ତାକୁ ଅଗ୍ରାଧିକାର ବଳରେ ଚାକିରି ଦେବାରେ ସାହାଯ୍ୟ କରିଥିଲା । ଏ କଥା ଅଫିସ୍ ଫାଇଲ୍ ଭିତରେ ଲୁଚି ରହିଥିଲା ସିନା କେହି ଜାଣନ୍ତି ନାହିଁ ।

ରାଉତବାବୁଙ୍କ ଶିକ୍ଷତା ଥିଲା, ତାଙ୍କ ଜାତିଆଣଠାରୁ ଊର୍ଦ୍ଧ୍ୱରେ । ତାଙ୍କ ପାଖରେ ଚଳିଲେ କେହି କେବେ ମନେକରିବେନି ଯେ ହରିଜନ ସଂପ୍ରଦାୟର । ମିଷ୍ଟଭାଷୀ, ମେଳାପୀ ଭାବେ ସେ ସଭିଙ୍କର ପ୍ରିୟ ମଣିଷ । ଆବଶ୍ୟକଠାରୁ ଅଧିକ କଥା କହି ନ ଥାନ୍ତି । ନିଜ ଯୋଗ୍ୟତାକୁ ନେଇ ବିଡ଼ାନାସୀ ପଠାରେ ପ୍ଲଟ୍ ଖଣ୍ଡେ କିଣି ଚଳିଲା ମୁତାବକ ବାସ୍ ଆଦର୍ଶ ଭବନ ନିର୍ମାଣ କରି ଅଭିଳାଷର ଅନ୍ୟଦିଗ ପୂରଣ କରିବାରେ ସାମର୍ଥ୍ୟ ଲାଭ କରି ଖଣ୍ଡାୟତ କୁଳର ସୁନ୍ଦରୀ ସ୍ୱାସ୍ଥ୍ୟବତୀ କନ୍ୟାକୁ ବିନା ଯଉତୁକରେ ବିଭା କରିଥଲେ ।

ସେହିଦିନରୁ ସେ ନିଜ ଭିଟାମାଟିର ଗନ୍ଧ ବାରିବାକୁ ଚେଷ୍ଟା କରିନାହାନ୍ତି । ଭାୟା / ମିଡିଆ/ ଇଲେକ୍ଟ୍ରୋନିକ୍‌ରେ ଗୁପ୍ତ ସଂପର୍କ ରଖି ନିଜ ବିଧବା ମା', ବିକଳାଙ୍ଗ ଭାଇକୁ ସହଯୋଗ କରୁଥିବା ସମ୍ପତ୍ତି ବିଷୟରେ କେହି କେବେ ଜାଣିପାରି ନ ଥିଲେ । ସେଠୁ କେହି ଏଠାକୁ ଆସିବାର କାହାର ନଜିର ନାହିଁ । ଏପଟେ ଶ୍ୱଶୁର ଘର କହିଲେ, ବିଧବା ଶାଶୂର ଏକମାତ୍ର କନ୍ୟା । କାଠଯୋଡ଼ି ସେପଟେ ବୋହୂର ବାପଘର । ବୁଢ଼ୀ ଆସି ନାତିନାତୁଣୀ ସେବାରେ ନିଜକୁ ନିଜେ ନିୟୋଜିତ କରି ଏଠାରେ ଏକପ୍ରକାର ରହିଯାଇଛନ୍ତି । ପିଲା ଦି'ଟା ସରସ୍ୱତୀ ଶିଶୁ ମନ୍ଦିରରେ ଅଧ୍ୟୟନରତ ।

ଏତେବେଳେକେ ରାଘବ ମିଶ୍ର ଜାଣିପାରିଲେ ସତଟା କ'ଣ ? ସେ ଉଚ୍ଚ ସଂସ୍କାରୀ ମାନବବାଦୀ ମଣିଷ । ତାଙ୍କ ଦୃଷ୍ଟିରେ ଜାତି ବଡ଼ ନୁହେଁ, ବଡ଼ ମଣିଷର ଆଚରଣ । ସତ୍ୟ, ଶାନ୍ତି, ଦୟା, କ୍ଷମା ବହନ କରି ଜୀବ ଦେହରେ ଈଶ୍ୱରଙ୍କ ସତ୍ତା ଅନୁଭବ କରିବା ଉଚ୍ଚ ଆଚରଣ ସମ୍ପନ୍ନ । ଏଥିରୁ ଅଧିକାଂଶ ଗୁଣ ସେ ରାଉତବାବୁଙ୍କ ଠାରେ ଆଗରୁ ଦେଖିଆସୁଛନ୍ତି । ତେଣୁ ତାଙ୍କ ମନରୁ ସେ ଅଜାତିଟୀକା ସାର୍ଟିଫିକେଟ ପାସୋରି ରାଉତବାବୁଙ୍କୁ ଆପଣାର କରି ନିଅନ୍ତି । ରାଉତବାବୁ ମିଶ୍ରଙ୍କ ଆଖିରେ କିଛି ନୂଆ ଆବିଷ୍କାର କରିବାର ମହକ ବାରିପାରୁଥିଲେ । ଗୁଣୁଗୁଣୁ ହୋଇ କବିତାଟିଏ ଲେଖିବାକୁ ପ୍ରୟାସ କରୁଥାନ୍ତି–

ଭାଗ୍ୟ, କର୍ମ ମଧ୍ୟେ ଦ୍ୱନ୍ଦ୍ୱ ଚାଲିଛି
କିଏ ବଡ଼, ସାନ ମନ କିଣୁଛି
ଅନ୍ଧବିଶ୍ୱାସରେ ଲଟର ପଟର
ବେଳ ଆଜିକାଲି ଗଡ଼ିଯାଇଛି ।

*– ଇନ୍ଦୁପୁର, ଢେଙ୍କାନାଳ*

◆❖◆

# ବିଚିତ୍ର ସମ୍ବନ୍ଧ

- ଲୋକନାଥ ମହାପାତ୍ର

ବିଳାସପୁର ଗ୍ରାମର ଚତୁଃପାର୍ଶ୍ୱର ନୈସର୍ଗିକ ଶୋଭାର ଦୃଶ୍ୟ ଅବର୍ଣ୍ଣନୀୟ । ଜିଲ୍ଲାର ସଦର ମହକୁମାଠାରୁ ସେ ଗାଁ ପର୍ଯ୍ୟନ୍ତ ଗମନାଗମନର ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ମାଧ୍ୟମରେ ଏକ ସୁନ୍ଦର କଂକ୍ରିଟ୍ ରାସ୍ତା ନିର୍ମିତ ହୋଇଛି । ସେଥିପାଇଁ ଲୋକମାନେ ଅତ୍ୟନ୍ତ ଖୁସି । ଅନେକ ସମୟରେ ଗାଡ଼ି, ମଟର, ସାଇକେଲରେ ଯାତ୍ରୀମାନେ ଯିବା ଆସିବାର ପରିଲକ୍ଷିତ ହୁଏ ।

ସେଇ ଗାଁ'ରେ ସୁଶୀଳବାବୁ ବାସ କରନ୍ତି । ସେ ଦୁଇଟି ପୁତ୍ର ସନ୍ତାନର ଜନକ । ବଡ଼ପୁଅ ବୀରେନ୍ଦ୍ର ଓ ସାନପୁଅ ଯୋଗେନ୍ଦ୍ର । ଉପଯୁକ୍ତ ବୟସ ହେବାରୁ ସେମାନେ ଗାଁ ବିଦ୍ୟାଳୟରେ ବିଦ୍ୟା ଅଧ୍ୟୟନ କଲେ । ବୀରେନ୍ଦ୍ର ବହୁତ ବୁଦ୍ଧିମାନ ଓ ଅଧ୍ୟବସାୟୀ । ତେଣୁ ସେ ଶ୍ରେଣୀ ପରେ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ମାଟ୍ରିକ୍ ପାସ୍ କଲା ଓ ମହାବିଦ୍ୟାଳୟରେ ଅଧ୍ୟୟନ କରି ସଫଳତାର ସହିତ କୃତକାର୍ଯ୍ୟ ହେଲା । ଶେଷରେ ଆଇନ ମହାବିଦ୍ୟାଳୟରେ ନାମ ଲେଖାଇଲା ଓ କିଛି ବର୍ଷ ପରେ ଜଣେ ନାମଜାଦା ଓକିଲ ଭାବରେ ପରିଚିତ ହେଲା । ନିଜର ଓକିଲାତି ବ୍ୟବସାୟକୁ ବୃଦ୍ଧି କରିବାକୁ ସେ ଭୁବନେଶ୍ୱର ସହରରେ ଘର ଭଡ଼ା ନେଇ ରହିଲା । ଭାଗ୍ୟଦେବୀ ତା' ଉପରେ ପ୍ରସନ୍ନ ଥିବାରୁ ସେ ଖଣ୍ଡେ ଜମି କିଣି ସେଠାରେ ଏକ ଦ୍ୱିତଳ ବିଶିଷ୍ଟ କୋଠାଘର ନିର୍ମାଣ କରି ଆନନ୍ଦରେ ରହିଲା । ଜଣେ ବିଶିଷ୍ଟ ଓକିଲ ଭାବରେ ତା'ର ଖ୍ୟାତି ସହର ତଥା ଗ୍ରାମାଞ୍ଚଳରେ ଖେଳିଗଲା । କିଛିଦିନ ପରେ ସେ ବିବାହ ବନ୍ଧନରେ ଆବଦ୍ଧ ହେଲା । ଉଭୟ ବୀରେନ୍ଦ୍ର ଓ ତା'ର ଧର୍ମପତ୍ନୀ ମାନିନୀ ହସଖୁସିରେ କାଳ କାଟୁଥିଲେ । ମାନିନୀ ଅତ୍ୟନ୍ତ ସ୍ୱାର୍ଥପର ଥିଲା । ଜଣେ ଓକିଲର ସ୍ତ୍ରୀ ହିସାବରେ ସେ ବହୁତ ଗର୍ବ କରୁଥିଲା । ଅନ୍ୟମାନଙ୍କୁ ସେ ନ୍ୟୁନ ଦୃଷ୍ଟିରେ ଦେଖୁଥିଲା । ବିଳାସପୁରରୁ ବୀରେନ୍ଦ୍ରର ଜଣାଶୁଣା ଯେତେ ବ୍ୟକ୍ତି ତାଙ୍କ ଘରକୁ ଆସୁଥିଲେ, ସେ କଥା ମାନିନୀକୁ ଆଦୌ ପସନ୍ଦ ହେଉ ନଥିଲା । ଗ୍ରାମର ଆଗନ୍ତୁକମାନେ ମାନିନୀଠାରୁ ଭଦ୍ରୋଚିତ ବ୍ୟବହାର ପାଉ ନ ଥିଲେ । ଯିଏ ବା ଅକସ୍ମାତ୍ ତାଙ୍କ ଘରକୁ ଆସିଯାଉଥିଲା ଦ୍ୱିତୀୟ ଥର ସେ ଘର ଦରଜା ନ ମାଡ଼ିବାକୁ ଶପଥ ନେଉଥିଲା । ମାତ୍ର ବୀରେନ୍ଦ୍ରଙ୍କ ବୈଠକ ଘରେ ଓକିଲ ଓ ମହକିଲମାନଙ୍କର ଭିଡ଼ ସବୁଦିନ ଲାଗି ରହୁଥିଲା ।

ବର୍ତ୍ତମାନ ଆମେ ବୀରେନ୍ଦ୍ରଙ୍କ ସାନ ଭାଇ ଯୋଗେନ୍ଦ୍ରଙ୍କ କଥା ଉଲ୍ଲେଖ କରିବା । ଯୋଗେନ୍ଦ୍ର ପାଠରେ ବହୁତ ଦୁର୍ବଳ ଥିଲା । ତେଣୁ ସେ ଗୋଟିଏ ଗୋଟିଏ ଶ୍ରେଣୀରେ ଦୁଇ ତିନିବର୍ଷ ବି ରହିଯାଉଥିଲା । ବହୁ କଷ୍ଟରେ ପଞ୍ଚମ ଶ୍ରେଣୀର ଦ୍ୱାରବନ୍ଧ ପର୍ଯ୍ୟନ୍ତ ଯାଇପାରିଲା । ସେତିକିରେ ତା'ପାଠରେ ଡୋରି ବନ୍ଧା ହେଲା । ସେଥିପାଇଁ ସୁଶୀଳବାବୁଙ୍କ ମନରେ ସର୍ବଦା ଦୁଃଖ ବସାବାନ୍ଧି ରହିଥାଏ । କେହି ଯଦି ତାଙ୍କୁ ଏ ବିଷୟରେ ପଚରାଉଚରା କରନ୍ତି ତେବେ ସେ ଚିରାଚରିତ ଢଙ୍ଗରେ ଉତ୍ତର ଦିଅନ୍ତି, 'ମୁଁ ସିନା ଜନ୍ମ ଦେଇଛି, ହେଲେ ଭାଗ୍ୟ ତ ଭଗବାନଙ୍କ ହାତରେ ।' ଏତିକି କହି ସେ ପ୍ରଶ୍ନକର୍ତ୍ତାଙ୍କୁ ଶାନ୍ତ କରି ଦିଅନ୍ତି । ଯୋଗେନ୍ଦ୍ରର ଉପଯୁକ୍ତ ବୟସ ହେବାରୁ ସେ ମଧ୍ୟ ବିବାହ ବନ୍ଧନରେ ଆବଦ୍ଧ ହେଲା । ଯୋଗେନ୍ଦ୍ର ଓ ତା'ର ସ୍ତ୍ରୀ ବିମଳା କିଛି ଦିନ ଗାଁ'ରେ ଆନନ୍ଦରେ ସମୟ ବିତାଇଦେଲେ ।

ଦିନେ ଯୋଗେନ୍ଦ୍ର ତା' ବଡ଼ଭାଇ ବୀରେନ୍ଦ୍ରଙ୍କ ଭୁବନେଶ୍ୱରସ୍ଥ ବାସଭବନକୁ ଯିବାକୁ ମନସ୍ଥ କଲା ଓ ଠିକ୍ ସମୟରେ ମଧ୍ୟ ପହଞ୍ଚିଗଲା । ତା'ର ବେଶପୋଷାକ ଦେଖି ଭାଉଜ ମାନିନୀ ଘୃଣାରେ କଟୁକଥାମାନ ଶୁଣାଇଲେ । ଯୋଗେନ୍ଦ୍ର ଜଣେ ଖୁସି ମିଜାଜର ଲୋକ । ତେଣୁ ସେ ଭାଉଜଙ୍କର ସବୁ କଥାକୁ ଏ କାନରେ ଶୁଣି ସେ କାନରେ ବାହାର କରିଦେଉଥିଲା । କେବଳ ତା' ମୁଖରେ ସ୍ମିତହାସ୍ୟ ରେଖାଟିଏ ସ୍ୱଷ୍ଟ ବାରି ହୋଇପଡୁଥିଲା । ଯୋଗେନ୍ଦ୍ର ଲକ୍ଷ୍ୟ କଲା ଯେ ତା' ଭାଇଙ୍କ ବୈଠକଖାନା ସଦାସର୍ବଦା ଲୋକଙ୍କ ଯାତାୟତରେ ଚଳଚଞ୍ଚଳ ହୋଇଉଠୁଛି । ତା' ମୁଣ୍ଡକୁ ଏକ ଅଭିନବ ଯୋଜନା ଉଙ୍କିମାରି ତାକୁ ଚିନ୍ତାରେ ପକାଇଦେଲା । ମନେ ମନେ ସ୍ଥିର କଲା ଯେ ଭାଇଙ୍କ ଘରର ଗେଟ୍ ପାଖରେ ଏକ ଚା' ଦୋକାନ ଦେବ ଓ

ସେଥିରୁ ଉପାର୍ଜିତ ଧନରେ ତା'ର ଗୁଜୁରାଣ ମେଣ୍ଟାଇବ । ଭାଇ ଭାଉଜଙ୍କ ଅଜାଣତରେ ସେ ଉପରୋକ୍ତ ସ୍ଥାନରେ ଚା' ଦୋକାନଟିଏ ଆରମ୍ଭ କଲା । ଦିନକୁ ଦିନ ତା'ର ଚା' ବ୍ୟବସାୟ ବଢ଼ିବାକୁ ଲାଗିଲା ।

ଯୋଗେନ୍ଦ୍ର ଯେ ଜଣେ ସ୍ୱନାମଧନ୍ୟ ଓକିଲଙ୍କ ସାନଭାଇ ଏକଥା ଲୋକମାନେ ଜାଣି ନ ଥିଲେ । ମାନିନୀ କାନକୁ ଏ କଥା ଆସିବାରୁ ସେ ରାଗରେ ଗର ଗର ହେଉଥାଏ । ତା' ହାଡ଼ ଭିତରଟା ଜଳୁଥାଏ । ଯୋଗେନ୍ଦ୍ରକୁ ସେ ସ୍ଥାନରୁ ବିଦା କରିବାକୁ ମନସ୍ଥ କରି ତା' ସ୍ୱାମୀ ବୀରେନ୍ଦ୍ର ସହିତ ମନ୍ତ୍ରଣା କଲା । ନିଜର ମାନସମ୍ମାନରେ ଯେପରି ଆଞ୍ଚ ନ ଆସିବ ସେଥିପାଇଁ ସେ ବିଚାର କରି ଏକ ଉପାୟ ସ୍ଥିର କଲା । ଅନ୍ୟ ସ୍ଥାନରେ ଚା' ଦୋକାନ କରିବାକୁ ଓ ଭଡ଼ାଘରେ ରହିବାକୁ ସେ ସାନଭାଇକୁ ତାଗିଦ୍ କଲା ।

ଯୋଗେନ୍ଦ୍ର ଭାଇ ଭାଉଜଙ୍କ କଥାକୁ ମାନିଗଲା ଓ ନିଜର ଚା' ଦୋକାନକୁ ଅନ୍ୟସ୍ଥାନକୁ ଉଠାଇ ନେବାକୁ ସ୍ଥାନ ଖୋଜିଲା । ଦୈବାତ୍ ଜଣେ ନିୟମିତ ଗ୍ରାହକ ତାକୁ ଏ ବିଷୟରେ ବାଟ ଦେଖାଇଲେ ଓ ଖଣ୍ଡିଏ ଭଡ଼ାଘର ଯୋଗାଡ଼ କଲେ । ଏହି ଭଡ଼ାଘରେ ରହିବ ପାଇଁ ସେ ଗାଁ'କୁ ଯାଇ ସ୍ତ୍ରୀ ବିମଳାକୁ ଡାକିଆଣିଲା । ବିମଳା ତା'ର ସ୍ୱାମୀକୁ ଯଥାସାଧ୍ୟ ସବୁ କାମରେ ସାହାଯ୍ୟ କରୁଥିଲା । ଚା' ଦୋକାନଟି ଧୀରେ ଧୀରେ ଏକ ଜଳଖିଆ ଦୋକାନରେ ପରିଣତ ହୋଇଗଲା । ଗ୍ରାହକମାନଙ୍କର ସଂଖ୍ୟା ଦିନକୁଦିନ ବଢ଼ିବାକୁ ଲାଗିଲା । ଅଳ୍ପ ଅଳ୍ପ ସଞ୍ଚୟ କରି ସେ ଲକ୍ଷପତି ପାଲଟିଗଲା । ବ୍ୟାଙ୍କରୁ ଋଣ ଆଣି ଜାଗା କିଣି ଘରଖଣ୍ଡିଏ କଲା । ସେହି ଘରେ ସେମାନେ ଆନନ୍ଦରେ ରହିଲେ । ଇତିମଧ୍ୟରେ ତାଙ୍କର ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହେଲା । ଯୋଗେନ୍ଦ୍ରର ଇଚ୍ଛା ପୁଅକୁ ବହୁତ ପାଠ ପଢ଼ାଇବ । ପୁଅର ନାମ ପ୍ରତ୍ୟୁଷ । ପ୍ରତ୍ୟୁଷ କ୍ରମେ ବଡ଼ ହେଲା ଓ ପାଠ ପଢ଼ାରେ ମନ ଦେଲା । ଶେଷରେ ସ୍ଥାନୀୟ କଲେଜରୁ ବି.ଏସ୍‌ସି ପାଶ୍ କରି କମ୍ପ୍ୟୁଟର ଶ୍ରେଣୀରେ ନାମ ଲେଖାଇଲା । ନିୟମିତ ପାଠ ପଢ଼ିବା ସହିତ ପ୍ରାତଃଭ୍ରମଣ ଓ ଶାରୀରିକ ବ୍ୟାୟାମ ତା'ର ଜୀବନଶୈଳୀରେ ଯୋଡ଼ି ହୋଇଯାଇଥିଲା । ଏଥିପାଇଁ ସେ ଏକାମ୍ର କାନନସ୍ଥିତ ଏକ ପ୍ରସିଦ୍ଧ ପାର୍କରେ ଦୌଡ଼ାଦୌଡ଼ି କାର୍ଯ୍ୟ ଜାରି ରଖୁଥିଲା । ଘଟଣାକ୍ରମେ ପ୍ରାତଃ ସମୟରେ ଗୌରୀ ନାମକ ଏକ ସୁନ୍ଦର ତରୁଣୀ ସହିତ ତାର ଭେଟ ହୁଏ । ଦୁହେଁ ସାଥୀ ହୋଇ ଏକସଙ୍ଗରେ ଦୌଡ଼ନ୍ତି ଓ କିଛି ସମୟ ପାର୍କରେ ଥିବା ପୁଷ୍ପଭରା ବୃକ୍ଷ ଛାୟାତଳେ ବିଶ୍ରାମ କରନ୍ତି । ସେଠାରେ ନିଜ ସୁଖଦୁଃଖ ବାଣ୍ଟନ୍ତି । କ୍ରମେ କ୍ରମେ ସେମାନଙ୍କର ସମ୍ପର୍କ ଦିନକୁଦିନ ନିବିଡ଼ରୁ ନିବିଡ଼ତର ହେଲା । ଲୁହାକୁ ଚୁମ୍ବକ ଟାଣିଲାପରି ସେମାନେ ପରସ୍ପର ପ୍ରତି ଆକର୍ଷିତ ହୋଇଉଠୁଥିଲେ ।

ଦିନେ ସେହି ପାର୍କରେ ଏକ ବୃକ୍ଷର ସୁକୋମଳ ଛାୟରେ ବସି ଦୁହେଁ ରୋମାଞ୍ଚିତ ହୋଇଉଠିଲେ । ଅନତିଦୂରରେ ଦୋଳାୟମାନ ସୁବାସିତ ଗୋଲାପ ଉପବନର ମନମତାଣିଆ ଦୃଶ୍ୟ ଏକାମ୍ର କାନନର ପରିବେଶକୁ ଆହୁରି ରୋମାଞ୍ଚିତ କରୁଥାଏ । ପ୍ରତ୍ୟୁଷ ଗୌରୀ ଆଖିରେ ଆଖି ମିଶାଇ ଭାବପୂର୍ଣ୍ଣ ଭାବରେ କହୁଥିଲା, ''ମୋର ମନର ସାଗରରେ ତୁମ ପ୍ରେମର ଲହରୀ ଏଇମିତି ସବୁଦିନ ରହିଥାଉ । ତୁମ ଭଲପାଇବା ବର୍ଷାରେ ଏଇମିତି ଭିଜୁଥାଉ ।'' ଗୌରୀର କୋଳରେ ମୁଣ୍ଡରଖି ପ୍ରତ୍ୟୁଷ ଭାବବିହ୍ୱଳ ହୋଇପଡ଼ିଲା । ଗୌରୀର ଅପରୂପ ରୂପ ଲାବଣ୍ୟକୁ ପ୍ରତ୍ୟୁଷ ଉପଭୋଗ କରୁଥିଲା । ନାରୀ ଶରୀରର ରହସ୍ୟକୁ ଉନ୍ମୋଚନ କରିବାକୁ ସେ ବ୍ୟାକୁଳ ହୋଇଉଠୁଥିଲା । ସେଥିରେ ଗୌରୀ କୌଣସି ପ୍ରତିବାଦ କରୁ ନଥିଲା । ପରସ୍ପର ସହିତ ସେମାନେ ନିବିଡ଼ ଆଲିଙ୍ଗନରେ ଆବଦ୍ଧ ହୋଇଉଠିଲେ । ଗୌରୀ କହୁଥାଏ, ''ମୋ ପ୍ରତି ତୁମର ବିଶ୍ୱାସ ଓ ଭରସା ସଦାସର୍ବଦା ରହିଥାଉ । ତୁମ ପ୍ରଣୟର ପ୍ରଣୟିନୀ ସାଜି ମୋର ଯେଉଁ ଅନୁଭୂତି ହେଲା, ସେଥିରୁ ବୁଝିଗଲି ଯେ ରାତି କାହିଁକି ଖୋଜେ ପାଇବାକୁ ନିତି ଜହ୍ନର ସଙ୍ଗତି ।'' ଅଦୂରରେ ଚନ୍ଦକା ଜଙ୍ଗଲରୁ ମୟୂରୀର ଡାକ ସେଠାକାର ନିସ୍ତବ୍ଧତାକୁ ଭାଙ୍ଗି ଦେଉଥାଏ । ଏହାପରେ ସନ୍ଧ୍ୟା ନଇଁଆସିଲା । ପାର୍କକୁ ବନ୍ଦ କରିବାକୁ ସେଠାକାର ଜଗୁଆଳି ହୁଇସିଲରେ ଜଣାଇଦେଲା ।

ପାର୍କରୁ ଯିବାକୁ ଇଚ୍ଛା ନ ଥିଲେ ମଧ୍ୟ ସମୟର ଇଙ୍ଗିତରେ ଦୁହେଁ ସେ ସ୍ଥାନ ପରିତ୍ୟାଗ କରି ହାତ ଧରାଧରି ହୋଇ ଚାଲିଗଲେ । ପରେ ସେମାନେ ପରସ୍ପରକୁ ଏତେ ଭଲପାଇ ବସିଲେ ଯେ ଶେଷରେ ଦୁହେଁ ବିବାହ କରିବାକୁ ସ୍ଥିର କଲେ । ଗୌରୀର ଇଚ୍ଛା ବିବାହ ବେଦୀରେ ସମସ୍ତଙ୍କ ଜ୍ଞାତସାରରେ ବୈଦିକ ରୀତିରେ ବିବାହ ଅନୁଷ୍ଠିତ ହେଉ । ପ୍ରତ୍ୟୁଷ ମଧ୍ୟ ଏ

ପ୍ରସ୍ତାବରେ ଏକମତ ଥିଲା ।

କିଛିଦିନ ପରେ ପ୍ରତ୍ୟୁଷ ତା' ମା'ଙ୍କ ପାଖରେ ଗୌରୀ ବିଷୟରେ କଥା ଆରମ୍ଭ କଲା । ବିମଳା ସ୍ୱାମୀଙ୍କ ସହିତ ପରାମର୍ଶ କଲେ । ଶେଷରେ ସ୍ଥିର ହେଲା ଗୌରୀକୁ ସେ ବୋହୂ କରି ନିଜ ଘରକୁ ଆଣିବେ । ଦିନ ବାର ଦେଖି ବିମଳା ଓ ଯୋଗେନ୍ଦ୍ର ଝିଅ ଘରକୁ ପ୍ରସ୍ତାବ ନେଇ ଗଲେ । ଝିଅ ଦେଖାସରିଲା । ସୁଚାରୁରୂପେ ନିର୍ବନ୍ଧ କାର୍ଯ୍ୟ ହେଲା । ବିବାହ ଦିନ ସ୍ଥିରୀକୃତ ହେଲା ।

ବିବାହ ଉତ୍ସବର ଦିନ ପାଖେଇ ଆସିଲା । ବରବେଶ ସାଜି ପ୍ରତ୍ୟୁଷ ବରଯାତ୍ରୀଙ୍କ ଗହଣରେ ବାଜା ଓ ରୋଷଣୀ ସହିତ ଗୌରୀ ଘର ଅଭିମୁଖେ ଆଗେଇଲା । ସେଦିନ ଗୌରୀ ଘରେ ବହୁ ବନ୍ଧୁବାନ୍ଧବ ଆସି ଉପସ୍ଥିତ ଥିଲେ । ଗୌରୀର ବିବାହିତା ବଡ଼ଭଉଣୀ ପରୀ ମଧ୍ୟ ଉପସ୍ଥିତ ଥିଲା । ପରୀର ଶ୍ୱଶୁର ମଧ୍ୟ ପହଞ୍ଚିଯାଇଥିଲେ । ମଣ୍ଡପରେ ଗୌରୀ ଓ ପ୍ରତ୍ୟୁଷର ବିବାହ କାର୍ଯ୍ୟ ଯଥାରୀତି ପଣ୍ଡିତଙ୍କ ମନ୍ତ୍ରୋଚାରଣରେ ଆରମ୍ଭ ହେବା ସଙ୍ଗେ ସଙ୍ଗେ ବରଯାତ୍ରୀମାନେ ବିବାହ ଭୋଜିରେ ଆପ୍ୟାୟିତ ହେଲେ । ବିବାହ କାର୍ଯ୍ୟ ସମାପନ ପରେ ପରିଚୟ ପର୍ବ ଆରମ୍ଭ ହେଲା । କଥା ପ୍ରସଙ୍ଗରେ ବୀରେନ୍ଦ୍ର ଜାଣିଲେ ଯେ ଯେଉଁ ଘରୁ ସେ ପରୀକୁ ବୋହୂ କରି ନିଜ ଘରକୁ ନେଇଥିଲେ ସେଇ ଘରର ସାନଝିଅ ଗୌରୀ । ଗୌରୀକୁ ତାଙ୍କର ସାନଭାଇ ଯୋଗେନ୍ଦ୍ର ବୋହୂକରି ନେଉଛି । ଏହା ଜାଣିବା ପରେ ବୀରେନ୍ଦ୍ରଙ୍କ ମୁହଁରୁ କଥା ପଦେ ବାହାରିଲାନି । ତାଙ୍କର ବଡ଼ଲୋକପଣିଆର ବୃଥା ଦମ୍ଭ, ଅହଙ୍କାର ଭାଙ୍ଗି ଚୁରମାର୍ ହୋଇଗଲା । ସେ ତାଙ୍କର ସାନଭାଇ ଯୋଗେନ୍ଦ୍ରଙ୍କୁ ଯେପରି ହୀନ ଦୃଷ୍ଟିରେ ଦେଖି ଆସୁଥିଲେ ସେଥିପାଇଁ ସେ ଅନୁତପ୍ତ ହେଲେ । ତାଙ୍କର ଆଖି ଦୁଇଟି ସଜଳ ହୋଇଉଠିଲା । ତାଙ୍କର ସ୍ତ୍ରୀ ମାନିନୀ ଯୋଗୁ ଯେ ସେ ତାଙ୍କ ସାନଭାଇକୁ ହତାଦର କରିଆସୁଥିଲେ, ଏ କଥାକୁ ସେ ଅବା କାହା ଆଗରେ ପ୍ରକାଶ କରିବେ । ମନର କଥା ମନରେ ରଖିଲେ । ଅଜାଗା ଘା' ଦେଖି ହୁଏ ନାହିଁ କି ଦେଖାଇ ହୁଏନାହିଁ । କେବଳ ଗୌରୀ ଓ ପ୍ରତ୍ୟୁଷକୁ ଆଶୀର୍ବାଦ ଦେଇ ସଙ୍ଗେ ସଙ୍ଗେ ସେ ନିଜର ଘର ଅଭିମୁଖେ ଆଗେଇ ଚାଲିଲେ । ସତରେ ଭଗବାନଙ୍କର ଏ କି ବିଚିତ୍ର ଲୀଳା କି ବିଚିତ୍ର ସମ୍ବନ୍ଧ ?

*- 'ଶାନ୍ତାଲୋକ', ଦୋଳମଣ୍ଡପସାହି, ଢେଙ୍କାନାଳ*

◆❖◆



# ଅଦେଖା ଗଙ୍ଗା

- ଶ୍ରଦ୍ଧାଞ୍ଜଳି ନାୟକ

ଚା' କପ୍‌ଟି ହାତରେ ଧରି ଘରକୁ ପଶିଆସିଲା 'କମଳି' । ''ମା', ଚା' ନିଅ । ପାଣି ପିଇଦେଇ ଚା' ପିଅ ।'' ଗୋଡ଼ ହାତ ଚିପିଦେଇ କମଳି କହିଲା, ଥକିଯାଇଛି ମା' ? ଶୋଇପଡ଼ ଟିକିଏ ଘସିଦେବି । ନା, ନା ତୁ ଯା ତୋ କାମ କର । ମୁଁ ଠିକ୍ ଅଛି । ଗାମ୍ଭୀର୍ଯ୍ୟ କଣ୍ଠରେ କହିଲେ ସୁଲକ୍ଷଣା ଦେବୀ । ସେକ୍ରେଟେରୀଏଟ୍‌ରେ ଷ୍ଟେନୋ ଚାକିରି କରନ୍ତି । ଘରକୁ ଫେରିଲାବେଳକୁ ପ୍ରାୟ ଛଅଟା ବାଜିଯାଏ । ଭୁବନେଶ୍ୱର ରାସ୍ତା । ଗାଡ଼ିମଟର, ଟ୍ରାଫିକ୍‌ର ଝାମେଲା ଭିତରେ ସ୍କୁଟି ଚଲେଇବା ଯେ କି କଷ୍ଟ, ଯିଏ ଚଲେଇଛି ସେ ଜାଣିଛି । ଓଃ, ଏ ଝିଅଟା ବି ବୁଝୁନି । ଅଫିସ୍ ଫେରନ୍ତା ମମିଟି ଉପରେ ଖେଳି, ନାଚିକୁଦି, ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଅଥୟ କରିଦେଉଛି । ଝିଅ 'ନିନା' ବୟସ ତିନିରୁ ଚାରି ଭିତରେ । ଖନି ଖନି ହୋଇ ସବୁ କଥା କହୁଛି । ବାବୁଙ୍କ ଚାକିରି ଖୋର୍ଦ୍ଧା ଟ୍ରେନ୍‌ରେ ଘରକୁ ଯିବାଆସିବା କରନ୍ତି । ଫେରୁ ଫେରୁ ରାତି ସାତଟା ବା ଆଠଟା ବାଜିଯାଏ । ଫ୍ରେସ୍ ହୋଇ ନାଇଟ୍ ଖଣ୍ଡକ ଦେହରେ ଗଳେଇ ଦେଇ ଶେଯ ଉପରେ ପଡ଼ିଗଲେ ସୁଲକ୍ଷଣା ।

ମା', ମା' ! କ'ଣ କିଲୋ ! କ'ଣ କହୁଛୁ ? ମା' କିଛି ଟଙ୍କା ଦରକାର ଥିଲା ? ତୁ ଏବେପରା ଟଙ୍କା ନେଇଥିଲୁ । କ'ଣ ତୋର ପ୍ରତିଦିନ ଗୋଟେ ଗୋଟେ ଦରମା ଦରକାର ? ଭୁବନେଶ୍ୱର ଜାଗରେ ଚଳିବୁ । ପନିପରିବା ଦର ତ ଆକାଶଛୁଆଁ । ଏଥେରେ ବନ୍ଧୁବାନ୍ଧବ ଆମକୁ ଟଙ୍କା ଟଙ୍କା ବୋଲି ଝୁଣି ପକଉଛନ୍ତି । ସେଥିରେ ତୁ କହୁଛୁ ତୋର ପ୍ରତିଦିନ ଟଙ୍କା ଦରକାର ।

ମା', ସାନ ଛୁଆଟାକୁ ଜର । ଜରୁଆ ଛୁଆଟାକୁ ଛାଡ଼ି ତୁମ ଘରକୁ ଆସୁଛି । ବୁଢ଼ାବୁଢ଼ୀ ଶାଶୂ ଶ୍ୱଶୁର ମୋ ଛୁଆଟିକୁ ଠିକ୍‌ରେ ଦେଖାଶୁଣା କରିପାରୁନାହାନ୍ତି । ମୁଁ କ'ଣ କରିବି ମା', ଅଯୋଗ୍ୟତାର ହାତ ଧରି ମୁଁ ହୀନିମାନ ହେଲି । ଯା, ଯା, ଆଜି କିଛି ଦେଇହେବନି, ଘରୁ ଘରକୁ ଯା । କାଲି ବଡ଼ିସକାଳୁ ଆସିବୁ । ସବୁକାମ ସାରିଛୁ ତ ? ହଁ, ମା' । ଅତିସନ୍ତର୍ପଣରେ ପଛକୁ ପାଦ ଫେରେଇଲା କମଳି । ଆଖିରୁ ବୋହିଚାଲିଥିଲା ଗଙ୍ଗା ଯମୁନା । ବଡ଼ଘରର ଝିଅ ଥିଲା ସେ । ବାପାଙ୍କର ଜମିଜମା ବହୁତ ଥିଲା । ଜୀବନରେ ଖାଇବା ପିନ୍ଧିବାର ଅଭାବ କ'ଣ ଜାଣି ନ ଥିଲା ସେ । କିଶୋରୀ ବୟସର ଚପଳତାରେ ଭଲପାଇ ବସିଲା ସେଇ ଗାଁ'ର ଡାକ୍ତରଖାନାରେ ଚାକିରି କରୁଥିବା 'ଡ୍ରେସର୍' ରମାକାନ୍ତ । ଦେଖିବାକୁ ଖୁବ୍ ସୁନ୍ଦର । କମଳି ବି ଖୁବ୍ ସୁନ୍ଦରୀ ଥିଲା । ପୋଟଳଚିରା ଆଖି, ସଜଫୁଟା ଗୋଲାପ ମୁହଁରେ ଲାଗିରହିଥାଏ ଚେନାଏ ହସ । ଚାଲିରେ ତା'ର ଏକ ଆକର୍ଷଣ ଥିଲା । ଓଠରୁ ଝରୁଥିଲା ମଧୁ । କାହାକୁ ନ କହି ଭୁଲ୍ କରିବସିଲା ସେ । ଯୌବନର ଉଦ୍ଦାମରେ ଭାସିଯାଇ ଗାଁ ଛାଡ଼ିଲା । ମନ୍ଦିରରେ ବାହା ହୋଇ ତାଙ୍କ ଘରକୁ ଆସିଲା । ଭୁବନେଶ୍ୱରରେ ନୂଆଁଣିଆ ଚାଳଘର ଦୁଇ ବଖରା । ସେଇଠି ସେ ଆରମ୍ଭ କଲା ତା'ର ସଂସାର । ଦିନାକେତେ ଭଲରେ କଟିଲା । ଶାଶୂ ଶ୍ୱଶୁର ସକାଳୁ କାମକୁ ବାହାରିଯାଆନ୍ତି । ରମାକାନ୍ତର ଅସ୍ଥାୟୀ ଚାକିରିଟି ମଧ୍ୟ ଚାଲିଗଲା । ଧୀରେ ଧୀରେ ମଧୁଯାମିନୀ ଫିକା ହୋଇଗଲା । ଦାରିଦ୍ର୍ୟର କଷାଘାତ ଭିତରେ ତା' କୋଳକୁ ଆସିଲେ 'ମୁନି ଓ ମୁନ୍ନା' । ଶାଶୂ ଶ୍ୱଶୁରଙ୍କ ଦେହ ଦିନକୁଦିନ ଖରାପ ହେଲା । ସଂସାର ଚଳାଇବା କଷ୍ଟକର ହେଲା । ଶେଷରେ ସେ ଗୋଡ଼ କାଢ଼ିଲା ପଦାକୁ । ରମାକାନ୍ତର ମଜୁରୀ ତା'ର ମଦପାଣିକୁ ନିଅଣ୍ଟ ହେଲା । କ'ଣ କରିବ ? ବାପଘରୁ ଆଣିଥିବା କାନଫୁଲଟିଏ ଖୋଲି ବଣିଆ ଦୋକାନରେ ଶସ୍ତାରେ ବିକି ଘରକୁ ଗଲା ।

ସକାଳେ ଛୁଆକୁ ନେଇ ଡାକ୍ତରଖାନାରେ ଦେଖାଇ ଔଷଦ ଆଣି କାମକୁ ଫେରିଲାବେଳକୁ ସକାଳ ନଅଟା । ବାବୁଆଣୀ ରାଗରେ ଫାଟି ପଡ଼ିଲେ । ଯା' ଛା ତା' ବକିଲେ । ଝିଅଟିକୁ ତା' ଯିମା ଦେଇ ଅଫିସ୍ ଚାଲିଗଲେ । ଆଖିରୁ ବୋହିଯାଉଥିବା

ଲୁହକୁ ପୋଛିଦେଇ ନିନା କହିଲା, ମାଉସୀ ତୁ କାନ୍ଦୁଛୁ ? କାନ୍ଦନି ମୋ କମଳି ମାଉସୀ ସୁନା ପିଲା । ଜମା କାନ୍ଦିବନି । ତାକୁ କୋଳରେ ଧରି କଇଁ କଇଁ ହୋଇ କାନ୍ଦିଉଠିଲା କମଳି । କାହିଁକି ଏ ଦୁର୍ବୁଦ୍ଧି କଲି ? ନ ଜାଣି ନ ଶୁଣି ସେ ଟୋକା ସାଙ୍ଗରେ ଘରୁ ବାହାରିଲି କାହିଁକି ? ବାପ, ଭାଇ ମୋ ପାଇଁ ହାଣ୍ଡି ପକେଇ ଦେଇଛନ୍ତି । ତାଙ୍କ ପାଇଁ ମୁଁ ମରିଯାଇଛି । ବାପଘର ଆଜି କେତେ ସାହାଯ୍ୟ କରିଥାନ୍ତେ । ଆହା ବୋଲି କହିବାକୁ ଏ ଦୁନିଆରେ କେହି ନାହାନ୍ତି । ଏଇ ଛୁଆ ଦି'ଟାଙ୍କ ପାଇଁ ମୁଁ ମରିବାକୁ ଚାହିଁ ମଧ୍ୟ ମରିପାରୁନି । ତା' କାନ୍ଦ ଦେଖି ନିନା ମଧ୍ୟ ଭେଁ ଭେଁ ରଡ଼ି କରି କାନ୍ଦିଲା । 'ନିନା'କୁ ଚୁପ୍ ହୋଇ ପଡ଼ିଶାଘରର ବୁଢ଼ାବାବୁଙ୍କ କଥା ସେ ଚିନ୍ତା କଲା । ସେଦିନ ପଡ଼ିଶାଘର ବୁଢ଼ା ମଉସାଙ୍କ ସଙ୍ଗେ ରାସ୍ତାରେ ଦେଖାହୋଇଥିଲା । ସେ କହିଲେ ଯେ, ''ଏଇ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ମୋର ବନ୍ଧୁ ରହୁଛନ୍ତି । ବୁଢ଼ାବୁଢ଼ୀ ଦୁଇଜଣ । ତାଙ୍କର ଦେଖାଶୁଣା କରିବା ପାଇଁ ଜଣେ ସ୍ତ୍ରୀ ଲୋକ ଦରକାର । ଘର କାମ କରିବା, ଖାଇବା ପିନ୍ଧିବାକୁ ଦେଇ ମାସକୁ ୨୦୦୦ ଟଙ୍କା ଦେବେ । ତୁ କହିବୁ ଯଦି ମୁଁ କଥାବାର୍ତ୍ତା କରିବି ।'' କିଛି ନ କହି ଚାଲିଆସିଲା । ସେ ବର୍ତ୍ତମାନ ଚିନ୍ତାକଲା କମଳି, ''ନା ନା ତାକୁ ଯିବାକୁ ହେବ । ଏ ବାବୁ ବାବୁଆଣୀ ଦୁଇଜଣ ସରକାରୀ ଚାକିରିଆ । ମାସକୁ ଚାଳିଶରୁ ପଚାଶ ହଜାର ଘରକୁ ଆଣୁଛନ୍ତି । ଛୁଆକୁ ମୋ ଯିମା ଦେଇ ଯାଉଛନ୍ତି । ଖାଇବାକୁ ଦେଇ ମେଣ୍ଟା ମୂଲ କଲାପରି ଶହେ ଟଙ୍କା ଲେଖେଁ ବଢ଼ାଇ ବଢ଼ାଇ ଆଠ ଶହ ଟଙ୍କା ଦେଉଛନ୍ତି । ସେଥିରେ ମୋ ସଂସାର ଚଳୁନାହିଁ । ଆଜି ମା' ଆସନ୍ତୁ, ତାଙ୍କୁ କହି ମୁଁ ଏ ଘର ଛାଡ଼ି ଚାଲିଯିବି ।''

ଏକଥା ମନରେ ସ୍ଥିର କରି ଘର କାମରେ ମନ ଦେଲା କମଳି । ଝିଅକୁ ଗାଧୋଇ ଦେଇ, ପୋଷାକ ପିନ୍ଧାଇ, ଖୁଆଇପିଆଇ ଶୁଆଇଲା । ବାସନମଜା, ଘରଓଳା, ପୋଛା, ଲୁଗାସଫା ଗୋଟିକ ପରେ ଗୋଟିଏ କାମ କରି ଚାଲିଲା ବିରାମ ବିହୀନ କାନ୍ଥଘଣ୍ଟା ପରି ।

ଅପରାହ୍ନ ଚାରି ବାଜିଲା । ରାତି ପାଇଁ ବନ୍ଧାକୋବି ତରକାରି ତିଆରି କଲା । ରୁଟି କରି ହଟ୍‌କେଶ୍‌ରେ ସାଇତି ଦେଇ ତା' ଜଳଖିଆ ରେଡ଼ି କଲା । ମା, କ୍ଳାନ୍ତ ହୋଇ ଅଫିସରୁ ଫେରିବେ । ଝିଅ 'ନିନା' ଉଠାଇ ଦେଖିଲା, ତା' ଦେହରେ ଖଇଫୁଟା ତାତି । ଦେହ ଖରାପ ହେଲେ 'ନିନା' କମଳି ଦେହରେ ଜୋକପରି ଲାଖିଥାଏ । ସେ ଖୁଆଇଦେବ, ପିଆଇ ଦେବ, ଔଷଧ ଦେବ ସେଇ କମଳି । ସଞ୍ଜବେଳେ ଘରକୁ ଆସିଲାବେଳେ ମଧ୍ୟ ରଡ଼ି କରି କାନ୍ଦିବ । ତା' କାନ୍ଦରେ ଦଶ ଘର କମ୍ପିଉଠିବ । କ'ଣ କରିବ କେମିତି କରିବ ଏ ଜରୁଆ ଛୁଆଟାକୁ ଛାଡ଼ି ସେ ଅନ୍ୟ ଘରେ କାମ କରିବ ?

ଆଖି ଆଗରେ ତା' ଜରୁଆ ଛୁଆର ମୁହଁ ଦେଖାଗଲା । '' ନା, ନା, ମତେ ଯିବାକୁ ହେବ । ମା' ଆସିଲେ, ମୁଁ ଆଜି କହି କାଲିଠୁ ଚନ୍ଦ୍ରଶେଖରପୁର ଯିବି । ବାରଶହ ଟଙ୍କା ଅଧିକ । ଯା'ହେଉ ଦୁଃଖ ତା'ର ତ ଟିକିଏ କମିବ ।''

ସଞ୍ଜ ହେଲା । ମା' ଆସିଲେ କହିବି କହିବି ହୋଇ କମଳି ଘର ଛାଡ଼ିବା କଥା କହିପାରିଲା ନାହିଁ । ''ନିନାର ରଡ଼ି ତା' ମୁହଁକୁ ବନ୍ଦ କରିଦେଲା । ତା'ପରଦିନ ମଉସା ପଚାରିଲେ, କମଳି ତୁ କାଲି ଚନ୍ଦ୍ରଶେଖରପୁର ୧୧୭ ନମ୍ବର କ୍ୱାଟରକୁ ଯିବୁ ତ ? ମୁଁ ସବୁ କହିଦେଇଛି । ଚାହୁଁଛୁ ଯଦି ପାଞ୍ଚଶହ ଟଙ୍କ ଅଗ୍ରୀମ ନେଇ ଯା ଖର୍ଚ୍ଚ କରିବୁ ।''

ନୀରବ ରହିଲା କମଳି । ତା' ପରେ ଧୀରେ ଧୀରେ କହିଲା, ''ମଉସା, ମୁଁ ସେଠିକି ଗଲେ ମୋ ଛୁଆଙ୍କର ସିନା ସୁବିଧା ହେବ; କିନ୍ତୁ ଏ କଅଁଳିଆ ଛୁଆଟା ମତେ ଝୁରି ଝୁରି ମରିଯିବ । ମୋ' ପିଲାଙ୍କ ପାଇଁ ସେ ଛୁଆଟିକୁ ମୁଁ ମାରିପାରିବିନି ।''

ପରପିଲା ପାଇଁ ତା' ହୃଦୟରେ ଝରିଯାଉଥିବା ଅମର ସ୍ୱର୍ଗ ଗଙ୍ଗାର କୁଳୁକୁଳୁ ନାଦ ଶୁଣି ମଉସା ସ୍ତବ୍ଧ ହୋଇ ଚାହିଁରହିଲେ ।

*- କାଣ୍ଡବିନ୍ଧା, ଢେଙ୍କାନାଳ*

# ଶୁଭ ସ୍ୱୀକୃତି

- ପ୍ରଫୁଲ୍ଲ କୁମାର ଦାଶ

ଦିନେ ପୁଅଟିଏ ବାପକୁ କହିଲା, ''ବାପା, ଆମ ଘର ଆଗରେ ଛୋଟ ମନ୍ଦିରଟିଏ କଲେ କିମିତି ହୁଅନ୍ତା ।'' ବାପ କହିଲେ, ଦେଖ୍ ପୁଅ, ମନ୍ଦିର କଲେ ଦେବୀ କିମ୍ବା ଦେବତା ପ୍ରତିଷ୍ଠା କରି ନିୟମିତ ପୂଜା-ଉପାସନା କରିବା ଉଚିତ । ତୁ କେଉଁ ଦେବତାଙ୍କ ବିଗ୍ରହ ପ୍ରତିଷ୍ଠା କରିବା କଥା ଚିନ୍ତା କରିଛୁ ?

ପୁଅ – ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ସ୍ଥାପନ ପାଇଁ ଭାବିଛି ।

ବାପ – ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ସହିତ ସୁଦର୍ଶନ ଏବଂ ଲକ୍ଷ୍ମୀଦେବୀଙ୍କ କଥା ଚିନ୍ତା କରିନାହୁଁ । ଦେଖ୍, ରାଜା ମହାରାଜାମାନେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସ୍ଥାପନ କରି ବିଧିମତ ପୂଜାର୍ଚ୍ଚନା କରିପାରନ୍ତି ନାହିଁ । ଏହାଛଡ଼ା ରଥଯାତ୍ରା ସହ ବାରମାସରେ ତେର ପରବ ରହିଛି । ଏସବୁ କଥା ତୁଲାଇବା କାଠିକର ବ୍ୟାପାର । ଏସବୁ ବିଷୟ ବିଚାର କଲେ ତୋ' କଳ୍ପନା କାର୍ଯ୍ୟକାରୀ ହେବ ତ ! ଯେ ତ ଦିନିକିଆ କଥା ନୁହେଁ– ସବୁଦିନ ପାଇଁ ।

ପୁଅ – ଏ କଥା ସତ, ବାପା । ଏଥିରେ ବହୁତ ଅର୍ଥ ଓ ସହଯୋଗ ଆବଶ୍ୟକ ।

ବାପ – ତୁ ତ ଆମ ଗାଁ ଲୋକଙ୍କ କଥା ଜାଣୁ । ସହଯୋଗ ଯାହା ମିଳିବ ଥରେ, ତାହା ପୁଣି ଆଖିଦୃଶିଆ ନୁହେଁ ।

ବାପ କଥା ଶୁଣି ପୁଅ ନୀରବ ରହିଲା । ମନ୍ଦିର ଓ ବିଗ୍ରହ ସ୍ଥାପନା ବିଷୟ ତା' ମନରୁ କ୍ରମେ ଦୂରେଇଗଲା ।

ଆଉଥରେ ପୁଅ କହିଲା ବାପା, ଆମ ଅଞ୍ଚଳରେ ରାମଲୀଳା କିମ୍ବା ଶ୍ରୀରାମନବମୀ ଉତ୍ସବ ନାହିଁ । ଶ୍ରୀରାମନବମୀରେ ରାମଙ୍କ ପ୍ରତିମା ନିର୍ମାଣ କରି ପୂଜାକଲେ ହୁଅନ୍ତା ନାହିଁ । ଏହା ତ ବର୍ଷକରେ ଥରେ କରିବାକୁ ପଡ଼ିଥାଏ । ବାପ କହିଲେ, ଉତ୍ତମ ପ୍ରସ୍ତାବ । ଏହାକୁ ବିଗ୍ରହ ପୂଜା ନ କହି ମେଢ଼ ପୂଜା କୁହାଯିବ । ଆମ ଗାଆଁରେ ମହାଲକ୍ଷ୍ମୀ ମେଢ଼, ଶ୍ରୀ କାର୍ତ୍ତିକେଶ୍ୱର ମେଢ଼, ଶ୍ରୀ ଗଣେଶ ମେଢ଼ ଓ ଶ୍ରୀ ସରସ୍ୱତୀ ମେଢ଼ ପୂଜା ଚାଲିଛି । କୁମ୍ଭାର ସାହିରେ କୁରାଳପଞ୍ଚମୀ ଓ ଦଳାଇ ସାହିରେ ପୁଷ୍ପାଭିଷେକରେ ବି ମେଢ଼ ପୂଜା ହେଉଛି । ସେଥିରୁ କି ଶିକ୍ଷା ମିଳୁଛି ? ପୂଜାରମ୍ଭ ପୂର୍ବରୁ ଚାନ୍ଦାର ଚାପ, ପୂଜାବେଳେ ଅହଂଭାବ ପ୍ରଦର୍ଶନ ଏବଂ ବିସର୍ଜନ ସମୟରେ ମଦ୍ୟପାନ ଓ ଉନ୍ମାଦ ନୃତ୍ୟ ଶେଷରେ ଜଳ ପ୍ରଦୂଷଣ ସହିତ ବାୟୁ ପ୍ରଦୂଷଣ ହିଁ ସାର୍ ହେଉଛି । ମୂର୍ତ୍ତିପୂଜାରେ କେବଳ ଘୃତାହୁତି ଓ ପ୍ରସାଦ ସେବନର ମୂଲ୍ୟ ରହିଛି । ତଥାପି ଘୃତ ନିଶାରେ କାର୍ପଣ୍ୟଭାବ ତଥା ପ୍ରସାଦ ସେବନରେ ପ୍ରିୟାପ୍ରୀତି ତୋଷଣ ଏବଂ ଦରିଦ୍ରନାରାୟଣଙ୍କୁ ଅବହେଳାର ଦୃଶ୍ୟ ତୁ ତ ଭଲଭାବେ ଅନୁଭବ କରିଛୁ ।

ପୁଅ ଭାବିଲା, ବାପାଙ୍କୁ ଯୁକ୍ତିରେ ପାରି ହେବନି, ସେ ଯାହା କହୁଛନ୍ତି ତାହା ବାସ୍ତବିକ୍ ଅଙ୍ଗେନିଭା କଥା । ଏଥର ବି ପୁଅକୁ ବାପର ସ୍ୱୀକୃତି ମିଳିଲା ନାହିଁ । ଶ୍ରୀରାମନବମୀ ଉତ୍ସବ ପ୍ରସ୍ତାବ ମିଳେଇଗଲା ।

ଏହାପରେ ବହୁତଦିନ ପରର କଥା । ବାପ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ପୁଅ ମଧ୍ୟ ପାଞ୍ଚ / ଛଅ ବର୍ଷ ହେବ ଚାକିରି କଲାଣି । ପୁଅର ସାନ ଭାଇ ମଧ୍ୟ କମ୍ପାନୀ ଚାକିରିରେ ଯୋଗଦେଇ ସାରିଛି । ପରିବାରରେ ଅଭାବ ନାହିଁ । ପୁଅର ବାହାଘର ମଧ୍ୟ ହୋଇଯାଇଛି । ଦିନେ ରାତ୍ରିଭୋଜନ ପରେ ପୁଅ ବାପାଙ୍କୁ କହିଲା, ଖୋ ଖେ କଥା କହନ୍ତି । ବାପ ଭାବିଲେ ପୁଣି ଗୋଟିଏ ନୂଆ ପ୍ରସ୍ତାବ ନିଶ୍ଚୟ । ସ୍ନେହରେ କହିଲେ, ହଉ, କହ ।

ପୁଅ – ଆସନ୍ତାକାଲି ଦଶଟାବେଳେ ''ମୂଲ୍ୟବୋଧଭିତ୍ତିକ ନୈତିକ ଶିକ୍ଷା'' ସଂପର୍କୀୟ ଆଲୋଚନା ଚକ୍ର ଡାକିଛି । ଆମ ଗାଁ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ହେବ । ଆପଣ ଯୋଗଦେବେ ।

ବାପ – ଭଲ କଥା । ଆଗରୁ ଟିକେ କହିଲୁ ନାହିଁ । ଶିକ୍ଷାପ୍ରେମୀ, ଶିକ୍ଷକ ଓ ଶିକ୍ଷାବିତ୍‌ମାନେ ଆସିବେ । ତାଙ୍କ ପାଇଁ କିଛି ବ୍ୟବସ୍ଥା କରିଥାନ୍ତେ ।

ବାପ – ହଉ, ମୁଁ ଯିବି ।

ଆଲୋଚନାଚକ୍ର ଉତ୍ସବଟି ଶୃଙ୍ଖଳାର ସହିତ ସୁନ୍ଦର ଭାବେ ସମାହିତ ହୋଇଥିଲା । ଏଭଳି ଆଲୋଚନା ଚକ୍ର ଆମ ଅଞ୍ଚଳରେ ପ୍ରଥମ ଏବଂ ଏହା କାର୍ଯ୍ୟକାରୀ ହେଲେ, ସମାଜ ଉପରେ ଯଥେଷ୍ଟ ପ୍ରଭାବ ପକାଇବ ବୋଲି ଶିକ୍ଷାପ୍ରେମୀମାନେ ଦୃଢ଼ ମତ ପ୍ରଦାନ କରିଥିଲେ । ବହୁଦିନରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷାବିତ୍‌ମାନଙ୍କର ମିଳନୀ ଆସର ଓ ମେଲାଣି ପର୍ବ ବେଶ୍ ଚିତ୍ତାକର୍ଷକ ଥିଲା ।

ଏହାର ତିନି / ଚାରିଦିନ ପରେ ପୁଅ ବାପାଙ୍କୁ ଜଣାଇଲା– ବାପା, ଗୋଟିଏ ପ୍ରାକ୍ ପ୍ରାଥମିକ ବିଦ୍ୟାଳୟ ଖୋଲାଯିବ । ତିନି ବର୍ଷରୁ ପାଞ୍ଚବର୍ଷ ପିଲାମାନଙ୍କୁ ମୂଲ୍ୟବୋଧଭିତ୍ତିକ ନୈତିକ ଶିକ୍ଷା ପ୍ରଦାନ ସହିତ ପଠନ ଲିଖନ ମାଧ୍ୟମରେ ଭାଷା ଏବଂ ମୌଖିକ ଲିଖିତ ଦ୍ୱାରା ଗଣିତ ଶିକ୍ଷା ଦିଆଯିବ । ଆଧ୍ୟାତ୍ମିକ ଶିକ୍ଷା ଓ ଯୋଗଶିକ୍ଷା ମଧ୍ୟ ପ୍ରଦାନ କରାଯିବ । ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ । କିଛି ଗୋଟେ ନୂଆ କରି ଦେଖେଇବାର ଯୋଜନା ପୁଅ ପାଖରେ ଅନେକଦିନରୁ ଜମାଟ ବାନ୍ଧି ରହିଥିଲା, ଏବେ ସାକାର ହେବାକୁ ଯାଉଛି, ଏ କଥା ବାପା ଉପଲବ୍ଧି କରି ଉଲ୍ଲସିତ ହେଲେ । କାୟମନୋବାକ୍ୟ ପୂର୍ଣ୍ଣ ସହଯୋଗ କରିବାକୁ ଦୃଢ଼ ସ୍ୱୀକୃତି ମଧ୍ୟ ଜଣାଇଦେଲେ । ପୁଅ ମନ ବି ଖୁସି, ବହୁତ ଦିନର ସାଧାର ଫଳ ମିଳିଗଲା ଯେମିତି । ବାପାଙ୍କ ଶୁଭ ସ୍ୱୀକୃତିକୁ ଚାହିଁ ରହିଥିଲା ପୁଅ । ଏଥର କାମ ସୁରୁ କରିବାର ସୁଯୋଗ ମିଳିଗଲା ।

୨୦୦୯ ମସିହା ଏପ୍ରିଲ ମାସର ୧ ତାରିଖ । ଉତ୍କଳ ଦିବସ ପାଳନ ଅବସରରେ ଗ୍ରାମର ଉତ୍ସାହୀ ଶିକ୍ଷାପ୍ରେମୀ ଶିକ୍ଷକମାନଙ୍କ ସହଯୋଗରେ ଆରମ୍ଭ ହେଲା ଗୁରୁକୁଳ ଆଶ୍ରମ । ଅତା ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟର କୋଠରୀରେ କୋମଳମତି ଶିଶୁଙ୍କୁ ନେଇ ଆରମ୍ଭ କରାଗଲା ମୂଲ୍ୟବୋଧ ଶିକ୍ଷାର ପରୀକ୍ଷା ନିରୀକ୍ଷା । ଦୁଇଜଣ ଅବସରପ୍ରାପ୍ତ ଗୁରୁଜୀ, ଦୁଇଜଣ ଗୁରୁମା' ତାଙ୍କ ତତ୍ତ୍ୱବଧାନରେ ଶିକ୍ଷା କାର୍ଯ୍ୟ ବେଶ୍ ଚାଲିଲା । ପାଠ୍ୟଖସଡ଼ା, ବିଷୟ, ଯୋଗ ଓ କାର୍ଯ୍ୟ ନିର୍ଘଣ୍ଟ ସବୁ, ବାପା ଆଗ୍ରହର ସହିତ ତିଆରି କରି ସ୍ୱୟଂ ଶିଶୁଙ୍କୁ ଗଳ୍ପ, ଗୀତ, ଅଭିନୟ ମଧ୍ୟରେ ଶିକ୍ଷା ପ୍ରଦାନ କଲେ । ଗୁରୁମା'ମାନେ ଆଶ୍ରମର କର୍ମକର୍ତ୍ତା ଓ କର୍ମଚାରୀଙ୍କ ସହଯୋଗରେ ଗାଁ ପରିମଳ ସମିତି ଗଠିତ ହୋଇ, ଗ୍ରାମ ସଫେଇ କାର୍ଯ୍ୟ କରାଗଲା । ଏଥିରେ ଗ୍ରାମର ଯୁବ ସଂପ୍ରଦାୟ ଅତି ଆଗ୍ରହ ସହିତ ହାତ ବଢ଼ାଇଲେ ।

ଲୁପ୍ତ ପ୍ରାୟ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ଏଇ ଆଶ୍ରମ ଉଦ୍ୟମରେ କରାଗଲା । ଆଶ୍ରମ ମଧ୍ୟରେ ଦୈନିକ ସନ୍ଧ୍ୟାରେ ଭାଗବତ ପାଠ କରାଗଲା ।

ଆଶ୍ରମର ନିଜସ୍ୱ ଭବନ ନ ଥିଲା । ମହାମାନ୍ୟ ଅର୍ଥମନ୍ତ୍ରୀ ମହୋଦୟଙ୍କ ଦ୍ୱାରା ତା. ୧୦.୧୨.୨୦୦୯ ରିଖରେ ଶିଳାନ୍ୟାସ ଏବଂ ତାଙ୍କ ଅନୁଦାନ ତଥା ଗ୍ରାମବାସୀ ଆଞ୍ଚଳିକ ଶିକ୍ଷାପ୍ରେମୀଙ୍କ ଆର୍ଥିକ ସହଯୋଗରେ ଆଶ୍ରମ ଭବନ ପୂର୍ଣ୍ଣାଙ୍ଗ ହୋଇ ତା. ୭.୧୨.୨୦୧୩ରିଖରେ ବିଧାୟକ ମହୋଦୟଙ୍କ ଦ୍ୱାରା ଉନ୍ମୋଚିତ ହେଲା ।

ଗୁରୁକୁଳ ଆଶ୍ରମ ପରିସରରେ ସାହିତ୍ୟର ବିକାଶ ପାଇଁ ସୁକିନ୍ଦା ସାହିତ୍ୟ ସମାଜ ସୌଜନ୍ୟରେ ବିଷୁବ ମିଳନ ଓ କବିତା ପାଠୋତ୍ସବ ସଂପାଦିତ ହେଲା । ଭାଗବତ ଟୁଙ୍ଗୀର ବାର୍ଷିକ ଉଦ୍‌ଯାପନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଲା । ଦୂରଦୂରାନ୍ତରୁ ଅନେକ ଭଗବତ୍‌ପ୍ରେମୀ ଯୋଗଦେଇଥିଲେ ।

ବର୍ତ୍ତମାନ ଆଶ୍ରମ ଭବନ ଚତୁଃପାର୍ଶ୍ୱରେ ଅନେକ ଫୁଲଗଛ ଓ ଔଷଧୀୟ ବୃକ୍ଷରୋପଣ କରାଯାଇଛି । ଏହାର ସୁରକ୍ଷା ପାଇଁ ଉଚ୍ଚ ପ୍ରସ୍ତର ପ୍ରାଚୀର ନିର୍ମାଣ କରାଯାଇ ଗେଟ୍ ଲଗାଯାଇଛି । ଆହୁରି ଅନେକ ଲୋକହିତକର କାର୍ଯ୍ୟ ସାଧନ ଏବଂ ଶିଶୁମାନଙ୍କର ମାନସିକ, ଶାରୀରିକ ବିକାଶ ପାଇଁ ଉଦ୍ୟମ ନିତ୍ୟ ଜାରିରହିଛି ।

ପୁଅର, ତୃତୀୟ ପ୍ରସ୍ତାବ ଶୁଭ-ସ୍ୱୀକୃତି କେବଳ ବାପଠାରୁ ନୁହେଁ, ଗ୍ରାମବାସୀ ତଥା ଆଞ୍ଚଳିକ ଶିକ୍ଷାପ୍ରେମୀମାନଙ୍କଠାରୁ ମିଳିଥିବାରୁ, ଏଥିରେ ଖାଲି ବାପ-ପୁଅ ଖୁସି ନୁହନ୍ତି ବରଂ ଶିକ୍ଷାଭିଭାବକ (ପିତା, ମାତା, ଭାଇ) କର୍ମକର୍ତ୍ତା ଓ କର୍ମଚାରୀମାନେ ମଧ୍ୟ ଖୁବ୍ ଆନନ୍ଦିତ ।

*– ଅତା, ସୁକିନ୍ଦା, ଯାଜପୁର*

◆❖◆

# ଉଜୁଡ଼ା ବସନ୍ତ

- ସୁକାନ୍ତି ସାହୁ

ଜୀବନଟା କ'ଣ କେବଳ ପ୍ରାପ୍ତି.... ନା ପ୍ରତୀକ୍ଷା.... କେଜାଣି ? ଜୀବନର ସୁଦୀର୍ଘ ତିରିଶ ବର୍ଷ ଭିତରେ କ୍ଳାନ୍ତ ଉଦାସ ଗୋଧୂଳି ପରି କଟାଇ ସାରିଲାପରେ ମିସ୍ ବନିତା ଦେବୀ ଜାଣିପାରୁନାହାନ୍ତି.... ଜୀବନର ମାନେ କ'ଣ ? ଯାହାର ପ୍ରସ୍ତ ପ୍ରସ୍ତ କାଳିମା ଭିତରେ ଜୀବନଦ୍ୱୀପ ଦିନେ ଲିଭିଯିବ ସାୟାହ୍ନର ଏକ ମ୍ଳାନ ପୁଷ୍ପ ପରି, ଝରିଯିବ ବିଦାୟୀ ବସନ୍ତର ଶେଷ ଠିକଣା.... କିଏ ଥିବ..... ସମବେଦନାର ଉସ୍ସ ହୋଇ ନା.... ବୟସ.... ନା..... ତିକ୍ତତାର ଅନୁଭୂତି ।

ଭାବିଚାଲିଥିଲେ ବନିତା ଦେବୀ..... ଗଭୀର ଅନ୍ତର୍ଦାହ ମର୍ମାନ୍ତିକ ଯନ୍ତ୍ରଣାରେ ମୁଖମଣ୍ଡଳର ରେଖାଗୁଡ଼ିକ କୁଞ୍ଚିତ ହୋଇଗଲାଣି ବ୍ୟଥା କାରୁଣ୍ୟରେ ମୁଖମଣ୍ଡଳ ଉପରେ ହାତ ପାପୁଲି ବୁଲାଇ ଆଣିଲେ । ପାଖ ଦର୍ପଣରେ ନିଜର ପ୍ରତିବିମ୍ବକୁ ଦେଖି ଭାବିଲେ ଏ ବୟସର ଦାଗ.... ଛାପିଗଲାଣି.... କାହିଁ କେତେଦିନୁ ସେ ଜାଣିପାରିନାହାନ୍ତି ।

ଯେଉଁ ମୁହଁର କମନୀୟ ସ୍ନିଗ୍ଧ ସୌରଭ ଏକଦା ଛାତ୍ରୀ ଜୀବନରେ ସମସ୍ତଙ୍କୁ ଆକୃଷ୍ଟ କରିପାରୁଥିଲା ଆଜି ମଉଳା ଫୁଲପରି ନିସ୍ତେଜ ହେବାକୁ ବସିଲାଣି । ପାଉଡ଼ରର ବହଳ ପ୍ରଲେପ ଲୁଚାଇ ପାରୁନି.... ବୟସ ଜନିତ ରେଖାଗୁଡ଼ିକୁ.... ।

ଗୋଟିଏ ଅନ୍ତବସ୍ତ୍ରକୁ ବଦଳାଇ ଯାଇପାରେ.... କିନ୍ତୁ ମଣିଷର ହୃଦୟକୁ.... ନା..... ବଦଳାଇ ପାରେନି..... ଭିନ୍ନ ଗୋଟିଏ ସତ୍ତା ରଶ୍ମି ଭିତରେ ହୋଇଯାଏ ଜୀବନ୍ତ । ଆକାଂକ୍ଷାର ତୀବ୍ର ଯନ୍ତ୍ରଣା ଭିତରେ ବଞ୍ଚି ରହେ.... ତୃଷ୍ଣିତ ଜରାୟୁରେ ଖୋଜେ ଜୀବନର ଶୀତଳତା ।

ପ୍ରେମ, ଭଲପାଇବା, ବିଶ୍ୱାସ ଏକ ଅଲଗା ଆଙ୍ଗିକ । କହିବା ପରିବର୍ତ୍ତେ କରିବାରେ ହିଁ ପୂର୍ଣ୍ଣାଙ୍ଗ ହୁଏ ଜୀବନର ଆର୍ଟ । ସାଧାରଣ ଜୀବନଚର୍ଯ୍ୟା ଭିତରେ .... ଆଳାପ... ଆଲୋଚନା ହୋଇଯାଏ ଗପଟିଏ..... ତା' ସାଧାରଣ ଜୀବନ ଭିତରେ । ସ୍ୱାଭାବିକ ଭାବରେ ଜୀବନ ପାଖୁଡ଼ା ମେଲି ହୋଇଯାଏ ଧୀରେ ଧୀରେ ।

ଏକାପରି ସବୁ ମଣିଷର ମନ । ବିଳପିତ ମନର ଭଙ୍ଗା ଅଇନାକୁ ଦେଖାଇବ । ତା'ପରେ ବେଦନାକୁ ଧୋଇବା ପାଇଁ ସମବେଦନାର ଜଳ ଦରକାର । ...... ହୃଦୟର କ୍ଷତକୁ ଶୁଖାଇବା ପାଇଁ (ମନୋଔଷଧି) ଦରକାର । ତାହା ତାର ପ୍ରିୟ ସାଙ୍ଗ ରଶ୍ମି ପାଖକୁ ନିଶ୍ଚୟ ଯିବ । ସେ ସମାଧାନର ବାଟ ଦେଖାଇବ । ଏଇ ବିଶ୍ୱାସ ତା' ପାଖରେ ଅଛି ଭାବି ଚାଲିଥିଲା ବନିତା ଦେବୀ । ଘଣ୍ଟା ବୁଲୁଛି... ମନ ଘଣ୍ଟା ବୁଲୁନାହିଁ । ବ୍ୟସ୍ତତା ମନ ନେଇ ସବୁବେଳେ ବିବ୍ରତ । କ'ଣ କରିବ.... ତା' ଜୀବନର ପଥ କିଏ ଦେଖାଇବ ।

ପ୍ରବଳ ବେଗରେ ମେଘର ଗର୍ଜନ । ଓଃ କି ବର୍ଷା ମନ୍ଦ ମଳୟରେ ଶିହରି ଉଠୁଛି । ଘୁ ଘୁ ମେଘ ଘନ ଘନ ବିଜୁଳିର ଚମକରେ ଆଖି ଚମକେଇ ଦେଉଛି ।

ସାହୁକାର ଦାଣ୍ଡପଟରେ..... ବିରାଟ ପଣସ ଗଛଟା ପେଟେଇ ପଡ଼ିଲା ଭଳି ଲାଗିଲାଗି ମହାପାତ୍ରଙ୍କ ଘର ଉପରେ । ବିଜୁଳି ଲାଇନ୍ ସଙ୍ଗେ ସଙ୍ଗେ କଟିଗଲାଣି । ଝଡ଼ବର୍ଷାର ତାଣ୍ଡବ ଲୀଳା ଭିତରେ ବି..... ବନିତାର ମନରେ ପ୍ରଶ୍ନ ସେ ଭେଟିବ ଆଜି ରଶ୍ମିକୁ । ପିଲାବେଳର ସାଙ୍ଗ ତା'ର ରେଣୁ... ସୁରଭି ଭଳି ତାଙ୍କର ସମ୍ପର୍କ । ସେ ତାର ମନର ଅକ୍ଷତ କାହାଣୀର ରୂପ ଦେବ ତା' ସାମ୍ନାରେ ।

ବର୍ଷା ଥମିଗଲା..... ପବନର ବେଗ ମଧ୍ୟ କମିଗଲା..... ବାହାରପଟ ତାଲାଟିକୁ ଦେଇ ରାଜରାସ୍ତାର ଧାରେ ଧାରେ ଚାଲିଲା ରଶ୍ମି ପାଖକୁ ।

ହାତରେ ବାଜି ଉଠିଲା ରିଲିଆନ୍ସ ଫୋନର ଆବାଜ୍ । ଚମକିପଡ଼ିଲା ବନିତା.... ଦେଖେ ତ ସେଇ ଆୱାଜଟି ତା'ର ଅତି ପୁରୁଣା ସ୍ୱରର.... ଝଲକ । ମଦ୍ୟପ ସ୍ୱାମୀର ଚିତ୍କାର ।

କ'ଣ ବନିତା.... ତୁମେ ଘର ଛାଡ଼ି ଚାଲିଯିବ ନିଶ୍ଚୟ... କାରଣ ମୁଁ ତୁମର ଭରଣପୋଷଣ ଦାୟିତ୍ୱ ଦେଇପାରିବ ନାହିଁ । ଘର ଡିଙ୍କି ହୋଇ ପଡ଼ି ରହିବାର ଆପତ୍ତି ନ ଥିଲେ ନଚେତ୍ ତୁମ ବାଟ ତୁମେ କରିବ । ମୋତେ ଅପେକ୍ଷା କରିବ ନାହିଁ..... ।

ସ୍ୱାମୀ ତା'ର ଘରକୁ ଦୁଇ ବର୍ଷରେ ଥରେ ଆସନ୍ତି । ବାଙ୍ଗାଲୋରରେ ନାମୀଦାମୀ କମ୍ପାନୀରେ ସଫଟୱେୟାର୍ ଇଞ୍ଜିନିୟର । ଫୋନ୍‌ଟିକୁ ସୁଇଚ୍ ବନ୍ଦ କରିଦେଲା ।

ଭାବିଲା.... ଏତେବଡ଼ ଦୁନିଆରେ କାଳିଆ ଛଡ଼ା ତା'ର କିଏ ଅଛି ? କାହାର ଅପେକ୍ଷାକୁ ଖାତିର ନ କରି..... ଚାଲିଥାଏ ବାଟରେ ।

କେତେବେଳେ ଆସି ପହଞ୍ଚିଯାଇଛି ତାକୁ ଜଣାନାହିଁ। ରଶ୍ମି..... ଗେଟ୍ ପାଖରେ ଲୁଗା ଶୁଖାଇଥିଲା.... ପଛପଟୁ ହାତ ପାପୁଲିରେ ଦୁଇ ଆଖିକୁ ବନ୍ଦ କରି ପଚାରିଲା ମୁଁ..... କିଏ କହିଲୁ । ଦୁଇ ହାତର ସ୍ପର୍ଶ ବାରିପାରି ରଶ୍ମି.... କହିଲା..... ତୁ ବନିତା ଏତେ ଫାଜିଲ ନ ହୋଇ କହ........କେତେବେଳେ ଆସିଲୁ । ସବୁ ଠିକ୍ ଅଛି ତ..... ତୋ' ବର.... ତୋ' ଘର..... ତୋ' ପରିବାର..... ଆଉ ଅନ୍ୟାନ୍ୟ ଖବର କହ । ସେଦିନ.... କାଳିଆକୁ ଭରଷା କରି ବାପଘର ଭିଟାମାଟିରେ ପଡ଼ି ରହିବାକୁ ସ୍ଥିର କରି.....ସେ ଏଇ ନିଷ୍ପତ୍ତି ନେବାପାଇଁ ସ୍ଥିର କରିଛି । ସେ ଜୀବନ ଯୁଦ୍ଧରେ ହାରିଯିବନି ତ...... ।

ବିତିଯାଇଥିବା ଅତୀତକୁ ବଖାଣି ବସିଲା ବନିତା । ଦୀର୍ଘ ଆଠବର୍ଷ ମରିଯାଇଛି ଶାଶୂଘରେ । ପେଟରେ ପିଲାଟିଏ ନାହିଁ ବୋଲି ଶାଶୂ, ଯା', ରକତ ଚାଉଳ ଚୋବେଇ ହେଉଛନ୍ତି । ଏପଟେ ସାଇପଡ଼ିଶାଙ୍କର ଟାହିଟାପରା। ସ୍ୱାମୀଙ୍କର ତାଗିଦ୍...... ମାଡ଼ ଗାଳି ଭାଷା.... ଅତି ନିମ୍ନ..... କେତେ ସହିବ । ସବୁକଥା ଜାଣିସୁଦ୍ଧା..... ବାପା.... ମା'..... ସାଙ୍ଗ ସାଥୀ.... କାହାକୁ କିଛି ଜଣାଇ ନ ଥିଲା..... ସବୁକିଛି ସମୟ ଠିକ୍ କରିଦେବ ଏମିତି ଭାବି ନିଜ ମନକୁ ସାନ୍ତ୍ୱନା ଦେଇ ପଡ଼ି ରହିଥିଲା । ଆଠବର୍ଷର ସୁଖର ସଂସାର ଭୁଶୁଡ଼ିପଡ଼ିଛି ।

ଅଗ୍ନିକୁ ସାକ୍ଷୀ ରଖି ହାତ ଧରିଥିବା ଲୋକଟି କେବେଠୁ ମୁହଁ ଫେରାଇ ନେଇଛନ୍ତି.... ସହିବାର ସୀମା ଥାଏ..... । ଆଉ ପାରୁନି ସେ.... ।

ଯେଉଁଦିନ ହାତେ ଓଢ଼ଣା ଟାଣି ଏ ଘରକୁ ବୋହୂ ହୋଇ ଆସିଥିଲା.... ସେଦିନ ସେମାନଙ୍କର ଚାଲିଚଳନକୁ ଲକ୍ଷ୍ୟ କରି ଜୀବନର ମାନେ ବୁଝିପାରିଥିଲା । ସର୍ବଗ୍ରାସୀ ସମୟ ସବୁ ନଷ୍ଟ କରିଦେଲା.... ।

ପାଦର ଅଳତା ନ ଲିଭୁଣୁ.... ଶାଶୂଙ୍କର ଆକଟ ବୁଝିପାରିଥିଲା । ସ୍ୱାମୀ ସୋହାଗିନୀ ..... ସ୍ୱୀରୁ ବଞ୍ଚିତ ସିଏ ପୁଣି ଦୀର୍ଘ ଆଠବର୍ଷ ଭିତରେ ସ୍ୱାମୀ ସମୁଦାୟ ପାଞ୍ଚ / ଛଅ ଥର ଆସିଥିବେ କି ନାହିଁ । ଘରକୁ କେହି ଆସିଲେ ପଚାରନ୍ତି.... ବାହାଘର କେତେବର୍ଷ ହେଲାଣି..... ପୁଅଟିଏ କି ଝିଅଟିଏ କୋଳରେ ନାହିଁ । ଡାକ୍ତରଙ୍କର ପରାମର୍ଶ କର... ନଚେତ୍ ପୁଅକୁ ଅନ୍ୟ ଜାଗାରେ ବିବାହ କରାଇଦିଅ ।

ଦାଣ୍ଡଘାଟ, ପୋଖରୀ କୂଳ, କୂଅ ମୂଳରେ ଖାଲି ଗୋଟିଏ କଥା ଥିଲା..... ଇୟାର ପିଲାଛୁଆ ହୋଇନାହାନ୍ତି କାହିଁକି ? ସେଇ ରାଗରେ ଶାଶୂ, ଯା' ତା' ବରକୁ ମତାଉଛନ୍ତି ।

ଶାଶୂ ତା'ର ବାଞ୍ଝ ବୋଲି ଅପବାଦ ଦେଉଛନ୍ତି । ଘରୁ ତଡ଼ି ଦେଉଛନ୍ତି..... ହେଲେ ଅସଲ ଗୁମର କଥାକୁ କାହା ଆଗରେ ପ୍ରକାଶ କରିନାହାନ୍ତି । ସ୍ୱାମୀ ପ୍ରିୟବ୍ରତ ଆଉ ଜଣଙ୍କର ପ୍ରିୟ ହୋଇସାରିଛନ୍ତି.... ଏ କଥା ମା' ଭାଉଜଙ୍କୁ ଜଣାଅଛି.... ହେଲେ ସେ ଜାଣିନି.... ଏକଥା ଆସ୍ତେ ଆସ୍ତେ ..... ବାହାରକୁ ଫୁଟି ପଡ଼ିଛି । ଅନିନ୍ଦ୍ୟ ସୁନ୍ଦରୀ ବନିତାର ବିଶ୍ୱାସ ମୂଳରେ ପ୍ରଚଣ୍ଡ କୁଠାରଘାତ କରିଛନ୍ତି ।

ସିଏ ବି କମ୍ ସୁନ୍ଦର ନ ଥିଲା । ଚମ୍ପା ରଙ୍ଗର ଦେହ ହାତ, ପାନପତ୍ର ପରି ମୁହଁ..... ଲମ୍ବା ଚଉଡ଼ା କିଛି ଊଣା ନ ଥିଲା । ନଣନ୍ଦ ମଧୁବାଲା..... ବିବାହର ବାସୀଦିନ କହିଥିଲା..... ଘର ତ ଆମର ପୂରି ଉଠିଛି.... ସାକ୍ଷାତ ଲକ୍ଷ୍ମୀ ପରି ଭାଉଜ ପାଇ ଆମେ ସମସ୍ତେ ଆନନ୍ଦିତ । କଥାଛଳରେ କହିଲେ, ଭାଇନା ପ୍ରିୟବ୍ରତ ସୁନ୍ଦରୀ ସ୍ତ୍ରୀକୁ ଛାଡ଼ି ସେ କ'ଣ ଆଉ କୁଆଡ଼େ ଯିବେ ? ସମସ୍ତେ କଥାଛଳକୁ ବୁଝିପାରି ହସି ଉଠିଥିଲେ । ବନିତା ଉତ୍ତର ଦେଇଥିଲା.... ତୁମେ ତ ମୋ'ଠୁ ସୁନ୍ଦର... । ହେଲେ ଆଜି ବୟସର ତାରୁଣ୍ୟରେ ଭାରାକ୍ରାନ୍ତ ମନ ନା.... ଅଛି ସ୍ୱପ୍ନ.... ନା..... ବୟସର ମାଦକତା ।

ଅଠର ବର୍ଷର ଝିଅ ଥିଲା, ସଂସାରକୁ ଚିହ୍ନିବା ବୁଝିବା କଷ୍ଟକର ଥିଲା.... ଯାହାର ହାତକୁ ଅନ୍ୟ ହାତ ସହ ଛନ୍ଦି ଦିଆଯାଇଥିଲା..... ସେ କ'ଣ ବୁଝିଲା....? ବରଂ ସ୍ୱାମୀର ସ୍ୱାମୀର ସୋହାଗ ଉଦାସ ପଣିଆର ଅନ୍ତରାଳରେ ତା' ବିଶ୍ୱାସଘାତକର ବିଷମଞ୍ଜି ବୁଣିଦିଆଗଲା ।

ଅଖଣ୍ଡ ପ୍ରେମର ଦୀପ ଯେତେବେଳେ ହୃଦୟରେ ଜାଳୁଥିଲା ପ୍ରିୟବ୍ରତ ପାଇଁ....ସେ ଭାବୁଥିଲା ଲୋକେ ମିଛ କହୁଛନ୍ତି । ତା' ସ୍ୱାମୀର ସ୍ନେହ ସରାଗ ଭଲପାଇବାକୁ ସେମାନେ ସହିପାରୁନାହାନ୍ତି । ମରଦ ଲୋକ... ବାହାଘର ପୂର୍ବରୁ ଏମିତି ଅଚାନକେ କାହା ସହିତ ସଂପର୍କ ରଖି ହୋଇଯାଏ ପୁଣି ବାହାଘର ପରେ ସବୁ ଛାଆଁକୁ ଛାଏଁ..... ଭୁଲି ହୋଇଯାଏ; କିନ୍ତୁ ସେ ଭାବୁ ନ ଥିଲା..... ତା' ଜୀବନର ଏ ବୁଝାମଣାର ଲୁଚକାଳି ଖେଳ ବୋଲି ।

ସବୁକଥା କହିଚାଲିଥିଲା ବନିତା.... ଅନ୍ତରଙ୍ଗ ସାଙ୍ଗ ପାଖରେ ତା'ର କଣ୍ଠରୁଦ୍ଧ ହୋଇଯାଉଛି.... ।

ସବୁ ଶୁଣିସାରି ପ୍ରଶ୍ନିଳ ଆଖିରେ ଉତ୍ତର କ'ଣ ଦେବ ହାତ ଦୁଇଟାକୁ ହାତରେ ଛନ୍ଦି..... ରଶ୍ମି କଇଁ କଇଁ ହୋଇ କାନ୍ଦିଉଠିଲା ।

ଯାହା ପାଖକୁ ନିଜର ଦୁଃଖ ଲାଘବ କରିବା ପାଇଁ କିଛି ପରାମର୍ଶ ନେବାପାଇଁ ଧାଇଁ ଆସିଥିଲା ସେ । ଦରଦୀ ସାଙ୍ଗଟି ଆଖିରେ .... ତା' ପରି ଲୁହ କାହିଁକି ? ବୁଝିପାରୁ ନ ଥିଲା ତା'ର ମନର ଗତି । ବଢ଼ିଚାଲିଥିଲା ଉଭୟଙ୍କର କୋହ..... ଲୁହ............. ।

ରଶ୍ମି ବି ଥିଲା ଅସାମାନ୍ୟ ସୁନ୍ଦରୀ । ବିବାହ କରିଛି ଦୁଇଟି ସନ୍ତାନର ଜନନୀ ମଧ୍ୟ । କିନ୍ତୁ ସେ ସୁଖୀ ନୁହେଁ କାହିଁକି ? ସେ..... ସ୍ୱାମୀ ଅନୁରାଗୀ ସ୍ତ୍ରୀ ହୋଇ ପାଇଛି କ'ଣ ?

ଲୁହ.... କୋହ...... ଦୁଃଖ...... ।

ସେ ତ ନିଜେ ଭାସିଯାଇଛି ସମୟର କାଳସ୍ରୋତରେ ଏକ କୁଟାଖଣ୍ଡ ଖିଅ ପରି । ଦୁର୍ଭାଗ୍ୟର କଳାଛାଇ ଡାଙ୍କି ରଖିଛି ତା' ଅଲୋଡ଼ା ଜୀବନକୁ ଟୋପାଏ ସିନ୍ଦୁରକୁ ସନ୍ତକ କରି ସେ ଆଜି ଜଳୁଛି । ଜୀବନର ଆରମ୍ଭ ହିଁ ତା' ପାଇଁ ମଉଳା ସଞ୍ଜ । କୋଉ ଜନ୍ମର କୃତକର୍ମ ପାଇଁ ସେ ଦଣ୍ଡିତା..... ।

ହେଲେ ବନିତା..... କାନ୍ଦୁଛି..... ସେ କ'ଣ ତା'ଠୁ ଦୁଃଖୀ.... । ବୁଝାଇବାକୁ ଚେଷ୍ଟା କଲା ରଶ୍ମି..... ଶୁଣିବୁ ମୋର କାହାଣୀ...... ତେବେ.....ଶୁଣ.... ।

ମୋ ଚତୁଃପାର୍ଶ୍ୱରେ ସ୍ୱାମୀ, ସନ୍ତାନ, ସଂସାର ଘେରି ରହିଛି କେତେ ପୂର୍ଣ୍ଣାଙ୍ଗ..... ହେଲେ ମୁଁ କାହିଁକି କାନ୍ଦୁଛି... ? କହ ।

ଏ ଯେଉଁ ଛଳଛଳ ଦେହ... ବଲ୍ଲରୀ ମୋର ଦେଖୁଛୁ, ଏହା ଭିତରେ .... ଧୁ ଧୁ.... ତାତିଲା ମରୁଭୂମି..... ଶୁଖିଲା ଥୁଣ୍ଟା ଗଛମାନଙ୍କର ସମାହାର ।

ତୁ ଥରେ ଦୁଃଖପାଉଛୁ.... ଥରେ ପ୍ରତାରିତ ହୋଇଛୁ । ମୁଁ ଜୀବନସାରା ଦୁଃଖକୁ ସାଉଣ୍ଟୁଛି । ଅବିଶ୍ୱାସର ବିଷକୁ ପ୍ରତି ମୁହୂର୍ତ୍ତରେ ପିଇଯାଉଛି ।

ନବବଧୂର ସୋହାଗ ସିନ୍ଦୂର ଭିତରେ ମୁଁ ବି ସେଦିନ ବିଶ୍ୱାସଘାତକର ପଦଧ୍ୱନି ଶୁଣିଥିଲି । ମୋ ସ୍ୱାମୀଙ୍କର ବି ତାଙ୍କ ଚାକିରି ଜାଗାରେ ଆଉ ଗୋଟିଏ ପତ୍ନୀ ଅଛି, ଏ କଥା ଜାଣିମଧ୍ୟ ମୋଶ ଶାଶୂ.... ଶ୍ୱଶୁର.... ଏ ଘରକୁ ବୋହୂକରି ଆଣିଥିଲେ । ମୋ' ପଣତରେ ସବୁଦିନେ ମୋ ସ୍ୱାମୀ ବାନ୍ଧି ହୋଇଯିବେ ଏଇ ଯୋଜନା କରି ଏ ଘରରେ ବୋହୂର ଅଧିକାର ଦେଇଥିଲେ; କିନ୍ତୁ ସେମାନଙ୍କର ଅନେକ ବାଟ ଆଗେଇ ଯାଇଥିଲା । ସପ୍ତାହରେ ପାଞ୍ଚଦିନ ମୋ' ପାଖରେ ତ, ଅନ୍ୟ ଦିନ ତା' ପାଖରେ କଟାଉଥିଲେ । ମୋ ସ୍ୱାମୀଙ୍କ ପାଖରେ ମୋତେ ରହିବାକୁ ଅନୁମତି ମିଳିଲା । ବିବାହର ଚାରିବର୍ଷ ଭିତରେ ମୁଁ ଦୁଇଟି ସନ୍ତାନର ଜନନୀ ହୋଇ ଛୋଟ ପିଲାଙ୍କୁ ସାଥିରେ ଧରି ଯାଇଥାନ୍ତି କୁଆଡ଼େ ?

ଅଭାବ ବଢ଼ିଗଲା । ଭାଇନା ଜୁଆ... ଗଞ୍ଜେଇରେ ବୁଡ଼ି ରହିଲେ । ରୋଜଗାର.... ଦୁଇପଟ ଦରମା.... ସେପଟକୁ ଯାଏ । ନିଜର ସମସ୍ତ ଗହଣାଗାଣ୍ଠି ବିକି, ନଣନ୍ଦ, ଝିଆରୀ ସମସ୍ତଙ୍କୁ ବିବାହ କରାଇଲି । ପିଲାମାନଙ୍କୁ ପାଠ ପଢ଼ାଇବା କଷ୍ଟକର ହୋଇଗଲା; ତଥାପି ସଂସାରର ରଥ ହୋଇଛି । ଅନେକ ଚେଷ୍ଟା କରିଛି.... ପ୍ରିୟା ପାଖରୁ ପ୍ରିୟକୁ ଛଡ଼ାଇବା ପାଇଁ; ହେଲେ ପାରିଲି ନାହିଁ । କାହାକୁ ଦୋଷ ଦେଇ ଲାଭ କ'ଣ ?

ଆପଣା ସୁନା ତ ଭେଣ୍ଡି.... କେଶ୍ ବାସ୍ କଲିନାହିଁ । ଉଭୟଙ୍କ ଜୀବନ ନଷ୍ଟ ହୋଇଯିବ.... ବାପଘରର ବଂଶର

ମର୍ଯ୍ୟାଦା ପାଇଁ..... ନିଜେ ବଳି ଚଢ଼ିଲି ।

ମୋ'ଠୁ ସେ ଦଶବର୍ଷ ବଡ଼ । ସୁନ୍ଦର ମନଲୋଭା ଚେହେରା ଦେଖି ମୋ ବାପା ଟେକି ଦେଇଥିଲେ ତାଙ୍କ ହାତରେ ମତେ କିଏ ମହାକାଳ ଫଳ ବୋଲି ।

ମୁଁ ଗୋଟିଏ ମାତ୍ର ଝିଅ ତୁ ତ ଜାଣୁ.... କେତେ ଗେହ୍ଲାରେ ବଢ଼ିଛି ।

ସବୁକୁ ଜଳାଞ୍ଜଳି ଦେଇ ବଢ଼େଇଛି ଦୀର୍ଘଜୀବନ । ମୁଠାଏ ଶୂନ୍ୟତା, ମୁଠାଏ ପ୍ରବଞ୍ଚନା ଆଉ କିଛି ବିଶ୍ୱାସଘାତକତାର ବିଷ ମଞ୍ଜି ଛଡ଼ା..... ମୋର କ'ଣ ଅଛି ଏ ଆଦର ସଂସାରରେ ତଥାପି ବଞ୍ଚିଛି.... ଆଦରରର, ରକ୍ତର ମଣିଷ ପାଇଁ.... ଆଜି ଦେଖ କେମିତି ଦୁଃଖଯନ୍ତ୍ରଣାରେ ସଢୁଛି ।

ନାରୀ ପାଇଁ ଟୋପାଏ ସିନ୍ଦୂର.... ଦୁଇପଟ ଶଙ୍ଖା ଗର୍ବ..... ଗୌରବର ପରିଚାୟକ । କହ ତ ଗୋଟିଏ ସ୍ୱାମୀ ଯଦି ଦୁଇ ଭାଗ ହୋଇଯାଏ..... ଦୁଇଟି ନାରୀ ଭିତରେ ତେବେ ତା' ପାଇଁ ବଡ଼ ଦୁଃଖ ସଂସାରରେ କ'ଣ ଥାଇପାରେ ସବୁ ଥାଇ ବି..... ମୁଁ ଆଜି କାଙ୍ଗାଲୁଣୀ... ମୁଁ ସିନା ସବୁ ସହିଗଲି..... ପିଲାମାନେ ସହିପାରିବେ ତ । ମୁଁ ବିବାଦର ମଝିରେ ବିରାଟ ପ୍ରାଚୀର । ଗୋଟିଏ ପଟେ ସ୍ୱେଚ୍ଛାଚାରୀ ପିଲା.... ଆଉ ଗୋଟିଏ ପଟେ ପଥଭ୍ରଷ୍ଟ ସ୍ୱାମୀ ମୋର । ମୁଁ ଆଜି ନିଃସ୍ୱ..... ନିଜର ଲୋକ ଦୂରେଇଯାଇଛନ୍ତି.... । କାଳେ ସେମାନଙ୍କଠାରୁ କ'ଣ ଅର୍ଥ ଆଶା କରିବି । ଏବେ.... ସମସ୍ତଙ୍କ ପାଖରେ ସାତପର.... ।

ରଶ୍ମି କହି ଚାଲିଥିଲେ..... ଶୁଣୁଥିଲେ ବନିତା.... ଶେଷରେ ଆଉ ପାରିଲେନି ସମ୍ଭାଳି..... ପିଲାଙ୍କ ଭଳି ଭେଁ ଭେଁ ହୋଇ କାନ୍ଦି ଉଠିଲେ.... ଦୁଇ ଅଭାଗିନୀ ନାରୀର ଲୁହ ଏକାକାର ହୋଇ ସମାନ୍ତର ଭାବରେ ତଳକୁ ବହିଯାଉଥିଲା । ଦୁହିଁଙ୍କର ଦୁଃଖଯନ୍ତ୍ରଣା ବାରମ୍ବାର ଭିତରେ ସାମିଲ ହୋଇଗଲା ।

ଜଣେ ସ୍ୱାମୀ.... ପରିତ୍ୟକ୍ତା.... ଆଉ ଜଣେ ସଂସାରରେ ରହି..... ସଳିତା ଭଳି ଜଳୁଛି.... ରଶ୍ମି..... ଆଉ ବନିତା... ।

ଦୁହିଁଙ୍କର ଜୀବନ..... ଏକମୁଖୀ...... ।

ବନିତା ଭାବୁଥିଲା, ଢିଙ୍କିଶାଳର ପୋଇଲି ପରି ନ ରହି ବାଘରର ଭିଟାମାଟିକୁ ସ୍ୱର୍ଗପୁର ବନେଇଛି.... ଠିକ୍ କରିଛି । ସେ ଏବେ ସ୍ୱାଧୀନ । ରଶ୍ମି ସବୁ ସମସ୍ୟା ଭିତରେ ରହି ଘାଣ୍ଟି ହେଉଛି ।

ବନିତା ଆଖିରୁ ଲୁହପୋଛି ଏକମୁହାଁ ହୋଇ ଘରକୁ ପଳାଇଲା । ଆଉ କେବେ ତା' ଜୀବନର କାହାଣୀର ପୃଷ୍ଠା କାହା ପାଖରେ ଉପସ୍ଥାପନା କରିବ ନାହିଁ... ତାହା ଥିଲା ତା'ର ଶେଷ ପ୍ରତିଜ୍ଞା ।

ମନ ଭିତରେ ଯେଉଁ ଘୃଣା ଭାବ ମଣିଷ ପ୍ରତି ଥିଲା, ତାହା ଭଗବତ ଚେତନାରେ, ଆହୁରି ନିକଟତର କରିବ । ସମସ୍ତଙ୍କୁ ଭଲ ପାଇବ । ହୃଦୟ ଚହଲି ଯାଇଛି । ଉଜୁଡ଼ି ଯାଇଛି ବସନ୍ତ.... ହେଲେ ଉଜୁଡ଼ାଇ ନାହିଁ ତା'ର ଟୋପାଏ ସିନ୍ଦୂର ଆଉ ଦୁଇପଟ ଶଙ୍ଖା । ଏବେ ବି ସେ ସଧବା । ତେଣୁ ସବୁ ସମର୍ପି ଦେବ ସେଇ କାଳିଆ ପାଖରେ ତା'ର ଅବଶିଷ୍ଟ ଜୀବନକୁ.... । ସମସ୍ତଙ୍କୁ କ୍ଷମା କରିଦେବ.... ହଁ ନିଶ୍ଚୟ ପାରିବ ।

*- କାଳଟାଙ୍କ୍ସ, ରତନବଜାର, ଢେଙ୍କାନାଳ ଟାଉନ, ଢେଙ୍କାନାଳ*

◆❖◆

# ମମତାର ଡୋରୀ

- କୁଞ୍ଜବିହାରୀ ସାହୁ

ଦ୍ୱିପ୍ରହରର ଟାଣୁଆ ଖରାଟା ଟିକିଏ ନଇଁଆସିଲାଣି । ଡାଆଣିଆ ଖରକୁ ପିଠି ଦେଖାଇ ଆପଣା ଭିତରେ ବସିଛନ୍ତି ବୁଦ୍ଧିମତୀ । ଖରା କାଟୁନି, ଶୀତ ବି ଲାଗୁନି । ଘର ଭିତରେ ଏକୁଟିଆଟା ବସି ବସି ଭଲ ଲାଗୁନି । କେତେ ବସିବେ, ଆଖିରେ ଆଶାର ଢେଉ, ତା'ର ବିରାମ ନାହିଁ । ଏତେଦିନ ଧରି କାହାକୁ ସେ ଚାହିଁରହିଛନ୍ତି । ମନର ଆଶା ଉଜ୍ଜାପିତ ହୋଇନି, ପୂରଣ ବି ହେଉନି । କ'ଣ ସେ ଆଶା କାହାକୁ ସେ ଚାହିଁ ରଖିଛନ୍ତି । ଦେବକୀଙ୍କର ଛ' ପୁତ୍ରଙ୍କୁ କଂସ ହତ୍ୟା କଲା । ଅଷ୍ଟମ ପୁତ୍ର ଶ୍ରୀକୃଷ୍ଣ ଗୋପପୁରରେ ମା' ଯଶୋଦାଙ୍କ କୋଳରେ ବଢ଼ିଲେ । ସ୍ନେହ ମମତାରେ ସେ କୃଷ୍ଣଙ୍କୁ ବାନ୍ଧି ରଖିଥିଲେ । ହେଲେ ରକ୍ତକୁ ରକ୍ତ ଡାକିଲା । ରକ୍ତର ଡୋରୀ ଟାଣିଲା । ରକ୍ତର ଡୋରୀ ଆଗରେ ମମତାର ଡୋରୀ ହାର ମାନିଲା । ଶ୍ରୀକୃଷ୍ଣ ଯଶୋଦାମାଙ୍କର ସ୍ନେହମତାର ଡୋରୀ ଛିଣ୍ଡାଇ ଚାଲିଗଲେ ସେ ଜନ୍ମକଲା ମା' ଦେବକୀଙ୍କ ପାଖକୁ । ଆଜି ବୁଦ୍ଧିମତୀଙ୍କ ଭାଗ୍ୟ କ'ଣ ଖରାପ । ତାଙ୍କ ରକ୍ତର ଡୋରୀ କ'ଣ ଏତେ ଦୁର୍ବଳ । କଥାରେ ଅଛି– ରକ୍ତକୁ ରକ୍ତ ଟାଣେ ? କିନ୍ତୁ ବୁଦ୍ଧିମତୀଙ୍କ ଜୀବନରେ ଏ ବ୍ୟତିକ୍ରମ କାହିଁକି ? ଦୀର୍ଘ ପଚାଶ ବର୍ଷ ଧରି ସେ ଚାହିଁ ରହିଛନ୍ତି ତାଙ୍କ ଅରୁ ଆସିବ । ତାଙ୍କ ରକ୍ତର ସଂପର୍କ ଅରୁ ନିଶ୍ଚୟ ଆସିବ । ଆଉ ତାଙ୍କ ହୃଦୟ ପୁରି ଉଠିବ ଅରୁର ମା' ଡାକରେ । କେତେ ଅପେକ୍ଷା, କେତେ ଆଶା, କେତେ ଆକାଂକ୍ଷା । ସେ ଅନାଇ ରହିଛନ୍ତି ଅରୁର ଆସିବା ବାଟକୁ । ବୁଦ୍ଧିମତୀ ଥିଲେ ଶ୍ରୀମାଅରବିନ୍ଦଙ୍କ ଭକ୍ତ । ସବୁଦିନେ ଅରବିନ୍ଦଙ୍କ ନାମ ଉଚ୍ଚାରଣ କରିବେ ଭାବି ସେ ତାଙ୍କର ଏକମାତ୍ର ଜନ୍ମିତ ପୁଅର ନା' ରଖିଥିଲେ ଅରବିନ୍ଦ, ବାପା-ମା'ମାନେ । ପୁଅଝିଅଙ୍କ ନାଁ କୌଣସି ଦେବଦେବୀ ବା କୌଣସି ସାଧୁପୁରୁଷଙ୍କ ନାମ ଅନୁସାରେ ସାଧାରଣତଃ ଦେଇଥାନ୍ତି । କାରଣ ସେମାନେ ଭାବନ୍ତି, କର୍ମଜଞ୍ଜାଳ ଭିତରେ ଲିପ୍ତ ରହି କାଳେ ଭଗବାନ ବା ଠାକୁର ବା ସାଧୁବାବାଙ୍କ ନାମ ସ୍ମରଣ କରିପାରିବେ ନାହିଁ । ନିଜ ପୁଅଝିଅଙ୍କ ନାଁ ଧରି ଡାକିଦେଲେ, ଦେବତା ଓ ସାଧୁ ବାବାଙ୍କ ନାଁ ଅଟେ ନଚେତ୍ ଡାକି ହୋଇଯାଏ । ଏହାଦ୍ୱାରା ଦେବତା ବା ସାଧୁବାବା ଖୁସି ହୁଅନ୍ତି କି ରାଗନ୍ତି । ଜାଣି ହଉନି ପାପୀ ଅଜାମିଳ ପୁଅର ନାଁ ଧରି ତରିଗଲା ବୋଲି ପୁରାଣରେ ବର୍ଣ୍ଣିତ ଅଛି । ହେଲେ ଆଜି ଏ ବୁଦ୍ଧିମତୀଙ୍କ ଜୀବନରେ ବିପରୀତ କାହିଁକି ? କେତେ ଭକ୍ତି ଭାବନା, କେତେ ଆଶା, କେତେ ଭରଷା କରି ସେ ପୁଅର ନାଁ ରଖିଥିଲେ ଅରବିନ୍ଦ । ଆଜି ତାଙ୍କର ସବୁ ଆଶାଭରସା ତୁଟିଯାଇଛି । ଦୀର୍ଘ ପଚାଶ ବର୍ଷ ହେଲା ଅପେକ୍ଷା କରି ତାଙ୍କ ଆଖିରୁ ପାଣି ମଲାଣି । ପୁଅର ଦେଖାନାହିଁ, କି ଠାକୁର ଅରବିନ୍ଦଙ୍କର ତାଙ୍କ ଉପରେ ଟିକିଏ ହେଲେ ଦୟା ନାହିଁ । ଠାକୁର ଅରବିନ୍ଦଙ୍କ ଉପରୁ ବୁଦ୍ଧିମତୀଙ୍କ ଭରଷା ତୁଟିଯାଇଛି । ପୁରାଣରେ ଅଛି, ଭଗବାନ ଭକ୍ତକୁ ପରୀକ୍ଷା କରିବା ପାଇଁ ଭକ୍ତର କିଛି ନା କିଛି ଅସୁବିଧା କରିଥାନ୍ତି । ଏହି କଥାର ସତ୍ୟତା ପାଇଁ ଜଣେ ବଙ୍ଗାଳୀ କବିଙ୍କ ଭାଷାରେ ଭଗବାନ କହିଛନ୍ତି–

ଆତ୍ମାକେ ଯେ କରେ ଆଶ (ଆଶ୍ରା)
ଆମି କରେ ତାର ସର୍ବନାଶ ।(କ୍ଷତି)
ତଥାପି ଯଦି ସେ ନ ଛାଡ଼େ ମୋ ଆଶ
ଆମି ଏ ତାର ଦାଶାନୁଦାଶ ।

ଏହା ହେଉଛି ଭଗବାନଙ୍କର ପରୀକ୍ଷା । ତେବେ କ'ଣ ବୁଦ୍ଧିମତୀଙ୍କ ଜୀବନରେ ପରୀକ୍ଷାର ବିରାମ ନାହିଁ । ଯେଉଁ ବୁଦ୍ଧିମତୀ ସବୁ ଶ୍ରେଣୀରେ ସବୁ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କରନ୍ତି । ଆଜି ଭଗବାନ ସାଧୁପୁରୁଷ ଅରବିନ୍ଦଙ୍କର ପରୀକ୍ଷାରେ ପୁରାପୁରି ଫେଲ୍ । ପ୍ରାୟ ପଚାଶ ବର୍ଷ ହେଲା ସେ ପରୀକ୍ଷାର ସମ୍ମୁଖୀନ ହେଉଛନ୍ତି । ଠାକୁରେ ଆଉ କେତେଦିନ ପରୀକ୍ଷା କରିବେ । ତାଙ୍କର ଜୀବନଦୀପ ବା ଆଉ କେତେ ଦିନ ଜଳିବ । ଭାଗ୍ୟ ଚକ୍ରର ଗତି ଅନୁସାରେ ରାମଚନ୍ଦ୍ର ଚଉଦ ବର୍ଷ ପାଇଁ ବଣକୁ ଯାଇଥିଲେ; ହେଲେ ଚଉଦ ବର୍ଷ ପରେ

ସେ ଅଯୋଧ୍ୟା ଫେରିଲେ । ମା' କୌଶଲ୍ୟାଙ୍କର ଦୁଃଖ ଥିଲା ମାତ୍ର ଚଉଦବର୍ଷ । ଦୀର୍ଘ ତେର ବର୍ଷ ପରେ ପାଣ୍ଡବମାନେ ରାଜ୍ୟକୁ ଫେରିଲେ; ହେଲେ ଦୀର୍ଘ ପଚାଶ ବର୍ଷ ଅପେକ୍ଷା ପରେ ବି ପୁଅ ଅରୁ ମା' କୋଳକୁ ଫେରୁନି, କ'ଣ ହେଇଛି ଅରୁର । ସେ କ'ଣ କେଉଁଠି ବନ୍ଦୀ, ନା କୋଉ ଡାକ୍ତରଖାନାରେ କୋମାରେ ପୀଡ଼ିତ । ନା ସେ ତା' ଜନ୍ମକଲା ମା'କୁ ଚିହ୍ନିନାହିଁ, ନା ସେ କାହାର ଚକ୍ରାନ୍ତର ଶିକାର ହୋଇଛି, ନା ମଦ ପିଇ ମାତାଲ ହୋଇ ବୁଲୁଛି, ନା ସେ ଏ ଦୁନିଆରେ ଆଉ ନାହିଁ, ନା କୋଉ ଗୁଣୀ ମାଲିକାଣୀ କଳାଗୋଲାପ ଶୁଙ୍ଘେଇ ଭେଣ୍ଡାକୁ ମେଣ୍ଢା କଲାଭଳି ତାକୁ କଳା ମେଣ୍ଢା କରି ରଖିଛି । ଯଦ୍ୱାରା କି ନିଜ ଜନ୍ମ କଲା ମା' ପାଖରେ ପହଞ୍ଚିପାରୁନି । କିଭଳି ଭାବନା କୌଣସି ମା' ମନରେ କେବେ ବି ଆସିବନି । ମା' ସବୁବେଳେ ଚାହେଁ, ପୁଅର ମଙ୍ଗଳ । ସେ ଯେତେ ଦୂରରେ ଥାଉନା କାହିଁକି ଭଲରେ ଥାଉ । ଏହାହିଁ ହେଉଛି ମା'ର ପୁତ୍ର ସ୍ନେହ । ମା' ବୁଦ୍ଧିମତୀଙ୍କର ଆଶୀର୍ବାଦ ସବୁବେଳେ ପୁଅ ଅରବିନ୍ଦ ଉପରେ ରହିଛି । ତେବେ ତା'ର ହୋଇଛି କ'ଣ ? କିଛି ହୋଇନି ଅରୁର, ସେ ଆଜାଦ୍‌ରେ ଅଛି । ସେ ବର୍ତ୍ତମାନ ଭୁବନେଶ୍ୱରରେ ଥିବା ବରୋଦା ବ୍ୟାଙ୍କର ମ୍ୟାନେଜର । ପାଦ ଭୂଇଁରେ ଲାଗୁନି । ଭି.ଆଇ.ପି. ଗାଡ଼ିରେ ଯିବାଆସିବା । ପାଖରେ ପଇସା ହାଉଯାଉ । ଚାହିଁଲେ ଇଣ୍ଡିଆକୁ ବି କିଣି ନବ । ଏତେବଡ଼ ଲୋକ ସିଏ । ଏହା ପ୍ରକୃତରେ ସତ କଥା ନା କାହାଣୀ । ନା ଆଜ୍ଞା ଏହା ଗପ ନୁହେଁ ତ, ସତ ।

ବୁଦ୍ଧିମତୀ ହେଉଛନ୍ତି ନୂଆପାଟଣା ଗାଁ'ରେ ବାସକରୁଥିବା ବ୍ୟବସାୟୀ ମଦନ ସାହୁଙ୍କ ଦ୍ୱିତୀୟ କନ୍ୟା । ବଡ଼ମ୍ବାସ୍ଥିତ ମାନପୁର ଗ୍ରାମର ଜଗନ୍ନାଥ ସାହୁଙ୍କ ପୁତ୍ର କୈଳାସ ସାହୁଙ୍କ ସହିତ ବୈଦିକ ରୀତିରେ ବିବାହ ହୋଇଯାଇଛି । ବୁଦ୍ଧିମତୀ ସର୍ବଗୁଣସମ୍ପନ୍ନା, ବୁଦ୍ଧିମତୀ ଅଳ୍ପଦିନ ମଧ୍ୟରେ ଶାଶୂ ଘରେ ସମସ୍ତଙ୍କ ମନକୁ କିଣି ନେଇଥିଲେ । ସମସ୍ତେ ତାଙ୍କୁ ଅତି ଭଲ ପାଉଥିଲେ । ଭଲ ପରେ ମନ୍ଦ, ସୁଖ ପରେ ଦୁଃଖ, ଆଲୋକ ପରେ ଅନ୍ଧାର ଏଇ ତ ଦୁନିଆର ନିୟମ । ଏହି ନିୟମ ସାଥିରେ ତାଳଦେଇ କେତେକ ଖଳପ୍ରକୃତିର ଲୋକ ଅନ୍ୟର ଅନିଷ୍ଟ ଏପରିକି ନିଜର ସାମାନ୍ୟ ସ୍ୱାର୍ଥପାଇଁ ଅନ୍ୟର ଅମୃତମୟ ସଂସାରରେ ବିଷ ଭରି ଦିଅନ୍ତି । ଆଜି ସେହିଭଳି ଏକ ଘଟଣା ଘଟିଛି ବୁଦ୍ଧିମତୀଙ୍କ ଜୀବନରେ । ସନାତନ ସାହୁ ହେଉଛନ୍ତି ଗାଁ'ର ଜଣେ ମୁଖିଆ ଲୋକ । ସେ ଚାହୁଁଥିଲେ ତାଙ୍କ ଝିଆରୀ ପ୍ରେମକୁ କୈଳାଶବାବୁଙ୍କ ସହିତ ବାହା ଦେବାପାଇଁ । କୈଳାଶବାବୁ ପ୍ରେମକୁ ଭଲ ପାଉ ନ ଥିଲେ । ତେଣୁ ସେ ବୁଦ୍ଧିମତୀଙ୍କୁ ବିବାହ କଲେ । ପ୍ରେମକୁ କୈଳାଶବାବୁ ବିବାହ ନ କରିବାରୁ ସନାତନବାବୁ ଭିତରେ ଭିତରେ ରାଗ ରଖି ବିଭିନ୍ନ ଉପାୟରେ କୈଳାଶବାବୁଙ୍କ ପରିବାରକୁ ଛାରଖାର କରିଦେଲେ । ପ୍ରେମକୁ ବିବାହ ଓ ବୁଦ୍ଧିମତୀଙ୍କୁ ଛାଡ଼ପତ୍ର ଦେବାକୁ ସେ ସବୁଆଡୁ ପ୍ରେସର ପକାଇଲେ । ହେଲେ କୈଳାସବାବୁ କୌଣସି ପ୍ରକାରେ ଏଥିରେ ପ୍ରଭାବିତ ହେଲେ ନାହିଁ । ପରିଶେଷରେ କୂଟନୀତିଜ୍ଞ ସନାତନବାବୁ ଭିତିରିଆ ବୁଦ୍ଧିମତୀଙ୍କ ଶାଶୂ, ନଣନ୍ଦ ଓ ଦିଅରଙ୍କୁ ହାତ କରି ସେମାନଙ୍କୁ ଅସ୍ତ୍ର ରୂପେ ବ୍ୟବହାର କଲେ । ସେମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ କହିଲେ, ତମେ ସେ ବୁଦ୍ଧିମତୀକି ହଇରାଣ କର, ଯେପରି ସେ ଛାଏଁ ଛାଏଁ ତା' ବୋପାଘରକୁ ଚାଲିଯିବ । ସେ କ'ଣ ବା ଯୌତୁକ ଆଣିଛି ? ସେ ଚାଲିଗଲେ, ତମ ପୁଅ ଆମ ପ୍ରେମକୁ ବାହାହେଲେ ଯଉତୁକରେ ତମ ଘର ପୁରିଯିବ । କଲର ଟିଭି ଦେବୁ, ଫ୍ରିଜ୍ ଦବୁ, ଏସି ଫିଟ୍ କରିଦବୁ, ଓ୍ୱାସିଙ୍ଗ୍ ମେସିନ୍ ଦବୁ, ପୁଅ ତ ଚାକିରି କରିଛନ୍ତି । ଚାହିଁଲେ ଆମ୍ବାସାଡାର୍ କାର୍‌ଟିଏ ଦେଇଦେବୁ । ସୁନା ରୂପା କଥା କହନାହିଁ । ସେଗୁଡ଼ା ତ ଆମ ପ୍ରେମ ଲଗାଇବ; ତଥାପି ସୁନା ଦେଢ଼ଶ ଭରି ଓ ରୂପା ଦୁଇଶହ ଭରି ଦବୁ । ଧନ ସମ୍ପତ୍ତିରେ ତମ ଘର ପୁରି ଉଠିବ । ଏ ବୁଦ୍ଧି ଯାହା ଆଣିଛି, ଗୋଟେ କଣକୁ ନିଅଣ୍ଟ । ସନାତନଙ୍କ କଥାରେ ବୁଦ୍ଧିମତୀଙ୍କ ଶାଶୂ, ନଣନ୍ଦ, ଦିଅର ଭାଷିଗଲେ । ସନାତନଙ୍କୁ କହିଲେ, ଏମିତି ହଇରାଣ କରିବ ଯେ, ସେ ଛାଏଁ ପଳେଇବ । ଦେଖ ଏସବୁ କଥା ତମ ପୁଅ କୈଳାଶ କି ଜଗନ୍ନାଥବାବୁ ଯେପରି ନ ଜାଣନ୍ତି । କଥାରେ ଅଛି, ସାତ କଥାରେ ସତୀ ଭୁଲେ । ବୋହୂ ବୁଦ୍ଧିମତୀଙ୍କୁ ଅତି ଭଲ ପାଉଥିବା ଶାଶୂ, ନଣନ୍ଦ ଓ ଦିଅର ବର୍ତ୍ତମାନ ବୁଦ୍ଧିମତୀଙ୍କୁ ହଇରାଣ ଓ ବଦନାମ କରିବାକୁ ପୁରାପୁରି ଲାଗିଗଲେଣି । ସେଦିନ ଥିଲା ରବିବାର । ଛୁଟିଦିନ ବୋଲି କୈଳାଶବାବୁ ଦେଢ଼ କେଜି ଖାଣ୍ଟି ଖାସି ମାଂସ ଆଣିଥିଲେ । ବୁଦ୍ଧିମତୀ ଅତି ଆଗ୍ରହରେ ଖୁସି ମନରେ ଖୁବ୍ ସୁନ୍ଦର ଭାବରେ ରାନ୍ଧିଲେ । ବୁଦ୍ଧିମତୀଙ୍କ ରାନ୍ଧଣା ଖୁବ୍ ଭଲ । ବିନା ମସଲାରେ ଯାହିତାହି କି ରାନ୍ଧିଦେଲେ ମଧ୍ୟ ଅମୃତ ଭଳି

ଲାଗେ । ମାଂସ ରାନ୍ଧିଲେ ତ ଗିନା ଚାଟି ଖାଇବାକୁ ଇଚ୍ଛା ହବ । ସେଦିନ ମାଂସ ମସଲା ସୁନ୍ଦର ଭାବରେ କଷି ଚୁଲୀ ଉପରେ ବସାଇ କାଠ ଦି'ଖଣ୍ଡ ପାଇଁ ବାରିପାଖକୁ ଗଲେ । ଠିକ୍ ସେହି ସମୟରେ ତାଙ୍କ ନଣନ୍ଦ ନୟନା ସୁନ୍ଦରୀ ମୁଠାଏ ଲୁଣ ନେଇ ଅତି ଚତୁରତାର ସହିତ ରନ୍ଧା ହେଉଥିବା ମାଂସରେ ପକାଇଦେଲେ । ଏକଥା କେବଳ ସିଏ ଜାଣିଲା, ଆଉ ବା କିଏ ଜାଣିବ ? ହଁ, ଆଉ ଭଗବାନ୍ ବି ଜାଣିଲେ । ଆଗ୍ରହରେ ଗୁଣ୍ଡାଏ ଭାତ, ହାପୁଡ଼େ ଝୋଳ ଯେମିତି କୈଳାଶବାବୁ ପାଟିରେ ଦେଇଛନ୍ତି, ବିରକ୍ତିରେ ସେ ସାଙ୍ଗେ ସାଙ୍ଗେ ଓକାଳି ଦେଇଛନ୍ତି । ରାଗି କହିଛନ୍ତି, ଆଜି କ'ଣ ତମ ମୁଣ୍ଡ ଖରାପ ହୋଇଯାଇଛି କି, ଏଗୁଡ଼ାକ ଲୁଣ ରାନ୍ଧିଛ ନା ମାଂସ । ଛି ଛି କହି ସେ ନ ଖାଇ ଉଠିଯାଇଛନ୍ତି । ନଣନ୍ଦ ନୟନା ସୁନ୍ଦରୀ, ଦିଅର ପ୍ରଫୁଲ୍ଲବାବୁ ଖାଇବେ କ'ଣ, ବୁଦ୍ଧିମତୀଙ୍କ ଆଗରେ ମାଂସ ଗିନା ଫୋପାଡ଼ିଦେଇଛନ୍ତ ଓ ନ ଖାଇ ଉଠିଯାଇଛନ୍ତି । ଶ୍ୱଶୁର ଜଗନ୍ନାଥବାବୁ କେବଳ ନୀରବ । ଶାଶୂ ପୁଅ କୈଳାଶକୁ ବୋହୂ ନାଁ'ରେ ବିଭିନ୍ନ ଚୁଗୁଲି କରି ଚାଲିଛନ୍ତି । ସେସବୁ ଶୁଣନ୍ତି ନ ଶୁଣିଲା ପରି ଭଲି ହୁଅନ୍ତି । କାଲି ମାଂସ ଲୁଣିଆ, ଆଜି ଡାଲି କିରୋସିନିଆ, ପୁଣି ତରକାରି ବାଲିଆ ଲାଗିଲାଣି, ସବୁଦିନର ଖାଦ୍ୟ ଅଖାଦ୍ୟ ହୋଇଯାଉଛି । କୈଳାଶବାବୁ କୋଉଦିନ ଖାଉଛନ୍ତି, କୋଉଦିନ ଉପାସ । ଏବେ ବୁଦ୍ଧିମତୀଙ୍କ ଉପରେ ବେଳେବେଳେ ବିରକ୍ତି ହେଉଛନ୍ତି । ମଝିରେ ମଝିରେ ଏସବୁ ଘଟଣା ପାଇଁ ଦିନେ ଦିନେ ଶାଶୂ-ବୋହୂ, ନଣନ୍ଦ-ଭାଉଜ, ଦିଅର-ଭାଉଜ, ଏପରିକି ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମଧ୍ୟ ପାଟିତୁଣ୍ଡ ହୁଏ । ତିନିତୁଣ୍ଡରେ ଛେଳି କୁକୁର ଭଳି ସବୁଯାକ ଭୁଲ୍ ହୁଏ ବୁଦ୍ଧିମତୀଙ୍କର । ତଥାପି ସେ ବିନା ଦୁଃଖରେ ସବୁ ସହିଯାଆନ୍ତି ।

ଆଜି ବୁଦ୍ଧିମତୀଙ୍କର ପୁତ୍ର ସନ୍ତାନଟିଏ ଜନ୍ମ ହୋଇଛି । ଶ୍ରୀମାଅରବିନ୍ଦଙ୍କ ଭକ୍ତ ବୁଦ୍ଧିମତୀ ଅରବିନ୍ଦଙ୍କ ନାମ ଅନୁସାରେ ନିଜ ପୁଅ ନାଁ ରଖିଲେ ଅରବିନ୍ଦ । ସ୍ନେହରେ ଡାକୁଥାନ୍ତି ଅରୁ । କୈଳାଶବାବୁ ନିଜ ପୁଅ ଅରୁକୁ ବହୁତ ଭଲପାଆନ୍ତି ଜୀବନରୁ ଅଧିକ ।

ବର୍ତ୍ତମାନ ଅରୁକୁ ବର୍ଷେ ପୁରିଲାଣି । ଦି'ମାସେ ହେଲା କୈଳାଶବାବୁଙ୍କର ଅନୁଗୋଳ ଚକବନ୍ଦୀ ଅଫିସକୁ ବଦଳି ହୋଇଛି । ତେଣୁ ସେ ଘର ଭଡ଼ା ନେଇ ଅନୁଗୁଳରେ ରହୁଛନ୍ତି । ସବୁ ରବିବାରରେ ସେ ଘରକୁ ଆସନ୍ତି । ସୋମବାରେ ପୁଣି ଅନୁଗୁଳ ଅଫିସକୁ ଯାଆନ୍ତି ।

ସେଦିନ ମଙ୍ଗଳବାର। କାଉଖିଲା ଦାଦି (ବୁଦ୍ଧିମତୀଙ୍କର କାହଖିଆ ଦାଦି ଲାଗିବେ) କୈଳାଶବାବୁଙ୍କ ଘରକୁ ଆସି ବୁଦ୍ଧିମତୀଙ୍କୁ କହିଲେ, ଆଲୋ ଝିଅ, ତୋ ମା' ଅତି ସିରିଏସ୍ ହୋଇ ଜରରେ ପଡ଼ିଛି । ତୁ ଦେଖିଯାଇନୁ କି, ମୁଁ ଆଜି ଦେଖିଯାଇଥିଲି । ମତେ ଚିହ୍ନିପାରିଲାନାହିଁ । ଦାଦି ମୁହଁରୁ ମା'ର ଅସୁସ୍ଥ କଥା ଶୁଣି ବୁଦ୍ଧିମତୀଙ୍କ ମନ କେମିତି କେମିତି ହୋଇଗଲା । ଆଖିରେ ଲୁହ ଜକେଇ ଆସିଲା । ମା'ଙ୍କୁ ଦେଖିବ ବୋଲି ହୃଦୟ ବ୍ୟାକୁଳ ହୋଇଉଠିଲା । ଶାଶୂଙ୍କୁ କହିଲେ ସେ କ'ଣ ଛାଡ଼ିବେ? କେମିତି ଯିବେ ? କାହା ସାଥିରେ ଯିବେ ଦିଅର, ନଣନ୍ଦ, ଶାଶୂ ତ ଦାଉ ସାଧୁଛନ୍ତି । ଶ୍ୱଶୁର ଅବା ଯାଆନ୍ତେ– ସେ କ'ଣ ଚାଲିପାରିବେ । କୈଳାଶବାବୁ କାଲି ଯାଇଛନ୍ତି, ଆସୁ ଆସୁ ଛ' ଦିନ । ରାତି ପାହୁ କାଲି ଯେମିତି ହେଲେ ଯିବି ।

ରାତି ପୁରା ପାହିନି । କାଉ ମାନେ ବସା ଛାଡ଼ିଲେଣି । ପୂର୍ବ ଦିଗ ଫରଚା ଦିଶିଲାଣି । ହଠାତ୍ ବୁଦ୍ଧିମତୀଙ୍କ ବାପା ମଦନବାବୁ ଜ୍ୱାଇଁ ଘରକୁ ଆସିଲେ । ଝିଅକୁ କହିଲେ, ବୁଦ୍ଧି ଲୋ, ତୋ' ମା'ର ଜର ବଢ଼ିଯାଇଛି । ସେ କାହାକୁ ଚିହ୍ନିପାରୁନି । ତତେ ଟିକିଏ ଦେଖିବାକୁ ଚାହୁଁଛି । କାଲି ରାତିରେ ସେ ତତେ ବହୁତ ଖୋଜିଛି । ସମୁଦୁଣୀ ଝିଅକୁ ଟିକିଏ କହିଦିଅନ୍ତୁ, ମୋ ସାଥିରେ ଯିବ, ତା' ମାଆକୁ ଦେଖିବାକୁ ଚାହୁଁଛି । ମୁଁ କାଲି ଆଣି ଝିଅକୁ ପୁଣି ଛାଡ଼ି ଦେଇଯିବି । ବୁଦ୍ଧିମତୀଙ୍କ ଶାଶୂ କହିଲେ, ଆମେ କିଛି କହିପାରିବୁନି । ପୁଅ ରବିବାର ଆସିବ । ତାକୁ ସିଏ କହିକି ଯିବ । ସମୁଦୁଣୀ ଏମିତି କ'ଣ କହୁଚୁ ଆଜି ଖାଲି ଯିବ ତା' ମା'କୁ ଦେଖି କାଲି ଚାଲିଆସିବ । ଜ୍ୱାଇଁ ଆସିଲାବେଳକୁ ତ ପାଞ୍ଚ ଛ'ଦିନ । ମଦନବାବୁଙ୍କ ମୁହଁରୁ କଥା ଛଡ଼େଇ, ଆମେ କହିଦବୁନି, ତା' ଇଚ୍ଛା ଯଦି ହଉଛି ଯାଉ । ବୁଦ୍ଧିମତୀ କହିଲେ, ମା' ମୁଁ ବାପାଙ୍କ ସଙ୍ଗେ ଯାଉଛି କାଲି ଆସିବି । ଶ୍ୱଶୁର କହିଲେ, ହଉ ଯା ମା', ଦିହ ଖରାପ ଯିବୁନି କେମିତି ? ବୁଦ୍ଧିମତୀ ପୁଅ ଅରୁକୁ ଧରି ବାପାଙ୍କ ସାଙ୍ଗରେ ଯିବାକୁ ବାହାରିଲେ । ଶାଶୂବୁଢ଼ୀ କହିଲେ, ତୁ ତ ତୋ ବୋପା ସାଥିରେ ଯିବୁ । ମୋ ନାତିକି କିଆଁ ନଉଛୁ । ଏ ନୟନା ଆଣେ ଲେଶ ମୋ ନାତିକି, ଆଣେ ସିଏ ତା' ବୋପା

ସାଥିରେ ଯାଉ । ମଦନବାବୁ କହିଲେ, ସମୁଦୁଣୀ ଏମିତି କ'ଣ କରୁଛ ? ସେ ତା' ପୁଅକୁ ନେଇ କି ଯିବ । କାଲି ସକାଳୁ ଦୁହିଁଙ୍କୁ ଆଣି ମୁଁ ଛାଡ଼ିଦେଇଯିବି । ନା ଏକଥା ହେଇପାରିବନି । ମୋ' ନାତିକି ମୁଁ ଛାଡ଼ିବିନି, କହି ନାତିକୁ ବୁଦ୍ଧିମତୀଙ୍କ କୋଳରୁ ଛଡ଼ାଇନେଲେ । ବୁଦ୍ଧିମତୀ ମା'କୁ ଦେଖିଆସିବା ପାଇଁ ବାପାଙ୍କ ସହିତ ନୂଆପାଟଣା ଗଲେ । ପରଦିନ ମା'ଙ୍କ ଦିହ ଟିକିଏ କମିଯାଇଛି । ବାପା ବୁଦ୍ଧିମତୀଙ୍କୁ ଧରି ପରଦିନ କୈଳାଶବାବୁଙ୍କ ଘରକୁ ନେଇ ଛାଡ଼ିଲେ । ଶାଶୂ, ନଣନ୍ଦ, ଦିଅର ଏକହୋଇ କବାଟ ଖୋଲିଲେ ନାହିଁ ଓ ବୁଦ୍ଧିମତୀଙ୍କୁ ଘରେ ପୁରାଇଲେ ନାହିଁ । ବୁଦ୍ଧିମତୀ ଅଖିଆ ଅପିଆ ବାରି ପାଖ ଗୁହାଳେ ପଡ଼ିରହିଲେ । ବାପା ମଦନବାବୁ ବୁଦ୍ଧିମତୀଙ୍କୁ ନିଜ ସାଥିରେ ନେଇଯିବାକୁ ଚାହିଁଲେ । କିନ୍ତୁ ବୁଦ୍ଧିମତୀ ବାପାଙ୍କୁ ବାଧ କରି ଫେରାଇଦେଇ ସେହି ଗୁହାଳରେ ପଡ଼ିରହିଲେ । ଦୁଇଦିନ ଉପାସ ରହିବା ଜାଣି, ପଡ଼ିଶାଘର ଦାଦି କାଉଖିଆ ବୁଦ୍ଧିମତୀକୁ ଆଣି ନିଜ ଘରୁ ଭାତ ଆଣି ଖୁଆଇଲେ । ଏ କଥା ଜାଣି ବୁଦ୍ଧିମତୀଙ୍କ ଶାଶୂ ଦାଦି କାଉଖିଆଙ୍କୁ ଗାଳିଗୁଲଜ କଲେ । ରବିବାରଦିନ କୈଳାଶବାବୁ ଆସିଲେ ମା',ଭାଇ ଓ ଭଉଣୀ । ଏମିତି ଚୁଗୁଲି ଲଗାଇ ଯେ କୈଳାଶବାବୁ ଏକାଥରକେ ବୁଦ୍ଧିମତୀଙ୍କ ଉପରେ ପୁରା ଖପା । ମା' କହିଲେ, ପୁଅରେ ବୋହୂର ଛୁଆ ପ୍ରତି ଟିକିଏ ହେଲେ ଲୋଭ ନାହିଁ । ଆମେ ମନା କରୁଛୁ । କ୍ଷୀରଖିଆ ଛୁଆଟାକୁ ଛାଡ଼ି ବୋପାଘରକୁ ଚାଲିଗଲା । ମନା କଲାରୁ କହିଲା, ଛୁଆଟା କ'ଣ ଦିନେ ମା' କ୍ଷୀର ନ ଖାଇଲେ ମରିଯାଉଛି । ଆଜି ଦିନଟା ତାକୁ ବୋତଲ କ୍ଷୀର ଦେଇଦବ । ତେଣେ ମୋ ମା'ର ଦିହ ଖରାପ । ମୁଁ କାଲି ଆସିଲେ କ୍ଷୀର ଖୁଆଇବି ନାହିଁ କି ? ତା' ମୁହଁରୁ ମୋ ନାତି ନାଁ'ରେ ଏମିତି ଅମଙ୍ଗଳିଆ କଥାଶୁଣି ମୁଁ ତ କାନ୍ଦି ପକାଇଲି । ଭାବିଲି ଏଇଟା କେଡ଼େ ଡାଆଣୀଟେ ମ, ତା' ଛୁଆ ଉପରେ ତା'ର ନୋଭୋ ନାହିଁ । ମା' କ୍ଷୀର ଦିନଟେ ନ ଖାଇଲେ ମରିଯାଉଛି ବୋଲି କହୁଛି । ମା' ମୁହଁର ଏମିତି ଚୁଗୁଲି କଥା ଶୁଣି କୈଳାଶବାବୁ କହିଲେ, ମୋ' ପିଲା ଉପରେ ଯଦି ତା'ର ଲୋଭ ନାହିଁ ସିଏ ଏ ଘରେ ରହିଲେ ମୋ' ପୁଅର ଅମଙ୍ଗଳ ହବ । ତାକୁ କହିଦିଅ, ମୁଁ କହୁଛି ସେ ଏଠୁ ଚାଲିଯାଉ । ଶାଶୂ ମୁହଁରୁ ସ୍ୱାମୀଙ୍କର ମନ୍ତବ୍ୟ ଶୁଣି ବୁଦ୍ଧିମତୀ ପୂରା ଭାଙ୍ଗିପଡ଼ିଲେ । ସେ ତ ଜାଣିବାରେ କିଛି ହେଲେ ଦୋଷ କରିନାହାନ୍ତି, ଖାଲି ଗୋଟେ ଦିନ ପାଇଁ ମା'କୁ ଦେଖିବାକୁ ଯାଇଥିଲେ । ଏଥିପାଇଁ ଏତେବଡ଼ ସଜା । ହେ ଭଗବାନ୍, ମୁଁ ଏବେ କ'ଣ କରିବି । ପରିଶେଷରେ ନିଜ ସ୍ୱାମୀ ମଧ୍ୟ ତାଙ୍କୁ ଭୁଲ୍ ବୁଝିଲେ । ତାଙ୍କ ମୁହଁକୁ ଚାହିଁଲେ ନାହିଁ । ସବୁ ଖବର ରଖି ବାପା ଆସି ଦଶଦିନ ଭୋକଉପାସରେ ଗୁହାଳ ଘରେ ପଡ଼ି ରହିଥିବା ନିଜ ଝିଅ ବୁଦ୍ଧିମତୀକୁ ବାଧହୋଇ ଘରକୁ ନେଇଗଲେ । ନିଜ ମା', ଭାଇ, ଭଉଣୀଙ୍କ ଚୁଗୁଲି ଶୁଣି ଶୁଣି ସେ ପୁରା ବଦଳିଗଲେ ଓ ନିଜ ସ୍ତ୍ରୀ ସହିତ ସବୁ ସଂପର୍କ ତୁଟାଇଦେଲେ । ସନାତନବାବୁଙ୍କ କୁଟିଳ ମନୋଭାବ ପୂରଣ ହେଲା; ହେଲେ ସମସ୍ତଙ୍କ ଅକ୍ଳାନ୍ତ ଚେଷ୍ଟା ପରେ ବି କୈଳାଶବାବୁ ପ୍ରେମକୁ ବା ଅନ୍ୟ କୌଣସି ଝିଅ ସହିତ ଦ୍ୱିତୀୟ ବିବାହ କରିବାକୁ ରାଜି ହେଲେନି । ଆଜୀବନ ସେ ଆଉ ବିବାହ କଲେନି । ଚାକିରିରୁ ରିଟାୟାଡ୍ ହେଲାପରେ ସେ ଅର୍ଦ୍ଧ ପାଗଳଙ୍କ ପରି ହେଲେ । ଏବେସୁଦ୍ଧା ଦାଣ୍ଡପିଣ୍ଡାରେ ସେ ବସି ବାଉଳେଇ ହେଲାପରି ବୁଦ୍ଧିମତୀ ବାପଘରେ ରହିଥାନ୍ତି । ବାପା ମା' ଗଲେଣି । ଦୁଇଭାଇ ବଡ଼ ଓ ମଝିଆ ଭାଇ ଗଲେଣି । କେବଳ ସାନ ଭାଇ ଅଛନ୍ତି । ସେ ଭୁବନେଶ୍ୱରରେ ରହନ୍ତି । ବୁଦ୍ଧିମତୀ ବେଳେ ବେଳେ ସାନଭାଇ ରମାକାନ୍ତଙ୍କ ଘରେ ରହନ୍ତି ତ, ବେଳେବେଳେ ନୂଆପାଟଣାର ସେହି ପୁରୁଣା ଦଦରା ଘରେ ଏକୁଟିଆ ପଡ଼ିରହିଥାନ୍ତି । ସେ ଆଉ ଦ୍ୱିତୀୟ ବିବାହ କଲେନି । ଶାଶୂ, ଦିଅର, ନଣନ୍ଦଙ୍କ କୁଚକ୍ରାନ୍ତରେ ପଡ଼ି ସ୍ୱାମୀ ସିନା ପଚାରିଲେ ନାହିଁ; ହେଲେ ପୁଅଟେ ତ ଅଛି । ତାଙ୍କର ଦୃଢ଼ ବିଶ୍ୱାସ ଥିଲା, କେହି ନ ଖୋଜିଲେ ନାହିଁ ପଛକେ ତାଙ୍କ ସ୍ନେହର ଅରୁଣ ନିଶ୍ଚୟ ଖୋଜିବ । ନିଶ୍ଚୟ । ଦିନେ ମା' ଡାକ ସେ ଶୁଣିବେ । ଯାହାକୁ ସେ ଦଶମାସ ଗର୍ଭରେ ଧରିଛନ୍ତି, ଅନ୍ତଫାଡ଼ି ଜନ୍ମ ଦେଇଛନ୍ତି, ଆଉ ନିଜ ରକ୍ତକୁ ପାଣି ଫଟେଇ କ୍ଷୀରପାନ କରାଇଛନ୍ତି, ସେହି ପୁଅ । ରକ୍ତ ସମ୍ପର୍କର ପୁଅ, ଯାହାକୁ କି ସେ ଦୀର୍ଘ ପଚାଶବର୍ଷ ହେଲା ଅନାଇ ରହିଛନ୍ତି । ସେ ଆସିବ । ମା' ବୋଲି ଡାକିବ; କିନ୍ତୁ କାହିଁ ? କାହିଁ ତାଙ୍କ ଅରୁ ? ସ୍ୱାର୍ଥପର । ଅରୁ ଜନ୍ମ କଲା ମା'ଙ୍କୁ ଭୁଲିଗଲା । ସ୍ୱାମୀ କୈଳାଶବାବୁ ସିନା କୁଚକ୍ରାନ୍ତର ଶିକାର ହୋଇ ସ୍ୱାମୀ-ସ୍ତ୍ରୀର ପବିତ୍ର ସଂପର୍କର ଡୋରୀକୁ କାଟିଦେଲେ । ସତରେ ଅରୁ ଓରଫ ଅରବିନ୍ଦ କ'ଣ ସେହି କୁଚକ୍ରୀମାନଙ୍କ ଚକ୍ରାନ୍ତରେ ପଡ଼ି ମା' ପୁଅର ସ୍ନେହ ମମତା ଓ

ସମ୍ପର୍କର ଡୋରୀକୁ ଛିଣ୍ଡାଇଦେଲା । ଅରୁ କେବେଠୁ ବାହା ହେଲାଣି, ତା'ର ମଧ୍ୟ ପିଲଝିଲା ହେଲେଣି । ପିଲାଦିନେ ମା'କୁ ଖୋଜିଲା ନାହିଁ । ପାଠ ପଢ଼ିଲା, ଖୋଜିଲା ନାହିଁ । ବାହାଘର ହେଲା, ମା'କୁ ବି ଖୋଜିଲା ନାହିଁ । ବୋଧହୁଏ ସିଏ ଭାବୁଛି, ଦୁନିଆରେ ମା' ବୋଲି କିଛି ନାହିଁ । ଆକାଶରୁ କୁଆପଥର ଗଳିଲା ଭଳି ସିଏ ଆକାଶରୁ ଗଳିପଡ଼ିଲା । ତେଣୁ ସେ ମା' ବୋଲି କାହାକୁ ଭାବୁନି । ଏହା ଦୁନିଆର ମାତୃ ଜାତି ପ୍ରତି ଘୋର ଅପମାନ । ଦୁନିଆରେ ଯେତେ ଜୀବଜନ୍ତୁ, ଏପରିକି ବୃକ୍ଷଲତା ଆଦି ସମସ୍ତଙ୍କର ମା' ଅଛନ୍ତି ।

ଦୁନିଆଁ ବାହାର ଏ ଅରୁ । ମା'କୁ ବୁଝିପାରିଲା ନାହିଁ । ମମତାର ଡୋରି ସେ ଜାଣି ଜାଣି ଛିଣ୍ଡାଇଦେଲା । ନୂଆ ହୋଇ ଯେଉଁ ଝିଅଟି ଅରୁର ସ୍ତ୍ରୀ ହୋଇଆସିଲା, ତା' ହୃଦୟଟା କ'ଣ ? ଅରୁ, ବାପା କୈଳାସବାବୁ, ନଣନ୍ଦ ନୟନା ସୁନ୍ଦରୀ, ଦିଅର ପ୍ରଫୁଲ୍ଲ ବାବୁ ଓ ମା'ଙ୍କ ହୃଦୟ ପାଷାଣଠାରୁ ବି କଠିନ । ଅରୁର ସ୍ତ୍ରୀ ମଧ୍ୟ ଶାଶୂ ବୋଲି ଦିନେହେଲେ ଖୋଜିଲା ନାହିଁ । ନାତିନାତୁଣୀଙ୍କ କଥା ପଚାରେ କିଏ ? ତଥାପି ସେମାନେ ଜେଜେମା' ବୋଲି ଦିନେହେଲେ ଖୋଜିଲେ ନାହିଁ । ଜେଜେମା' ସହିତ ନାତିନାତୁଣୀଙ୍କର ସମ୍ପର୍କ ଅତି ନିବିଡ଼ । କିନ୍ତୁ ବୁଦ୍ଧିମତୀଙ୍କ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ବିପରୀତ । ତାଙ୍କର ରକ୍ତର ସମ୍ପର୍କ କେହିହେଲେ ବୁଦ୍ଧିମତୀକୁ ବୁଝିଲେ ନାହିଁ କି ଖୋଜିଲେ ନାହିଁ । ସତେ କ'ଣ ଛିଣ୍ଡିଗଲା ତାଙ୍କ ରକ୍ତ ଡୋରି, ମମତାର ଡୋରି ଆଉ ସମ୍ପର୍କର ଡୋରି । ବୁଦ୍ଧିମତୀ ଜରାଜୀର୍ଣ୍ଣ ଅବସ୍ଥାରେ ନିଜ ସାନଭାଇ ଉମାକାନ୍ତଙ୍କ ଘରେ ପଡ଼ିରହିଥିଲେ । ୫୦ ବର୍ଷ ଅପେକ୍ଷା କରି କରି ଆଖିରେ ଆଉ ଟୋପାଏ ହେଲେ ଲୁହ ରହୁ ନଥିଲା; ତଥାପି ସେ ତାଙ୍କର ଶେଷ ଆଶା ଛାଡ଼ି ନ ଥିଲେ । ଏଇ ଭୁବନେଶ୍ୱରରେ ଅରୁ ତା' ପିଲାଛୁଆଙ୍କୁ ନେଇ ରହୁଛି । ପାହୁଣ୍ଡେ ମାତ୍ର ବାଟ । ଜୀବନରେ ଶୁଣି ନ ଥିବା ମା' ଡାକ ପଦେହେଲେ ଶୁଣିଥାନ୍ତେ । ଆଖି ପୂରେଇ ପୁଅ, ବୋହୂ, ନାତି ବା ନାତୁଣୀକୁ ଥରେ ଖାଲି ଦେଖିଥା'ନ୍ତେ । ଆତ୍ମା ତାଙ୍କର ଶାନ୍ତି ହୋଇଯାଇଥାନ୍ତା; କିନ୍ତୁ ଛିଣ୍ଡିଗଲା । ଆଜି ଛିଣ୍ଡିଗଲା ସବୁଦିନ ପାଇଁ ସେ ସମ୍ପର୍କର ଡୋରୀ । ଦୀର୍ଘ ୫୧ ବର୍ଷ ହେଲା ଚାହିଁ ରହିଥିବା ବୁଦ୍ଧିମତୀଙ୍କର ଲୁହବିହୀନ ଶୁଖିଲା ଆଖି  ଆଜି ସବୁଦିନ ପାଇଁ ବନ୍ଦ ହୋଇଯାଇଛି । ସବୁ ଜାଣିମଧ୍ୟ ଅରୁ ଅଜଣା । ଆଜି ବୁଦ୍ଧିମତୀଙ୍କର ଦଶାହ । ଆଜି ଅରୁର ମା' କଥା ମନେପଡ଼ିଛି । ସେ ସକୁଟୁମ୍ବେ ଏକ ନିର୍ଜନ ପୁଷ୍କରିଣୀରେ ମା' ବୁଦ୍ଧିମତୀଙ୍କର ତିଳତର୍ପଣ କରୁଛି । ଯିଏ ଆଜୀବନ ମା' କଣ ଜାଣିନି, ମା' ମୁହଁ ଦେଖିନି, ମଲାବେଳେ ବି ଆସିନି, ହଠାତ୍ ଆଜି ଦଶାହ ଦିନରେ ମାତୃଭକ୍ତି ଗୁଜୁରି ଉଠିଛି । ସେ ଆଜି ତିଳତର୍ପଣ କରି ସମସ୍ତ ପାପରୁ ମୁକ୍ତି ପାଇଯିବ । ଧନ୍ୟରେ ମାତୃଭକ୍ତ ପୁଅ, ବୋହୂ, ନାତିନାତୁଣୀ । ଏଭଳି ଆଦର୍ଶ ମାତୃଭକ୍ତି ସଂସାରରେ ବିରଳ ଓ ମା' ପୁଅର ଏ ଭଳିଆ ସମ୍ପର୍କର ମମତାର ଡୋରୀ ଅଦ୍ୱିତୀୟ ।

*ପାଣ୍ଡୁମୁର୍ଗା (ତାଳପାଳ), ଘଟିପିରି, ଢେଙ୍କାନାଳ*

◆❖◆


# POWER HOUSE

**DISTRIBUTOR**

**LUMINOUS, EXIDE, AMCO**

**MADHUPATNA, SAMRAT HALL, CUTTACK**
**RAM MANDIR ROAD, PHULBANI**
**MAIN ROAD, NAYAGARH**
**MOB. : 94371 24943**



# ଦୁଃଖୀ ମାଉସୀ

- ଲକ୍ଷ୍ମୀପ୍ରିୟା ସାହୁ

ଆକାଶରେ ପୁନେଇ ଜହ୍ନ । ରୂପା ଥାଳି ପରି ରୂପେଲି ଜହ୍ନଟି ସତେଯେପରି ଚାରିଆଡ଼େ ବୁଣି ଦେଇଛି ରୂପାର ରେଣୁ । ଗାଁ'ର ପିଲାମାନେ ଗାଁ' ଦାଣ୍ଡରେ କବାଡ଼ି ଖେଳରେ ମାତିଛନ୍ତି । ଭଗବତ ଟୁଙ୍ଗୀରେ ଭଗବତ ବୋଲା ଚାଲିଛି । ସଂକୀର୍ତ୍ତନଆ ଦଳ ଖୋଲା ଆକାଶ ତଳେ ବସି ନଦୀଆ କୀର୍ତ୍ତନରେ ମଜ୍ଜିଯାଇଛନ୍ତି । ମଝିରେ ମଝିରେ ମୁଖମଣ୍ଡଳରୁ ନିର୍ଗତ ଧୂମକୁଣ୍ଡଳୀ ସବୁ ନିର୍ଗତ ହୋଇ ରୂପେଲି କିରଣରେ କାରୁକାର୍ଯ୍ୟ ଭଳି ଦେଖାଯାଉଛି । ମନ୍ଦିରରୁ ଘଣ୍ଟ ଘଣ୍ଟାର ଧ୍ୱନି ଭାସିଆସୁଛି । 'ଆଲ୍ଲା ହୋ ଆକବର' ଧ୍ୱନି ମଧ୍ୟ ମସ୍‌ଜିଦ୍‌ରୁ ଶୁଭୁଛୁ । ପଧାନଘର ସାନବୋହୂ ତାଙ୍କର ଦୁଇବର୍ଷର ପୁଅ ବାବୁଲାକୁ ଜହ୍ନ ଆଡ଼କୁ ଆଙ୍ଗୁଠିରେ ଠାରି ଜହ୍ନ ଦେଖାଉଛନ୍ତି । ବେଳେବେଳେ ହାତରେ ଡାକି କହୁଛନ୍ତି, 'ଆ' ଜହ୍ନମାମୁଁ ସରଗ ଶଶୀ, ମୋ ବାବୁଲା ହାତରେ ପଡ଼ରେ ଖସି ।' ବାବୁଲା ଉହୁଁକି ଉଠି ଜହ୍ନମାମୁଁକୁ ହାତରେ ଡାକି ଆ ଆ ବୋଲ କହୁଛି । ଆଉ ହସୁଛି । କୁନା ବାବୁଲାର ଭାଇ । ତା'ର ବୟସ ସାତବର୍ଷ । ସେ ଆସି ମା'ଙ୍କୁ କହିଲା, ମା' ଜହ୍ନମାମୁଁ ଆଜି ଭାରି ସୁନ୍ଦର ଦେଖାଯାଉଛନ୍ତି । ମୋ ହାତକୁ ଆସନ୍ତେ ଓହ୍ଲାଇ ଭାରି ମଜା ହୁଅନ୍ତା । ମା' ମା' ମୁଁ ଗୋଟେ କଥା ବୁଝିପାରୁନି । ଶଙ୍କର ମାମୁଙ୍କ ତ ମାମୁ ଡାକୁଛି । ତୁ ତ ଭାଇ ବୋଲି ଡାକୁଛୁ । ସେଇମିତି ଜହ୍ନମାମୁଁକୁ ମୁଁ ତ ମାମୁ ବୋଲି କହୁଛି, ତୋର ପୁଣି ସେ କେମିତି ମାମୁଁ ହେବେ ? ମା' କହିଲେ, ଆମେ ସମସ୍ତେ ମା' ଲକ୍ଷ୍ମୀଙ୍କୁ ମା' ବୋଲି ପୂଜା କରୁଛେ । ଚନ୍ଦ୍ର ବା ଜହ୍ନ ହେଉଛନ୍ତି ଲକ୍ଷ୍ମୀଙ୍କର ଭାଇ । ତେଣୁ ଆମ ସମସ୍ତଙ୍କର ଜହ୍ନ ହେଉଛନ୍ତି ମାମୁଁ । ଠିକ୍ ସେହି ସମୟରେ ପଧୋଉଣୀ ଆସି କହିଲେ, ବୋହୂ ବୋହୂ ତୁ ଟିକିଏ ଘର ଭିତରେ ଥା, ମୁଁ ସାମଲ ଘରକୁ ଯାଉଛି । ସାମଲ ଘର ବଡ଼ବୋହୂ କଷ୍ଟ ପାଉଛି । ତା'ର ବୋଧେ କିଛି ହବ । ପଧଉଣି ପହଞ୍ଚି ଦେଖିଲେ ବୋହୂଟା କଷ୍ଟ ପାଉଛି । ଡାକ୍ତରଖାନାଟା ବହୁତ ଦୂର । ଗାଡ଼ିମଟର ନାହିଁ, ରାସ୍ତା ବି ଭଲ ନୁହଁ, ଖାଲି ସମସ୍ତେ ବ୍ୟସ୍ତ । କିଏ ଡାକ୍ତରଖାନା କଥା କହୁଛି, ଧର ଡାକ୍ତରଖାନା ନେଇଯିବା । କିଏ କହୁଛି କୋଉଠି ଗାଡ଼ି ଥିବ, ପଚାରି ଶୀଘ୍ର ଆଣ ଶଗଡ଼ ଯୋଚି ଧରା । ପୁଣି ଆଉ କିଏ କହୁଛି, ରାସ୍ତା ଭଲ ନୁହେଁ, ଶଗଡ଼ରେ ଗଲେ ଅସୁବିଧା । ସାମଲ ବୁଢ଼ୀକି ପଧୋଉନି ପଚାରିଲେ, ନାନୀ, ସମସ୍ତେ ଖାଲି ହଉଚ । କହିଲ ଦେଖି, ଦୁଃଖୀ ମାଉସୀଙ୍କି ଡାକି ନକି ? ସାମଲ ବୁଢ଼ୀ କହିଲେ, ମୋର ତ ଦୁଃଖୀ ମାଉସୀ କଥା ଖିଆଲ ନାହିଁ । ଆଲୋ ଦୁଲୀ ତୁ ଯାଆଲୋ ବେଗ ଦୁଃଖୀ ମାଉସୀଙ୍କୁ ଡାକି ଆଣିବୁ । ଦୁଃଖୀ ମାଉସୀ ଆସି କହିଲା, ହଇଲେ ସାମନ୍ତ ଝିଅ ! ବୋହୂଟା କେତେ କଷ୍ଟ ପାଇଲାଣି, ମତେ ଆଗରୁ ଟିକିଏ ହେଲେ ଖବର ଦେଇ ନ ଥାନ୍ତା ? ହଉ ହଉ ଦିଅ । କେତେବେଳୁ ପୁଅ କୁଆଁ କୁଆଁ ରାବୁଥାନ୍ତା । ଆଗ ଗୋଟେ କାଞ୍ଚରେ ଜଡ଼ା ତେଲ ଟିକିଏ ଦିଅ । ତା' ପ୍ଲୀହା ମାରୁଥିବ । ଧରିବାକୁ ପଡ଼ିବ । ଏ କନକ ମୋ ସାଥିରେ ଆସୁନୁ, ମୁଁ କେମିତି ପ୍ଲୀହା ଧରୁଛି ଦେଖିବୁ ଶିଖିବୁ । ଏମିତି ଶିଖିଥିଲେ ଭଲ ନା । ଦୋ ଦୋ ପାଞ୍ଚ ହୋଇ କାଞ୍ଚନ ବି ଗଲା । ଦୁଃଖୀ ମାଉସୀ ଭିତରେ ପଶି ଅଣ୍ଟା ପାଖରେ ଟିକିଏ ଜଡ଼ାତେଲ ଲଗାଇ ଦୁଇଟା ଖୋପରେ ଦି' ହାତର ବୁଢ଼ା ଆଙ୍ଗୁଳିରେ ଚାପି ଧରିଲା । ପ୍ରସୂତିର କଷ୍ଟ ଟିକିଏ ଲାଘବ ହେଲା । ତା' ପରେ ଧୀରେ ଧୀରେ ଏମିତି ଅଙ୍ଗୁଳି ଦ୍ୱାରା କଲା ଯେ, ଘନ ଘନ ପେନ୍ ଆସିଲା । ତା'ପରେ ଦୁଃଖୀ ମାଉସୀ ବାହାରକୁ ଆସି କମଳାକୁ ଟର୍ଚ୍ଚ ଧରି ଆସିବାକୁ କହିଲା । ସାମଲ ବୁଢ଼ୀ ପାଖକୁ ଯାଇ ଧୀରେ ଧୀରେ କ'ଣ ପଚାରିଲା । ବାରି ପାଖକୁ ହାତ ଠାରି ଅଛି ବୋଲି କହିଲେ । ଦୁଃଖୀ ମାଉସୀ କମଳାକୁ ନେଇ ଛୋଟ ତେନ୍ତୁଳି ଗଛଟେ ଓପାଡ଼ି ତା' ଚେରକୁ ଧରି ଭିତରେ ପଶିଲା । ଚେରଟି ମୁଣ୍ଡ ବାଳରେ ବାନ୍ଧି ନାକରେ ଶୁଙ୍ଘାଇଲା । ନାକରେ ସେ ଚେରର ଗନ୍ଧ ଯେମିତି ବାଜିଲା ସାଙ୍ଗେ ସାଙ୍ଗେ ଶୂଳ ଆସିଲା । ପାଞ୍ଚମିନିଟ୍ ଯାଇନାହିଁ ଛୁଆ ପ୍ରସବ ହୋଇଗଲା । କୁଆଁ କୁଆଁ ରାବ ଶୁଭିଲା । ସମସ୍ତେ ଖୁସିରେ କହି ଉଠିଲେ ଆମ ଦୁଃଖୀ ମାଉସୀ ଆଗରେ ଡାକ୍ତର, ନର୍ସ କିଛି ନୁହନ୍ତି । ଆମ ଗାଁ'ରେ

ଆମ ଦୁଃଖୀ ମାଉସୀ ଅଛି ତ, ଆଉ କାହାର ପିଲା ଜନ୍ମ କରିବାକୁ ଅସୁବିଧା ହବନି । ସାମଲ ଝିଅ ଗୋଟେ ଗିନାରେ ଗରମ ପାଣି ଟିକିଏ ଆଣିବ । ଗରମ ପାଣି ଆସିଲା । ବ୍ୟାଗ୍ ଭିତରୁ ମାଉସୀ କଇଁଚି ସୂତା ବାହାର କରି ଗରମ ପାଣିରେ ପକାଇଲେ । ସାମଲ ବୁଢ଼ୀ କହିଲେ ଦୁଃଖୀ, ତମ ଶାମୁକା କାଇଁ ଆମ ବଡ଼ ନାତିର ନାହିଁ ତ । ଶାମୁକାରେ କାଟିଥିଲା । ନାଇଁ ସାମଲ ଝିଅ । ଏବେ ସେମିତି ନୁହେଁ ଏମିତି ନାହିଁ କଟାଯାଉଛି । ଦୁଇ ପାଖେ ସୂତା ବାନ୍ଧି ମଝିରୁ କଇଁଚିରେ କାଟି ଦେଇ ବେଲପଣାରେ ଗାଧୋଦବା ଓ ପରେ ନାହିର କଟା ଜାଗାରେ ବେଞ୍ଜିନ୍ ଲଗାଇ ତୁଳା ବାନ୍ଧିଦେବ, ସତେଯେମିତି ଜଣେ ଏକ୍ସପ୍ରିଏନ୍ସ ନର୍ସ କିମ୍ବା ଡାକ୍ତରାଣୀ । ତା'ପରେ ଭଲ କପଡ଼ାରେ ପୋଛାପୋଛି କରି ମା'ର ସ୍ତନକୁ ଭଲଭାବରେ ପୋଛି, ମା'ର ପ୍ରଥମ କ୍ଷୀର ଛୁଆଁଇ ଖୁଆଇଲା । ତା'ପରେ ଫୁଲ ଓ ସେ ଚେରକୁ ନେଇ ବାରିପାଖେ ଗଭୀର ଗାତ କରି ପୋତିଦବ । ସାମଲ ବୁଢ଼ୀ କହିଲେ, ଦୁଃଖୀ ତୁ ଏସବୁ କେଉଁଠୁ କେମିତି ଶିଖିଲୁ । ଡାକ୍ତର ବି ମତେ ପରା ଟ୍ରେନିଂ ଦେଇଛନ୍ତି । କିନ୍ତୁ ଚେର ଶୁଙ୍ଘିବା କଥାଟା ଲକ୍ଷ୍ମଣ ମିଶ୍ରଙ୍କ ଅନୁଭୂତ ଯୋଗମାଳା ବହିରେ ପରା ଲେଖାଅଛି । ହଉ ଦେଖ, ସାମଲ ଝିଅ ମୁଁ ଯାଉଛି । ମନେରଖ, ଛ' ମାସ ଯାଏଁ ଛୁଆ କେବଳ ମା' କ୍ଷୀର ଖାଇବ । ଆଉ କିଛି ଖାଇବାକୁ ଦବନି । ମନେରହିଲା ତ ! କହି ମାଉସୀ ଚାଲିଯିବାକୁ ବାହାରିଲା । ସାମଲ ବୁଢ଼ୀ କହିଲେ, ଦୁଃଖୀ ଯିବୁ ତ, ଶୁଣୁ ଯା ଗାଧୁଆ ଘରେ ସାବୁନ୍ ଲଗାଇ ଭଲକିଣି ଗାଧୋଇ ପାଧୋଇ ଭଲ ଲୁଗାପିନ୍ଧି ଖାଇପିଇ ଯିବୁ । ମୋ ନାତିକି ତ ତେଲ ସାବୁନ ଲଗେଇ ଭଲ କରି ବଡ଼ା ଛଡ଼େଇ ସଫାସୁତୁରା କରିଦେଲୁ । ଆଉ ତୁ ମୋ ଘରୁ ଏମିତି ଅସନା ହୋଇଯିବୁ, ମତେ ଭଲ ଲାଗିବ ନାହିଁ । ଯା' ସର୍ପ କିଣି ଗାଧୁଆପାଧୁଆ କରି ଦେ ।

ପଧୋଉଣି ଆସି ଦୁଃଖୀ ମାଉସୀକି କହିଲେ, ଏ ଦୁଃଖୀ ମାଉସୀ, ଟିକିଏ ଶୁଣ, କାଲି ଆମ ଘରକୁ ଟିକିଏ ଆସିବୁ । ସବୁକଥା ଜାଣିଲା ଭଳି ଦୁଃଖୀ ମାଉସୀ କହିଲେ, ହଁ ଆସିବି । କ'ଣ ପିଠାପଣା କରି ଝିଅ ଘରକୁ ନବ କି ? ହଁ, ହସି ହସି ମାଉସୀ କହିଲେ, ଆମ କନକ ପାଇଁ ତ ସାଧ ଯିବ । ଏଇଆ ତ ? ଆରେ ତୁ କେମିତି ଏତେ କଥା ଜାଣିଲୁ ଯେ ? ପଧୋଉଣି କଥା ଶୁଣି ଦୁଃଖୀ ମାଉସୀ କହିଲେ, ତମ କଥା ମୁହଁରୁ । ହଉ ମୁଁ ଯାଉଛି, ତୁ କାଲି ଦଶଟାବେଳେ ଆମ ଘରେ ପହଞ୍ଚିବୁ । ସାମଲ ବୁଢ଼ୀ କହିଲେ, ପଧାନ ଘର ବୋହୂ । ଆମ ଗାଁ ଅନୁଗୁଡ଼ିଆକୁ କହୁନ ଦି' ଘଣ୍ଟା ରାତିରେ ସବୁ ପିଠାପଣା କରି ଥୋଇଦବ । ମାଉସୀ ପିଠାପଣା ବିଷୟରେ କ'ଣ ଜାଣିଛି । ସବୁ ଜାଣିଛି ସେ ଝିଅ ଖଣ୍ଡକ । ସେଦିନ ଆମ ନବ ଧାନ ରୋଉଥିଲା । ମାଉସୀ ତା' ରୁଆକୁ ବାହୁନି କହିଲା ପଧାନ ପୁଅ– ଏମିତି କ'ଣ ଧାନ ରୋଉଛ ଧାଡ଼ିକି ଧାଡ଼ି । ଆଠ ଇଞ୍ଚରେ ଧାନ ରୁଆ ହବ । ଦେଖ ମୁଁ ରୋଉଛି କହି ସ୍ୱଇଚ୍ଛାରେ ବିଲ ହିଡ଼ରେ ବସି ଏତେ ସ୍ପିଡ୍‌ରେ ଧାନ ରୋଇଲା ଯେ, ମାତ୍ର ଘଣ୍ଟାକ ଭିତରେ ରୁଆ ସରିଗଲା । ମତେ ଓଳିଟାଯାକ ଲାଗିଥାନ୍ତା । ପୁଣି ଧାଡ଼ି ଏତେ ସିଧା ଯେ ରସି ଟାଣି ରୋଇଲେ ବି ଏତେ ସିଧା ହବନି । ସେଦିନ ମାଉସୀଙ୍କି ମୁଁ ଆମ ଘରକୁ ଡାକିଲି । ଆମ ବାଡ଼ିରେ କଅଁଳ ଛନଛନ ସାରୁ ପତ୍ର ଦେଖି ମାଉସୀର ଲୋଭ ହେଇଗଲା । କହିଲା, ପୁଅ ସାରୁ ପତ୍ର ଦି'ଟା ଧରୁନ ଝୋଳ କରିବ । ସାରୁପତ୍ର ଖାଇଲେ ଦେହରେ ରୋଗ ପ୍ରତିରୋଧଶକ୍ତି ବଢ଼େ । ସେଦିନ ସେ ଆମ ଘରେ ସାରୁପତ୍ର ଝୋଳ କଲା । ସାରୁପତ୍ର ସବୁ ଚୁନେଇ ଚୁନେଇ କାଟିଦେଲା । ଟିକିଏ ଲେମ୍ବୁ ଚୁପୁଡ଼ି ବେସନରେ ଗୋଳି, ଗୋଲ୍‌ଗୋଲ୍ କରି ତେଲରେ ଛାଣିଦେଲା । ତା'ପରେ ତ ଅଣ୍ଡାର ଝୋଳ ପରି ଝୋଳ କରିଦେଲା । ଇସ୍ କି ଟେଷ୍ଟ୍ । ସାରୁପତ୍ର କଥାଶୁଣି ଭାବିଥିଲି ବେଲିରେ କହୁଛି; କିନ୍ତୁ ପ୍ରକୃତରେ ମାଉସୀଙ୍କୁ ମାନିବାକୁ ପଡ଼ିବ । ମାଉସୀ ହେଉଛନ୍ତି ଅଲ୍‌ରାଉଣ୍ଡର । ଏମିତି କିଛି କଥା ନାହିଁ, ଯେଉଁଟାକି ଦୁଃଖୀ ମାଉସୀଙ୍କୁ ଅଜଣା ସିଲେଇରେ ସେ ଏକ୍ସପର୍ଟ ସ୍ୱିଟର ବୁଣିବା ମଧ୍ୟ ଜାଣନ୍ତି । ଏମିତି ଗାଈ ଦୁହଁନ୍ତି । ନାତୁଆ ଗାଈ ମଧ୍ୟ ଧୀରସ୍ଥିରରେ ଠିଆ ହୁଏ । ମାଉସୀଙ୍କୁ ମଧ୍ୟ ଆୟୁର୍ବେଦିକ ଚିକିତ୍ସା, ସୂର୍ଯ୍ୟକିରଣ ଚିକିତ୍ସା, ଏପରିକି ଫିଜୋଥେରାପି ଚିକିତ୍ସା ମଧ୍ୟ ଜଣା । ଗାଁ'ରେ କାହାର କିଛି ହେଲେ ମାଉସୀଙ୍କ ଚିକିତ୍ସାରେ ସେ ଭଲ ହୁଏ । ମଳକଣ୍ଟକ ବା ପାଇଲ୍‌ସ ପାଇଁ ତ ସେ ନିଜେ ଔଷଧ ଦିଅନ୍ତି । ତାଙ୍କ ଔଷଧରେ ପ୍ରାୟ ସମସ୍ତ ପାଇଲ୍‌ସ ରୋଗୀ ଭଲ ହେଉଛନ୍ତି । ସେଥିପାଇଁ ସେ କାହାଠାରୁ କିଛି ନିଅନ୍ତି ନାହିଁ । ସେଦିନ ରାମ ସାହୁ ଚାଲିପାରୁ ନ ଥିଲା । ଡାଇବେଟିସ୍ ଫାଷ୍ଟିଂରେ ଦୁଇ ଶହ ପାଞ୍ଚ । ମାଉସୀ ତାକୁ ଦେଖି କହିଲେ, ପୁଅ ରାମ କ'ଣ

ଚାଲିପାରୁନ୍ତୁ, ଡାଇବେଟିସ୍ ଅଛି କି ? ହଁ ଦୁଃଖୀ ମାଉସୀ, କ'ଣ କରିବି ? ଦେଖେ ପୁଅ ତୁ ଗୋଟେ କାମ କର । ପିଆଶାଳ କାଠ ଖଣ୍ଡେ ଯୋଗାଡ଼ କରି ତାକୁ ଆଙ୍ଗୁଠି ଭଳିଆ ଛୋଟ ଛୋଟ ଖଣ୍ଡ କରିଦେ । କାଚ ଗ୍ଲାସ୍‌ରେ ଗଣ୍ଡ ଗ୍ଲାସେ ପାଣି ପୁରେଇ ଖଣ୍ଡିଏ କାଠ ପକେଇ ସିକାରୁ ଛାଣି ପିଇବୁ। ଖଣ୍ଡିଏ କାଠ ତିନିଖଣ୍ଡ ଯିବ । ତା'ପରେ ସେ କାଠ ଫିଙ୍ଗି ଆଉ ଖଣ୍ଡେ ପକାଇ ସବୁଦିନ ପିଇ ଚାଲିବୁ । ଏହାସହିତ ସବୁଦିନ ଚାରିପାଞ୍ଚ କୋଲା ରସୁଣ ଖାଇବୁ । ଦେଖିବୁ ଡାଇବେଟିସ୍ ଆଉ ଆଣ୍ଠୁଗଣ୍ଠି ଦରଜ, ଗୋଡ଼କାଲୁ ଆଦି ସବୁ ଭଲ ହୋଇଯିବ । ମିଠା ବେଶି ଖାଇବୁ ନାହିଁ । ଗୌର ନବଠାରୁ ଏକଥା ଶୁଣି, ଆରେ ଏ ଦୁଃଖୀ ମାଉସୀ ତ ତମ ଗାଁ'ର ବଡ଼ କବିରାଜ । ନବ କହିଲା, ଶୁଣ ଗୌର ଭାଇ । ମାଉସୀ କହନ୍ତି, ଯଦି କୌଣସି ରୋଗ ଡାକ୍ତର ଭଲ କରିପାରିବେନି, ସେ ସୂର୍ଯ୍ୟକିରଣ ଚିକିତ୍ସା ଦ୍ୱାରା ଭଲ କରିଦେବ । ଧନ୍ୟରେ ଦୁଃଖୀ ମାଉସୀ, ଧନ୍ୟ ତମ ହାତ । ଦୀର୍ଘନିଶ୍ୱାସ ମାରି କହିଲେ, ବୁଝିଲ ନବଭାଇ, ଦୁଃଖୀ ମାଉସୀ ହେଉଛନ୍ତି ତମ ଗାଁ'ର ଲକ୍ଷ୍ମୀ । ତାଙ୍କୁ କେବେ ଅବହେଳା କରିବ ନାହିଁ । ତାଙ୍କର ସବୁ ଭଲ ମନ୍ଦ ଖବର ନଉଥିବ । ସବୁ ଗାଁରେ ଏଭଳି ମାଉସୀଟିଏ ଥିଲେ ଗାଁ ସୁନା ହୋଇଯାଆନ୍ତା । ଗାଁ'ରେ ବାଦବିବାଦ କଳିତକରାଳ କିଛି ହୁଅନ୍ତା ନାହିଁ । ଗାଁ ସବୁ ସୁନା ପାଲଟିଯାଆନ୍ତା ।

ଏବେ ମନରେ ପ୍ରଶ୍ନ, ଏ ଦୁଃଖୀ ମାଉସୀ କିଏ ? କେଉଁଠି ତାଙ୍କର ଘର । ଏ ଗାଁ'କୁ ଆସିଲା କେମିତି । ଆଉ ଜହ୍ନମାମୁଁ ଆବାଳବୃଦ୍ଧବନିତା ସମସ୍ତଙ୍କର ମାମୁଁ ହେଲାଭଳି ଏ ମାଉସୀ ସମସ୍ତଙ୍କର (ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ) ଦୁଃଖୀ ମାଉସୀ ହେଲା କେମିତି ? ଯଦି ଏସବୁ କଥା ଦୁଃଖୀ ମାଉସୀଙ୍କୁ କିଏ କେବେ ପଚାରେ, ସେ ମୃଦୁ ହସି ଉତ୍ତର ଦିଅନ୍ତି, ଆରେ ପୁଅ ! ଯେଉଁ କଥାର ଉତ୍ତର ମୁଁ ନିଜେ ଜାଣିନି, ସେ ପ୍ରଶ୍ନର ଉତ୍ତର ମୁଁ ଦେବି କେମିତି ? ଖାଲି ଏତିକି ଜାଣିଛି, ଏ ଗାଁ ମୋ ନିଜର । ଆଉ ମୁଁ ହଉଛି ଦୁଃଖୀ ମାଉସୀ । ଏହାହିଁ ମୋର ପରିଚୟ । ତେବେ ମାଉସୀର ପ୍ରକୃତ ପରିଚୟ କ'ଣ ? ଗାଁ'ର ରକ୍ଷଣଶୀଳ ପରିବାରର କେତେକ ଲୋକ ତ ପ୍ରଥମେ ପ୍ରଥମେ ତାକୁ ତ ଛୁଉଁ ନ ଥିଲେ କି ଘରେ ପୁରେଉ ନ ଥିଲେ । କେହି କେହି ବି ପାଟି ଖୋଲୁ କହୁଥିଲେ, ଏଇଟା କୋଉ ଜାତିର କି କୋଉ କୁଳର ହେଇଥିବ । ଏଇଟାକୁ ଘରେ କିଏ ପୁରେଇବ ଲୋ ମା' । ଆମ ବଡ଼ବଡୁଆ ମାରା ହେଇଯିବ; କିନ୍ତୁ ଏବେ ମାଉସୀ ସମସ୍ତଙ୍କ ଘରକୁ ଯାଉଛି । ସମସ୍ତଙ୍କ ସାଥିରେ ମିଶୁଛି । ସେ ଛୁଆଁ-ଅଛୁଆଁର ବାରଣ ଆଉ କାହାରି ମନରେ ନାହିଁ । ଯେଉଁଦିନ ବ୍ରାହ୍ମଣୀ ନଈ ପଠା ବାଉଁଶବୁଦା ମୂଳୁ ମାଉସୀଙ୍କୁ ଦାମ ପଧାନେ ଠାବ କଲେ, ସେଇଟା ଗୋଟେ ମୃଦାର ବୋଲି ସେ ଭାବିଥିଲେ । ଗାଁ ଲୋକଙ୍କ ସହାୟତାରେ ବହୁ କଷ୍ଟରେ ତାକୁ ବାଉଁଶବୁଦା ମୂଳୁ ବାହାର କରି ବାଲି ପଠାକୁ ଆଣିଲେ । ଦେଖିଲେ ବିଚାରୀ ମରିନାହିଁ, ସୁକୁସୁକୁ ହଉଛି । ମାଉସୀକୁ ସାଙ୍ଗେ ସାଙ୍ଗେ ଗାଁ'ର ବିଶିଷ୍ଟ ବୈଦ୍ୟ ନଟବରବାବୁଙ୍କ ପାଖକୁ ନେଇଗଲେ । ନଟବରବାବୁଙ୍କ ଚିକିତ୍ସା ଫଳରେ ମାଉସୀ ଧୀରେ ଧୀରେ ଭଲ ହୋଇଆସିଲେ । ସୋରିଷ ତେଲରେ ଅଫିମ ମିଶାଇ ତାଙ୍କ ଦେହରେ ଘସିବାରୁ ତାଙ୍କର ଚେତା ଫେରିଆସିଲା । ସେ ଖାଲି ଆଖି ଖୋଲି ସମସ୍ତଙ୍କୁ ବଲ୍‌ବଲ୍‌କି ଅନାଇଥାନ୍ତି । ହଠାତ୍ ଦାମ ପଧାନେ କହିଲେ, ମାଉସୀ ଟିକିଏ ଭଲ ଲାଗୁଛି ତ ! ମାଉସୀ ଉତ୍ତର ଦେଇଥିଲେ ହଁ ପୁଅ ! ମୁଁ ଭଲ ହେଇଗଲିଣି । ଆଉ ମୋର କିଛି ହବନି । ଦାମ ପଧାନେ ପଚାରିଲେ ତମ ନାଁ କ'ଣ ? ତମ ଘର କୋଉଁଠି ? ମୁଁ ବଡ଼ ଦୁଃଖୀ ପୁଅ । ମୋର ଘର କାଇଁ ମୁଣ୍ଡ ହଲେଇ କହିଲେ ମାଉସୀ । ଦାମ ପଧାନେ ପଚାରିଲେ, ତମ ନାଁ କ'ଣ ଦୁଃଖୀ । ହଁ, ପୁଅ ଖାଲି ଦୁଃଖୀ ଡାକିଲେ ଚଳିବ । ଆଉ କାଇଁ କିଛି ତ ମୋର ମନେପଡୁନାଇଁ । ସେଇଦିନଠୁ ତାଙ୍କ ନାଁ ହେଲା ଦୁଃଖୀ ମାଉସୀ । ବୋଧହୁଏ ତାଙ୍କର ପୂର୍ବ କଥା ସବୁ ବିସ୍ମରଣ ହୋଇଯାଇଛି । ସେଇଦିନଠୁ ସେ ଦୁଃଖୀ ମାଉସୀ ନାଁ'ରେ ଘରେ ଘରେ ପରିଚିତ । ହେଲେ ମାଉସୀ ଭାରି ଭଲ । ଗାଁ'ବାଲାଙ୍କର ସବୁ ଦୁଃଖରେ ସେ ଦୁଃଖୀ । ଆଉ ସବୁ ସୁଖରେ ସେ ସୁଖୀ । ଆଜି ଗାଁ ବାଲା ମାଉସୀଙ୍କୁ ପାଇ ଭାରି ଖୁସି । ସବୁ ଭଲ ଗୁଣଗୁଡ଼ିକ ମାଉସୀଙ୍କ ଠାରେ ପୂରି ରହିଛି । ନିଜ ଗାଁ ନ ହେଲେ ବି ମାଉସୀ ଗାଁ'ଟିକୁ ନିଜ ଜୀବନଠୁ ବଳି ଭଲପାଆନ୍ତି । ସେ ସବୁବେଳେ ଖୁସି । ମାଉସୀଙ୍କୁ କେବେ କେହି ରାଗିବାର କି ମନଦୁଃଖ କରିବାର ଦେଖିନାହାନ୍ତି । ସେ ଏତେ ହେଲପ୍‌ଫୁଲ୍ ଯେ ଯାହା କରନ୍ତି ବା ଯାହାପାଇଁ କିଛି କରନ୍ତି, ପୁରା ମନପ୍ରାଣ ଦେଇ କରିଥାନ୍ତି । ଏବେ ମନରେ ଗୋଟେ ପ୍ରଶ୍ନ– ମାଉସୀ ରହୁଛନ୍ତି କେଉଁଠି, ଆଉ ଖାଉଛନ୍ତି

କ'ଣ ? ଆମ ଗାଁ'ରେ ଦୁଃଖୀ ମାଉସୀଙ୍କ ଆଦର ଏତେ ବଢ଼ିଯାଇଛି ଯେ, ରହିବା ଖାଇବାରେ କିଛି ଅସୁବିଧା ହଉନି । ସମସ୍ତଙ୍କ ଘରେ ସେ କୁଣିଆ । ଯା' ଘରେ ଖାଇଲେ ରହିଲେ । ସେ କୁଣିଆ ଭଳି ଚର୍ଚ୍ଚା ପାଇଲେ । ଦେଖିବାକୁ ଗଲେ, ମାଉସୀ ହେଉଛନ୍ତି ସର୍ବଗୁଣସମ୍ପନ୍ନା ନାରୀ । କୋଉ କଥା କେହି କହିଲେ, ସେ କେବେ ନା କରିନାହାନ୍ତି । ଯିଏ ତାଙ୍କୁ ଯେକୌଣସି ପ୍ରଶ୍ନ ପଚାରିଲେ, ସବୁ ପ୍ରଶ୍ନର ଉତ୍ତର ସେ ଅକ୍ଳେଶରେ ଦେଇଦେଇ ଖୁସି ହୁଅନ୍ତି । ବର୍ତ୍ତମାନ ଦୁଃଖୀ ମାଉସୀ ଆଗ ଗାଁ'ର ଝିଅ ବୋହୂମାନଙ୍କର ଗୁରୁ । ଗାଁ କୋଠଘରକୁ ଲାଗି ଗାଁ'ବାଲା ମାଉସୀଙ୍କ ପାଇଁ ବଖରେ ଘର କରିଦେଇଛନ୍ତି ଓ ଗୋଟେ ବଖରା କୋଠାଘର ଛାଡ଼ି ଦେଇଛନ୍ତି । ମାଉସୀ ସେ ଘରେ ରହୁଛନ୍ତି ଓ କୋଠଘରେ ଗାଁ ଝିଅମାନଙ୍କୁ ବିଭିନ୍ନ ପ୍ରକାରର ଶିକ୍ଷା ଦେଉଛନ୍ତି । ଝିଅମାନେ ରୋଷେଇ, ସିଲେଇ, ଚାଷବାସ, ସଫାସୁତୁରା, ପାଠ, ଗୀତ, ନାଚ ଏପରିକି ଚରିତ୍ର ଗଠନ ମଧ୍ୟ ଶିଖୁଛନ୍ତି । ଚେରମୂଳି ଚିକିତ୍ସା, ଜଳ ଚିକିତ୍ସା, ସୂର୍ଯ୍ୟକିରଣ ଚିକିତ୍ସା ଏପରିକି ଅକୋପ୍ରେସର ଚିକିତ୍ସା ସହିତ ରାଶି ନକ୍ଷତ୍ର ଗଣନା, ଜାତକ ଗଣନା, ବିବାହ ଗଣନା ବିଦ୍ୟା ମଧ୍ୟ ଗାଁ'ଝିଅମାନେ ସେଠି ଯାଇ ଶିଖୁଛନ୍ତି । ତା'ମାନେ ସେଇ କୋଠାଘରଟି ଗୋଟେ ଟ୍ରେନିଂ ସେଣ୍ଟର ପାଲଟିଛି । ଦୁଃଖୀ ମାଉସୀ ହେଉଛନ୍ତି ତା'ର ଏକମାତ୍ର ଇନ୍ସ୍ଟ୍ରକ୍ଟର । ମାଉସୀଙ୍କ ପ୍ରତିଭା ଆଗରେ ଜ୍ଞାନୀ, ପଣ୍ଡିତ, ଗୁଣ୍ଡା, ବଦମାସ୍ ଆଦି ସମସ୍ତେ ହାର ମାନନ୍ତି । ତାଙ୍କର ଡର ଭୟ କିଛି ନାହିଁ । ଦୁଃଖୀ ମାଉସୀ ବର୍ତ୍ତମାନ ଆମ ଗାଁ'ର ସ୍ଥାୟୀ ବାସିନ୍ଦା । ଭୋଟର ଲିଷ୍ଟରେ ତାଙ୍କ ଘର ନମ୍ବର, କ୍ରମିକ ନମ୍ବର ବାହାରିଛି । ଏପରିକି ଭୋଟର ଲିଷ୍ଟରେ ତାଙ୍କ ନାଁ ବାହାରିଛି ଦୁଃଖୀ ମାଉସୀ ।

*- ହରିଡ଼ାପସି, ଭାପୁର, ଢେଙ୍କାନାଳ*

◆❖◆

VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ଜୀରୋରୁ ହୀରୋ

- ରତ୍ନମଞ୍ଜରୀ ସାହୁ

ଢେଙ୍କାନାଳ ସହରଠାରୁ ଅଳ୍ପ ଦୂରରେ ଗୋବିନ୍ଦପୁର ଗାଁ । ଛୋଟ ନ ହେଲେ ବି ଗାଁ'ଟି ସେତେ ବଡ଼ ନୁହେଁ । ଗାଁ'ଟିରେ ବ୍ରାହ୍ମଣ, କରଣ, ତେଲି, ଚଷା, ପାଇକ, ଧୋବା, ଭଣ୍ଡାରି ଆଦି ବିଭିନ୍ନ ଜାତିର ଲୋକ ବାସ କରନ୍ତି । ଗାଁ ମଝିରେ ମୁସଲମାନ ଘରଟିଏ ଓ ଗାଁ' ମୁଣ୍ଡରେ ଛାଟିଆ ବା ହାଡ଼ିଘରଟିଏ । ଗାଁ ମଝିରେ ବିକ୍ରମବାବୁଙ୍କ ଘର । ସେ ହେଉଛନ୍ତି ଗାଁ'ର ମୁଖିଆ । ତାଙ୍କର ବୈଦେହୀ ବୋହୂ ଓଷା ଉପାସନା, ବ୍ରତ କରି ଠାକୁରଙ୍କ ପାଖେ ଗୁହାରିପଡ଼ି ବିବାହର ଦୀର୍ଘ ଦଶ ବର୍ଷ ପରେ ପୁତ୍ର ସନ୍ତାନଟିଏ ଲାଭ କଲେ । ପୁତ୍ରଟିର ନାମ ରଖିଥିଲେ ରାମ । ମା' ସ୍ନେହରେ ତାକୁ ରାମୁ ବୋଲି ଡାକନ୍ତି । ରାମୁର ଶରୀରର ବିକାଶ ଘଟିଲା; ହେଲେ ବୁଦ୍ଧିର ବିକାଶ ସଠିକ୍ ଭାବରେ ବିକାଶ ଲାଭ କଲାନି । କେହି କେହି ତାକୁ ବୁଦ୍ଦୁରାମ ବୋଲି ଡାକନ୍ତି । ଏହାର କାରଣ ହେଲା ରାମକୁ ଚଉଦ ବର୍ଷ ହେଲେ ମଧ୍ୟ ସେ ବୁଦ୍ଦୁ ଭଳିଆ କାମ କରେ । କଥାବାର୍ତ୍ତା ବି କରେ । ହେଲେ ମା'ଙ୍କର ସିଏ ଏକୋଇର ବଳା ବିଶିକେସନ । ଛୋଟା ହଉ, ମୋଟ ହଉ, ବାଙ୍ଗେରା ହଉ, ଡେଙ୍ଗା ହଉ, ଖନା ହେଉ, ବେଡ଼ା ହଉ ବା ବୁଦ୍ଦୁ ହଉ ମା' ଆଖିରେ ସେ କେବଳ ହିଁ ତାଙ୍କର ପୁଅ । ବୁଦ୍ଦୁରାମ ହେଉଛି ମା'ଙ୍କର ଅତି ଗେହ୍ଲା ପୁଅ । ତା' ଦେହରେ ମାଛିଟି ବି ବସିବାକୁ ଦିଅନ୍ତି ନାହିଁ । ବୁଦ୍ଦୁରାମକୁ କେହି କିଛି କହିଲେ ସେ ସହିପାରନ୍ତି ନାହିଁ । ଅତ୍ୟଧିକ ସ୍ନେହ ଯୋଗୁଁ ବୁଦ୍ଦୁରାମର ବୁଦ୍ଦୁତାର ପରିଣାମ ଧୀରେ ଧୀରେ ବଢୁଥାଏ । ବର୍ତ୍ତମାନ ବୁଦ୍ଦୁରାମକୁ ପନ୍ଦର ବର୍ଷ । ଏ ବର୍ଷ ସେ ମାଟ୍ରିକ୍ ପରୀକ୍ଷା ଦେଇଛି । ଏବେ ମନରେ ପ୍ରଶ୍ନ ଉଠୁଛି, ବୁଦ୍ଦୁରାମ ତ ସବୁଥିରେ ବୁଦ୍ଦୁ । ତାକୁ ଅ ଆ କ ଖ, ଏ.ବି.ସି.ଡି ଆଦି କିଛି ଆସେନି । ୧,୨,୩,୪ ଏଗୁଡ଼ାକ କ'ଣ ସିଏ ଆଦୌ ଜାଣିନାହିଁ । ନିଜ ନାଁ'ଟା ମଧ୍ୟ ସେ ଲେଖି ଜାଣିନାହିଁ । ତେବେ ସେ ପ୍ରଥମ ଶ୍ରେଣୀରୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାଟ୍ରିକ୍ ପର୍ଯ୍ୟନ୍ତ ଆସିଲା କେମିତି ? ଆଜିକାଲି ଏସବୁ ତ ଅତି ସାଧାରଣ କଥା । ଚିହ୍ନା ପରିଚୟ ହେଉ ବା ପଇସାପତ୍ରର କାରବାର ହେଉ । ଶ୍ରୀ ଅକ୍ଷର ବିବର୍ଜ୍ଜିତ ଛାତ୍ର ମଧ୍ୟ ମାଟ୍ରିକ୍ ଫାଷ୍ଟକ୍ଲାସ ପାଉଛି । କ୍ଲାସ୍ ପରୀକ୍ଷା ତ ଅତି ସାଧାରଣ । ବୈଦେହୀ ଦେବୀଙ୍କର ପଢ଼ାସାଥୀ ହେଉଛନ୍ତି କାହ୍ନୁ ସାରେ । ବୈଦେହୀ ଦେବୀ ଯାହା କହିବେ, କାହ୍ନୁ ସାରେ ତାଙ୍କ କଥା କାଟିପାରନ୍ତି ନାହିଁ । ବୁଦ୍ଦୁରାମତ କିଛି ଲେଖି ଜାଣେନା । ପରୀକ୍ଷାରେ କାହ୍ନୁ ସାରେ ସେସବୁ କାମ ତୁଲାଇ ଦିଅନ୍ତି । ଫଳରେ ସବୁ ପରୀକ୍ଷାରେ ବୁଦ୍ଦୁରାମ୍ ପାସ୍ । ଏଥିରେ ବୈଦେହୀ ଦେବୀ ବହୁତ ଖୁସି । କାହ୍ନୁସାରେ ବି କମ୍ ଖୁସି ହୁଅନ୍ତି ନାହିଁ । କାହ୍ନୁ ସାରଙ୍କ ଭଳି ଅନେକ ଶିକ୍ଷକ ଅଛନ୍ତି, ଯେଉଁମାନେ ଅର୍ଥଲୋଭରେ ହେଉ ବା ସମ୍ପର୍କର ତାଡ଼ନାରେ ହେଉ ଦୁନିଆର ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଜୀବନକୁ ନଷ୍ଟ କରି ଚାଲିଛନ୍ତି । ଏହିପରିପ୍ରେକ୍ଷୀରେ ଆମର ଆଜିର ଶିକ୍ଷାନୀତି ମଧ୍ୟ ମଇ ହେଉଛି । ଅର୍ଥାତ୍ ଅଗା ବନ୍ଧା ଖଗା, ଶ୍ରୀଅକ୍ଷର ବିବର୍ଜିତ, ସେ ଯିଏ ହେଉନା କାହିଁକି, ସେ ନିଶ୍ଚିତରୂପେ ଶ୍ରେଣୀ ଉଠିବ । ଅବୋଧ ଅଜ୍ଞାନ ଶିଶୁଟି କ'ଣ ବା କରିବ ? ଯିଏ ତ ଚାଲାକି ପିଲା, ସେ ତ ଠିକ୍ ବାଟରେ ମାଡ଼ି ଚାଲିବ । ହେଲେ ଦୁର୍ବଳ ପିଲା ଧୀରେ ଧୀରେ ତା'ର ପାଠ ପ୍ରତି ଦୁର୍ବଳତା ବଢ଼ି ଚାଲିବ । ପାଠ ସବୁ ତାକୁ ବିଷ ଭଳିଆ ଲାଗିବ । ପରିଶେଷରେ ସେ ବୁଦ୍ଦୁରାମ ଭଳି ନ ହେବ ବୋଲି କିଏ କହିବ ? ସେ ଯାହାହେଉନା କାହିଁକି, ଯେମିତି ସେମିତି ହଉନା କାହିଁକି ବୁଦ୍ଦୁରାମ ସବୁ ତଳ କ୍ଲାସ୍ ଅତିକ୍ରମ କରି ଏ ବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଛି । ସବୁ ପୂର୍ବ ବର୍ଷଠାରୁ ଏ ବର୍ଷ ମାଟ୍ରିକ୍ ପରୀକ୍ଷା ସ୍ୱତନ୍ତ୍ର । ଶିକ୍ଷା ଅଧକ୍ଷକଙ୍କ ତାଗିଦ୍, କ୍ରମେ କପି କରିବ ବା ପରୀକ୍ଷାରେ କିମ୍ବା ଖାତା ଦେଖାବେଳେ ଧରାଧରି କରିବା ପୂରାପୂରି ବନ୍ଦ । ତେଣୁ ଦୁର୍ବଳ ପିଲା ଏ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବହୁତ କଷ୍ଟକର । ଆଜି ମାଟ୍ରିକ୍ ପରୀକ୍ଷା ଫଳ ବାହାରିବ । ପରୀକ୍ଷା ଫଳ ବହି ପାଇଁ ବହୁତ ଭିଡ଼ । ଏ ବର୍ଷ ମଧ୍ୟ ଆଗୁଆ ସବୁ ସ୍କୁଲମାନଙ୍କୁ ଆଗୁଆ ପରୀକ୍ଷା ଫଳ ଓ ନମ୍ବର ପଠାଇଦିଆଯାଇଛି । ତେଣୁ ପରୀକ୍ଷା ଫଳ ଜାଣିବାରେ କିଛି ଅସୁବିଧା ହଉନି । ବୈଦେହୀଙ୍କ ମନ ଆଜି ଭାରି ଖୁସି । ଗୋଡ଼ ତଳେ ଲାଗୁନାହିଁ । ତାଙ୍କର ଏକୋଇର ବଳା ବିଶିକେଶନର ଆଜି ଫଳ ବାହାରିବ । ସେ ବୁଦ୍ଦୁରାମକୁ ଏତେ ଭଲପାଆନ୍ତି ଯେ, ବୁଦ୍ଦୁରାମ ଯାହା କଲେ ମଧ୍ୟ ସେ ଖୁସି । ବୁଦ୍ଦୁରାମକୁ

ଅତ୍ୟଧିକ ଭଲ ପାଇ ତାକୁ ସବୁବେଳେ ସମର୍ଥନ କରି କରି ବୈଦେହୀଙ୍କ ମନରେ ବୁଦୁତା ଧୀରେ ଧୀରେ ବସା ବାନ୍ଧିଲାଣି । ବେଳେବେଳେ ସେ ମଧ୍ୟ ବୁଦୁଙ୍କ ଭଳି କଥା କହୁଛନ୍ତି । ପରୀକ୍ଷା ଫଳ ବାହାରିବ ତ ବୈଦେହୀ ଦେବୀ ସକାଳୁ ସକାଳୁ ପୁଅର ଖୁସି ପାଇଁ ଟିଭି ଖୋଲି ଦେଇଛନ୍ତି । ଟିଭିରେ ଫିଲ୍ମ ଚାଲିଛି । ବୁଦୁରାମ ଟିଭି ସାମ୍ନାରେ ବସି ଅତି ଖୁସିରେ ଟିଭି ଦେଖିବା ସହିତ ଆକ୍‌ସନ୍ ବି କରୁଛି । ଟିଭି ଭିତରେ ଫାଇଟିଂ ଚାଲିଛି । ବୁଦୁରାମ ବି ଦୁଇ ହାତ ହଲାଇ ସେହିଭଳି ଫାଇଟିଂ କରୁଛି। ହସୁଛି, ଢିସୁମ୍ ଢିସୁମ୍ ବି କହୁଛି । ମା' ସେଇବାଟେ ଗଲାବେଳେ ପୁଅର ଆକ୍ଟିଂ ଦେଖି ପାଟିରେ ଲୁଗା କାନି ଦେଇ ମୁରୁକକି ମୁରୁକି ହସୁଥାନ୍ତି । ହଠାତ୍ ପିତା ବିକ୍ରମ ଚୌଧୁରୀ ବାମ ହାତରେ ଗୋଟେ କାଗଜ ଓ ଡାହାଣ ହାତରେ ଚଷମାଟାଏ ଧରି ରାଗ ତମତମରେ ଭିତରକୁ ପଶିଆସି ବିଦୁରାମର ଫାଇଟିଂ ଦେଖି ରାଗ ତାଙ୍କର ଆହୁରି ବଢ଼ିଗଲା । ସେ ଗର୍ଜନ କରି କହିଲେ ଚଲା ଚଲା ତୋ' ଫାଇଟିଂ ଚଲା । ଆଉ ତ କିଛି ନାହିଁ । ଏଠି ଫାଇଟିଙ୍ଗ୍‌ରେ ହୀରୋ ସାଜିଛି, ଆଉ ସବୁଥିରେ ଜୀରୋ । ପୁଣି ରାଗି ବିକ୍ରମବାବୁ ଡାହାଣ ହାତରେ ଧରିଥିବା ପରୀକ୍ଷା ଫଳ ବାହାରିଥିବା ନମ୍ବର ଲିଷ୍ଟଟା ତା' ଉପରକୁ ଫିଙ୍ଗିଦେଇ କହିଲେ, ଏଇ ନେ ତୋ ପରୀକ୍ଷା ଫଳ ନମ୍ବର ଲିଷ୍ଟ । ଟିଭି ଯେମିତି ଦେଖୁଛୁ, ସେଇମିତି ତୋ ପରୀକ୍ଷା ନମ୍ବର ଦେଖି ସବୁଥିରେ ଖାଲି ଆଳୁ ରଖିଛୁ । ସବୁଥିରେ ହୀରୋ ଆଉ ପାଠରେ ଜୀରୋ ।  ତତେ ଲାଜ ଲାଗୁନି । ତୁ ଏଡ଼େ ନିର୍ଲ୍ଲଜ, ଛି ଛି ଛଇ, ଠିକ୍ ସେତିକିବେଳେ ରାମ, ରୋମ ଆସି ଦିନ ଏଗାରଟା ହେଲାଣି ନ ଖାଇ  ନ ପିଇ ଖାଲି ଟିଭି ଦେଖୁଛୁ । ମୋ ଧନ ଆ ଗାଧୋଇ ଖାଇସାରି ଟିଭି ଦେଖିବୁ । ବାପା ରାଗି କହିଲେ, ହଁ ଖାଇବ ନାଇଁ କିଆଁ । ବୋପା ତ ହୋଟେଲ ଖୋଲିଛି । ଖାଲି ଖାଇବ ଆଉ ଟିଭି ଦେଖିବ । ମା' କହିଲେ, ଏମିତି କ'ଣ କହୁଛ ମ, ଦି'ମାସ ହେଲା ପରୀକ୍ଷା ଦେଇ ଦେଇ ପିଲାଟା ହାଲିଆ ହୋଇଯାଇଛି । ଟିଭି ପାଖରେ ଟିକିଏ ମନ ଫୂର୍ତ୍ତି କରୁଛି । ଚୋରି ତ କରୁନାହିଁ । ବାପା ପାଟି କରି କହିଲେ, ହଁ ହଁ ବୁଦୁଟାଏ ତ ଜନ୍ମ କରିଛ । ନିଅ ନିଅ ତମ ପୁଅର ପରୀକ୍ଷାଫଳ ବାହାରିଛି । ଏଁ, ମୋ ପୁଅର ଫଳ ବାହାରିଛି । ଖୁସିରେ ଅଧୈର୍ଯ୍ୟ ହୋଇପଡ଼ିଲେ ବୈଦେହୀ ଦେବୀ । ମୋ ପୁଅର ଫଳ ବାହାରିଛି । ସେ ମୋ ପୁଅଟି । ବାପା ବିଗୁଲେଇ ହୋଇ କହିଲେ, ହଁ ହଁ ତମରି ଯୋଗ୍ୟପୁଅ ସବୁଥିରେ  ଆଳୁ ରଖିଛି । ମା' କହିଲେ, ଏଁ ଆଗରୁ ଟିକିଏ କହି ନ ଥାନ୍ତେ । ମୁଁ ଗୋବିନ୍ଦାକୁ ଆଳୁ ପେଇଁ ବଜାରକୁ ପଠେଇ ନ ଥାନ୍ତି । ଆମ ପୁଅ ତ କେତେ ଆଳୁ ପାଇଥିବ, ଆଉ ଆଳୁ କିଣିବାକୁ ପଡ଼ିବ ନାହିଁ । ବାପା ରାଗିଯାଇ କହିଲେ ଧେତିରିକା, ଏ ମା' ପୁଅ ଦି'ଟାଯାକ ଏଡ଼େ ବୁଦୁ । ଛି ଛି ଛି, ନିଅ ଆଳୁ ଭାଜୁଥା, ପୁଅକୁ ଚାଟୁଥା । ରାଗି ଚାଲିଗଲା ବେଳକୁ ପୁଅ ବୁଦୁରାମ କହିଲା, ବାପା ତମେ ଆଳୁଭଜା ଖାଇବ ନାହିଁ କି ? ବାପା ଖୁବ୍ ରାଗିଯାଇ ପାଖରେ ପଡ଼ିଥିବା ବାଡ଼ିଟାଏ ଧରି ତାକୁ ମାରିବାକୁ ଗୋଡ଼ାଇଲେ । ବୁଦୁରାମ ଦୌଡ଼ିଯାଇ ମା'ଙ୍କ ପଣତକାନି ତଳେ ଲୁଚିଲା । ମା' ପାଟି କରି କହିଲେ, ତମେ ଏ ଭେଣ୍ଡା ପୁଅଟା ଉପରେ ଏମିତି କିଆଁ ହାତ ଉଠେଉଛ, ସିଏ ପରା ଆମ ଆଖିର ତରା । ବାପା ପୁଣି ରାଗି କହିଲେ, ନାଇଁ ମ କଅଁଳା ଛୁଆଟା ତ ! ପଣତକାନିରେ ଘୋଡ଼େଇ ଟିକିଏ ପିଆଇ ଦଉନ ଭୋକ ହଉଥିବ । ମା' ଟିକିଏ ଚିଡ଼ି କହିଲେ, ମଲା ମଲା ମଲା କି ଛୋପୋରା କଥା କହୁଛ ମ ! ଆରେ ରାମୁ ଆ ଆମେ ଯିବା । ଆମ ଛାଇ ପଡ଼ିଲେ ୟାଙ୍କ ନାହି ଡେଉଁଛି, କହି ଯିବାବେଳେ ବୁଦୁରାମ ବାପାଙ୍କୁ କହିଲା, ଏ ବୋପା ଦଉନୁ ସେ ଆଳୁଗୁଡ଼ାକ, ମା' ଭାଜିଲେ ପଖାଳରେ ଖାଇବ । ହଠାତ୍ ବାପା ରାଗିଯାଇ ଧରିଥିବା ଛାଟରେ ପିଟି କହିଲେ, ଖା' ଆଳୁଭଜା ଖା କହି ପିଟିବାକୁ ଲାଗିଲେ । ମାଡ଼ ଖାଇ ଭେଁ ଭେଁ ରଡ଼ି ଛାଡ଼ିଲା ବୁଦୁରାମ । ମା' ସହିପାରିଲେ ନାହିଁ । କହିଲେ, ମୋ ପୁଅ ଦେହରେ ହାତ ଦେଇ ଦେଖିଲ ମୋ' ପୁଅ କେମିତି କାନ୍ଦି କାନ୍ଦି ଧକେଇ ହେଲାଣି । ପୁଣି ରାଗି ବାପା କହିଲେ, ଧକେଇ ହଉଛି କ'ଣ ? ମରିଯାଆନ୍ତା କି ? ହଠାତ୍ ଜିଭ କାମୁଡ଼ି ମା କହିଲେ, କ'ଣ କହିଲ କ'ଣ କହିଲ, ମରିଯିବ । ମୋ ଏକୋଇରାବଳା ବିଶିକେଶନ ମରିଯିବ । ପୁଣି କାନ୍ଦି କହିଲେ, ଏଡ଼େ ଅଲକ୍ଷଣଶ କଥାଟେ କହିଦେଲା । ଯେ ମା' ମଙ୍ଗଳା, ତୁ ୟା'ଙ୍କ କଥା ଶୁଣୁ ନେଇଁ ମା' ! ଇଏ ଆମକୁ ଦେଖି ସହିପାରୁନାହାନ୍ତି । ତୁ ମୋ ପୁଅକୁ  ତୁ ଘଣ୍ଟ ଘୋଡ଼େଇ ରଖ ମା । ବେକରେ ପଣତକାନି ଗୁଡ଼େଇ ଭୂଇଁରେ ସାତ ଥର ମୁଣ୍ଡିଆ ମାରି, ବୁଦୁରାମର ହାତକୁ ଟାଣିନେଇ କହିଲେ, ଆ' ପୁଅ ଆ ଆମେ ୟା'ଙ୍କ ଆଗରୁ ଯିବା କହି ରାମୁ ହାତକୁ ଟାଣିନେଇ ଚାଲିଗଲେ । ବାପା ବ୍ୟସ୍ତରେ ଦୀର୍ଘନିଃଶ୍ୱାସ ପକେଇ କହିଲେ, ହେ ଭଗବାନ୍ ! ଏ ଦି'ଟାଙ୍କର କେବେ ବୁଦ୍ଧିଶୁଦ୍ଧି ହବ ?

ଏ ବର୍ଷ ମାଟ୍ରିକ୍ ପରୀକ୍ଷାରେ ରହମନର ପୁଅ ରଜାକ୍

ଓ କିଣା ହାଡ଼ିର ପୁଅ । ବସନ୍ତ ବେଷ୍ଟ ଟେନ୍‌ଥମାନେ ପ୍ରଥମ ଦଶଜଣଙ୍କ ଭିତରେ ସ୍ଥାନ ପାଇଛନ୍ତି । ସେଥିପାଇଁ ଆଜି ଗାଁ'ରେ ଗାଁ ସଭା ଡକାଯାଇ ସେ ଦୁଇଟି ପିଲାଙ୍କୁ ଗ୍ରାମବାସୀଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଉଛି । ପ୍ରଶଂସାପତ୍ର ସହିତ ପଚିଶି ହଜାର ଟଙ୍କା ତାଙ୍କୁ ପ୍ରଦାନ କରାଯାଉଛି । ଏହିସବୁ କାମ ଗାଁ'ର ମୁଖିଆ ହିସାବରେ ସଭାପତି ବିକ୍ରମବାବୁଙ୍କୁ କରିବାକୁ ପଡୁଛି । ପ୍ରତିଦିନ ମୂଳ ଲାଗି ଚଳୁଥିବା ପୁଅ ଆଜି ସମ୍ବର୍ଦ୍ଧିତ ହେଲେ ତାଙ୍କ ନିଜ ପୁଅ । ତା' କଥା ମନେପଡ଼ିଲେ ସେ ବ୍ୟସ୍ତ ହୋଇପଡୁଛନ୍ତି । ଗାଁ'ର ମୁଖିଆ ସେ । ଧନର ଅଭାବ ନାହିଁ; ହେଲେ ତାଙ୍କ ପୁଅ ? ଛି ଛି ଏମିତି ପୁଅ ରହିବା ଯାହା ନ ରହିବା ସେଇଆ । ଏଥିପାଇଁ ଦାୟୀ କିଏ ? କେବଳ ଦାୟୀ ହେଉଛି ତାଙ୍କ ସ୍ତ୍ରୀଙ୍କର ଅତ୍ୟଧିକ ପୁତ୍ର ପ୍ରେମ । ଅତି ଗେହ୍ଲା କରିବାରୁ ପୁଅ ଆଜି ପୁରା ବୁଦୁ । କ'ଣ ହେବ ତାର ଭବିଷ୍ୟତ ? ଏଭଳି ପୁଅର ମୁହଁ ଚାହିଁବାକୁ ଇଚ୍ଛା ହେଉନି । ତାଙ୍କର ମୁଣ୍ଡ ଗୋଳମାଳ ହେଇଯାଉଛି । ଏହିପରି କେତେ କଥା ଭାବୁ ଭାବୁ ସେ ଘରେ ପହଞ୍ଚି ସାରିଥିଲେ । ହଠାତ୍ ସ୍ତ୍ରୀ ଚମ୍ପାବତୀ କହିଲେ, ଆମ ଗଙ୍ଗା କହୁଥିଲା, ତମେ କୁଆଡ଼େ ସେ ପଠାଣ ପୁଅ ଆଉ ବାଉରୀ ପୁଅ ବେକେରେ ଫୁଲମାଳ ପିନ୍ଧେଇଲ । ଛି ଛି ସେ ଅଛୁଆଁଗୁଡ଼ାକୁ ଛୁଇଁଲା, ପୁଣି ଫୁଲମାଳ ପିନ୍ଧେଇଲ । କିଆଁ ଆମ ପୁଅ ବୁଦୁରାମ ଗଳାରେ ଫୁଲମାଳଟେ ପିନ୍ଧେଇଲ ନାହିଁ । ତମେ ପରା ଗାଁ'ର ମୁଖିଆ । ହଠାତ୍ ବୁଦୁ ପହଞ୍ଚି, ବାପା ମୋ ବେକରେ ଗୋଟେ ଫୁଲମାଳ ପିନ୍ଧେଇ ଦଉନ । ଦେଖିବ ମୁଁ ଠିକ୍ କୃଷ୍ଣଙ୍କ ଭଳି ଦେଖାଯିବି । ରାଗ ସମ୍ଭାଳି ନ ପାରି ବିକ୍ରମବାବୁ ରାମୁ ଗାଲରେ ଠାଇକିଣି ଗୋଟେ ଚାପୁଡ଼ା ମାରି କହିଲେ, ବଦ୍‌ମାସୀ ଫୁଲମାଳ ପିନ୍ଧିବ । ଯା' ବାହାର ବାହାର ମୋ ଘରୁ । ତୋ ମୁହଁ ମୁଁ ଚାହିଁବ ନାହିଁ । ଶୀଘ୍ର ବାହାର ଏ ଘରୁ । ରାମୁ ବି ରାଗିଗଲା । କହିଲା ଏ ବୋପା ତୁ ମତେ ଘରୁ ବାହାରିଯିବାକୁ କହୁ । ମତେ ମାରୁଛୁ । ମୁଁ ଘର ଛାଡ଼ି ପଳେଇବି, ଆଉ ଆସିବି ନାହିଁ । ଅତି ଜୋର୍‌ରେ ପାଟକରି ବାପ କହିଲେ, ଆରେ ଯା' ବର୍ତ୍ତମାନ ତୁ ଗଲୁ । ତୋ' ଭଳିଆ ପୁଅର ମୁହଁ ମୁଁ ଚାହିଁବି ନାହିଁ । ବାହାର ଶୀଘ୍ର ବାହାରେ ଏ ଘରୁ । ରାମୁ ଘର ଭିତରକୁ ଯାଇ ଗୋଟେ ପିଠି ବ୍ୟାଗ୍ ଧରି ହାତରେ ବ୍ୟାଟ୍‌ଟି ଧରି ବାହାରିପଡ଼ିଲା । ମା' କହିଲେ, ରାମୁରେ ତୁ ଯାଆ ନାହିଁ ବାପ । ମୁଁ ତତେ ଛାଡ଼ି ରହିପାରିବି ନାହିଁ କି ବଞ୍ଚିପାରିବି ନାହିଁ । ଆମକୁ ତୋ ବାପା ଭଲପାଉନାହାନ୍ତି । ଚାଲ୍ ଆମେ ତୋ'ମାମୁଘରକୁ ଚାଲିଯିବା । ରାମୁ ରାଗି କହିଲା, ନା ମୁଁ ଯୁଆଡ଼େ ମନ ସିଆଡ଼େ ଯିବି । ତମ ଘର ତମେ ରହ କହି ଦ୍ରୁତଗତିରେ ଚାଲିଗଲା । ଆଜିକୁ ଚାରିଦିନ ହେଲାଣି ରାମୁ ଘରକୁ ଆସିନି । କାନ୍ଦି କାନ୍ଦି ମା'ଙ୍କ ଆଖି ଫୁଲିଗଲାଣି । ବାପା ସିନା ରାଗତମତମ୍‌ରେ କ'ଣ ନା କ'ଣ କହିଦେଲେ; ହେଲେ ମନ ସ୍ଥିର ରହୁନି । ପିଲାଟା ବୁଦୁ । ପିଲାଟା କୋଉଠିଥିବ, କ'ଣ ଖାଉଥିବ, କ'ଣ କରୁଥିବ । ଖାଲି ବ୍ୟାଗ୍‌ଟି ଓ ବ୍ୟାଟ୍‌ଟି ନେଇଯାଇଛି, ପଇସାପତ୍ର କିଛି ନେଇନି । ଯେତେହେଲେ ବାପା ମନ ସମ୍ଭାଳୁଛି; କେତେକେ । ଦୀର୍ଘନିଶ୍ୱାସଟିଏ ଛାଡ଼ି ଚଉକି ଉପରେ ବସି ଭାବନାରତ ବିକ୍ରମବାବୁ । ତେଣେ ଘର ଛାଡ଼ି ବୁଦୁରାମ ଗାଁ ପଛପାଖ ଦେଇ ଜଙ୍ଗଲର ସରୁ ରାସ୍ତାରେ ଚାଲି ଚାଲି ମାର୍ଥାପୁର ରେଳଷ୍ଟେସନ୍‌ରେ ପହଞ୍ଚିଲା । ମାଲ୍‌ଗାଡ଼ିଟିଏ ଷ୍ଟେସନ୍‌ରେ ଛିଡ଼ା ହୋଇଥିଲା । ଦ୍ୱିପ୍ରହରରେ ଟାଇଁ ଟାଇଁ ଖରା ସହି ନପାରି ସେ ଟ୍ରେନ୍ ଭିତରର ଗୋଟିଏ ଡବା ଭିତରେ ଯାଇ ବସିପଡ଼ିଲା । ଘର କଥା, ମା' କଥା ମନେପଡ଼ି ଆଖିରୁ ଲୁହ ଝରୁଥାଏ । ମା'ଙ୍କ ସ୍ନେହ ଓ ଘର ମନକୁ ଆକର୍ଷଣ କରୁଥାଏ; କିନ୍ତୁ ବାପାଙ୍କ ତାଡ଼ନା, ନା ସେ ଆଉ ଘରକୁ କେବେ ଫେରିବନି । ହଠାତ୍ ଟ୍ରେନ୍‌ଟି ଚାଲିବାକୁ ଆରମ୍ଭ କଲା । ସେ ଓହ୍ଲାଇ ପଡ଼ିବ ବୋଲି ଭାବିଲା । କିନ୍ତୁ ପରମୁହୂର୍ତ୍ତରେ ଭାବିଲା, ଯେଉଁଠିକି ଟ୍ରେନ୍ ଯିବ, ସେହି ଦୂର ସ୍ଥାନକୁ ସେ ମଧ୍ୟ ଚାଲିଯିବ । ଟ୍ରେନ୍‌ଟି ଯାଇ ସାଉଥ୍ ବଲଣ୍ଡା କୋଇଲାଖଣି ପାଖରେ ଥିବା କନ୍‌ରିଅର ପାଖରେ ରହିଲା । ବୁଦୁରାମ ଟ୍ରେନ୍ ଡବାରୁ ଓହ୍ଲାଇ ଧୀରେ ଧୀରେ ଚାଲିଲା । କିଛିବାଟ ଯିବା ପରେ ବଲଣ୍ଡା ଓ ଜଗନ୍ନାଥ କଲୋନୀ ମଧ୍ୟରେ ଥିବା ଶିବ ମନ୍ଦିର ନିକଟରେ ପହଞ୍ଚି ପୋଖରୀରେ ମୁହଁ ହାତ ଧୋଇ ଶିବଙ୍କ ମନ୍ଦିର ସାମ୍‌ନାରେ ଥିବା ମଣ୍ଡପ ଉପରେ ବସିଲା । ଶିବଙ୍କୁ ଦର୍ଶନ କରି ପ୍ରଣାମ କଲା । ମାଳିଭୋଗ କରିସାରି ପ୍ରସାଦ ନେଇ ଗନ୍ତାଘରକୁ ଗଲେ । ବୁଦୁରାମକୁ ଦେଖି କହିଲେ, କ'ଣ ବାବୁ ପ୍ରସାଦ ସେବନ କରିବ । ଭୋକ ହେଉଥିଲେ ବି ନୀରବ ରହିଲା ବୁଦୁରାମ । ମାଳି ଦେଖିଲେ ପିଲାଟି ଭୋକିଲା । କହିଲେ ପୁଅ ଲାଜ କରୁଛ କି ? ପଇସା ନାହିଁ ନ ଥାଉ । ନିଅ ଭୋଗ ଖାଅ । ତମେ ବୋଧେ ଘରୁ ରୁଷିକି ପଳେଇଆସିଛ । ଏଇଠି ଆମ ପାଖରେ ରୁହ । ଏଇ ବେଡ଼ା ଭିତରେ ଥିବା ଫୁଲଗଛଗୁଡ଼ିକୁ ଆତିଆସାଇତା କରିବ । ଆଉ ଠାକୁରଙ୍କ ଭୋଗ ପାଇ ଆରାମରେ ରହିବ । ଆଜକୁ ଦୁଇମାସ ହୋଇଗଲାଣି । ବୁଦୁରାମ ସେହି

ଶିବଙ୍କ ମନ୍ଦିରରେ ଅଛି । ଭାବୁଛି ବୋଧେ ସବୁଦିନ ଏଇଠି ରହିବ । ପୁଣି ଭାବୁଛି, ଠାକୁରଙ୍କ ଇଚ୍ଛା । ମାଳିମାନଙ୍କର ଖୁଣିବାରେ ବୁଦୁରାମ ଟିକିଏ ବଦଳିଗଲାଣି । ଦିନେ ବୁଦୁରାମ ବେଢ଼ା ଭିତରେ ଫୁଲଗଛ ମୂଳ ଖୁସୋଉଥିଲା । ମାଳି କହିଲେ, ରାମୁ ଦେଖି ସେଇ ପାଖରେ ଯେଉଁ ପାରିଜାତ ଫୁଲ ଗଛଟି ଅଛି, ତାକୁ ଅତି ସାବଧାନରେ ଖୁସେଇବୁ, ଯେପରି ଚେର ଛିଣ୍ଡି ଯିବନି । ଏ ଫୁଲ କୃଷ୍ଣବାବୁ ଖୋଜି ଖୋଜି କାଶ୍ମୀରରୁ ଆଣିଥିଲେ । ଦୁଇ ହଜାର ଟଙ୍କା ତାର ଦାମ୍ । ଟିକିଏ ସାବଧାନରେ ଖୁସେଇବୁ ପୁଅ । ହଠାତ୍ ବୁଦୁରାମ ଗୋଟେ ଫୁଲ ଗଛକୁ ଓପାଡ଼ି ଦେଇ କହିଲା, ମଉସା ଏଇ ଗଛଟାକି । ହଠାତ୍ ଚିଡ଼ିଯାଇ ମାଳି କହିଲେ, ଆରେ ଆରେ ଏ କ'ଣ କଲୁ, ବୁଦୁଟା କିରେ । ତୁ ଗଛଟାକୁ ଓପାଡ଼ିଦେଇ ମତେ ଦେଖୋଉଛୁ । ଛି ଛି ତୁ ଏଡ଼େ ବୁଦୁ । କୃଷ୍ଣବାବା ଜାଣିଲେ କ'ଣ କହିବେ । ହଉ ହଉ ଗୋଟେ କାମ କର ରହ ମୁଁ ଯାଉଛି । ସେ ଗଛଟାକୁ ପୁଣି ସେଠି ଲଗାଇଦବା । ଏହିଭଳି କେତେଟା ନିର୍ବୁଦ୍ଧିଆ କାମ କରି କରି ମାଳିମାନଙ୍କ ଠାରୁ ଖୁଣ୍ଟା ଖାଇ ଖାଇ ବୁଦୁରାମ ଟିକିଏ ଟିକିଏ ଶିଆଣିଆ ହେଲାଣି । ରବିବାର ଦିନ ସକାଳୁ ବୁଦୁରାମ ଫୁଲଗଛ ମୂଳ ଖୁସୋଉଛି । ହଠାତ୍ ଦେଖିଲା, କଲୋନୀର ସମସ୍ତେ ପିଲା ଭେଣ୍ଡା, ବୁଢ଼ା ଏପରିକି ସ୍ତ୍ରୀ ଲୋକମାନେ ମଧ୍ୟ ସାଉଥ୍ ବଲଣ୍ଡା କୋଇଲ ଖଣି ଆଡ଼େ ଦଉଡୁଛନ୍ତି । ମନ୍ଦିରର ମାଳିମାନେ କହିଲେ ରାମୁ, ସବୁ ଲୋକେ ଗଲେଣି, ଚାଲେ ଆମେ ଯିବା ବଲଣ୍ଡା କୋଇଲା ଖଣିରେ 'ହିସାବ ନିକାଶ' ଓଡ଼ିଆ ଫିଲ୍ମର ସୁଟିଂ ଚାଲିଛି । ମନ ଉଛାଟ ହେଲା । ଦେଖିଲି କୋଇଲା ଖଣି ଭିତରେ ଖୁବ୍ ଜୋର୍‌ରେ ଫାଇଟିଂ ଚାଲିଛି । ଫାଇଟିଙ୍ଗ୍ ଭୁଲ୍ ହେବ ଦେଖି ଡାଇରେକ୍ଟର କହୁଛନ୍ତି, ତିନିଥର କହିଲିଣି ଏମିତି ନୁହଁ, ଏମିତି ଆକ୍‌ସନରେ; ତଥାପି ହୀରୋଙ୍କର ପୋଜିସ୍ ଭୁଲ୍ ହୋଇଯାଉଥାଏ । ବୁଦୁରାମ ଘରେ ସବୁଦିନେ ଫିଲ୍ମରେ ଫାଇଟିଙ୍ଗ୍ ଦେଖେ, ଆକ୍ଟିଂ ବି କରେ । ପାଠରେ ସିନା ଜୀରୋ; କିନ୍ତୁ ଫିଲ୍ମ ଫାଇଟିଙ୍ଗରେ ହୀରୋ । ହଠାତ୍ ଡାଇରେକ୍ଟର ସାମ୍‌ନାକୁ ଆସି କହିଲା, ନମସ୍କାର ସାର୍ । ଡାଇରେକ୍ଟର ଦେଖିଲେ ଗୋରା ତକ୍ ତକ୍ ରଜାପୁଅ ଭଳି ଯୁବକଟେ । କହିଲେ କ'ଣ ହେଲା, ପରେ କଥା ହବ । ସୁଟିଂ ଚାଲିଛି । ଆଜ୍ଞା ଅନୁମତି ଦେଲେ ମୁଁ ଏ ଫାଇଟିଙ୍ଗରେ ଭାଗ ନିଅନ୍ତି । ହେଲେ ଅଧା କଥାରୁ ଅଟକିଗଲା ବୁଦୁରାମ । ହିରୋଇନ୍ ଡାଇରେକ୍ଟରଙ୍କୁ କହିଲେ ସାର୍, ପିଲାଟା ଆଗ୍ରହରେ କହୁଛି, ଥରେ ଚାନ୍‌ସ ଦିଅନ୍ତୁ ନା । ହୀରୋ କହିଲେ ହଁ ସାର୍, ମିନର୍ଭା ଯାହା କହୁଛନ୍ତି ଠିକ୍ । ଡାଇରେକ୍ଟର କହିଲେ ତମ ନାଁ କ'ଣ ? ତମକୁ ମାତ୍ର ଗୋଟିଏ ଚାନ୍ସ ଦିଆଯିବ । ହୀରୋ କହିଲେ ମୁଁ ତ ତିନିଟା ଚାନ୍‌ସରେ ପାରିଲିନି । ଯେ ପୁଣି ଗୋଟେ ଚାନ୍‌ସରେ । ହଉ ଦେଖ ଦେଖ କ'ଣ କରୁଛି ? ଫାଇଟିଙ୍ଗ୍ ଖୁବ୍ ଯୋର୍‌ରେ ଚାଲିଲା । ବୁଦୁ ଏତେ ବଢ଼ିଆ ଫାଇଟିଙ୍ଗ୍ କଲା ଯେ ସମସ୍ତେ ଦେଖି ଆଶ୍ଚର୍ଯ୍ୟ । ଡାଇରେକ୍ଟର ଯାହା ବତଉଥିଲେ ତା'ଠାରୁ ବି ଅଧିକ କଲା ବୁଦୁରାମ । ହୀରୋଇନ୍ ତା' ରୂପରେ ତ ମୁଗ୍ଧ ଥିଲେ । ତା' ଆକ୍ଟିଂରେ ପୁରାପୁରି ମୁଗ୍ଧ ହୋଇଗଲେ । ସେହିଦିନଠାରୁ ବୁଦୁରାମ ହୀରୋଇନ୍ ମିନି ମାନେ ମିନର୍ଭାଙ୍କ ସହିତ ତାଙ୍କ ଘରେ ରହିଲା । ମିନର୍ଭା ବୁଦୁରାମଙ୍କୁ ଭଲପାଇ ବସିଲେ । ଫିଲ୍ମରେ ସେ ହୀରୋ ହେଲେ ପାଠାରେ ସେ ପୁରା ଜୀରୋ । ଏକଥା ଜାଣିଲା ପରେ ମିନର୍ଭାଙ୍କ ମନ ଟିକିଏ ଦୁଃଖ ହେଲା । ଦିନେ ପଚାରିଲେ, କହିଲ ହୀରୋ, କ'ଣ କହିବ ଭାବି ଭାବି ହଠାତ୍ କହି ପକାଇଲା, ଆଲୁ ଡିଭିଜନ । ଏଁ ହେଁ ହେଁ ହେଁ ହୋଇ ହସି ପକାଇଲା ମିନର୍ଭା । ଆରେ ଏମିତି କ'ଣ କହୁଛ, ଆଉ କ'ଣ କହିବି ମାଟ୍ରିକ୍ ପରୀକ୍ଷାରେ ତ ଖାଲି ସବୁ ବିଷୟରେ ଆଲୁ ରଖିଲି । ଟିକିଏ ଦୁଃଖରେ କହିଲା ବୁଦୁରାମ । ଆଚ୍ଛା ଦୁଃଖ କରନା । ମୁଁ ତୁମକୁ ସବୁ ପାଠ ଶିଖାଇଦେବି । ଦେଖିବ ପାଠରେ ବି ତମେ ହୀରୋ ହୋଇଯିବ । ସତକୁସତ ବୁଦୁରାମ ଆଜି ମିନର୍ଭାଙ୍କ ସହାୟତାରେ ଓଡ଼ିଆ, ହିନ୍ଦୀ ଏପରିକି ଇଂରାଜୀ ପାଠରେ ଧୁରନ୍ଧର ହୋଇଯାଇଛି । ଏହିସବୁ ଭାଷାରେ ସେ ମଧ୍ୟ ଅନର୍ଗଳ କଥାବାର୍ତ୍ତା କରୁଛି । ଚାରିପାଞ୍ଚଟା ଫିଲ୍ମରେ ସେ ହୀରୋ ରୋଲ୍ ଓ ମିନର୍ଭା ହୀରୋଇନ୍ ହେଲେଣି । ମିନର୍ଭା ସହିତ ବୁଦୁରାମର ବାହାଘର ହୋଇଯାଇଛି । ଦୀର୍ଘ ପନ୍ଦର ବର୍ଷ ପରେ ବୁଦୁରାମ ସ୍ତ୍ରୀ ମିନର୍ଭାଙ୍କ ସହିତ ଗାଁ'କୁ ଫେରିଛି । ତାକୁ ତ ପ୍ରଥମେ କେହି ଚିହ୍ନିପାରିଲେ ନାହିଁ । ଏପରିକି ନିଜ ବାପାମା' ମଧ୍ୟ ଅଚିହ୍ନା ଭାବିଲେ । ପରେ ସବୁ ଜାଣି, ପୁଅ ବୋହୂକୁ ନେଇ ଘରେ ଖୁସିରେ ରହିଲେ । ଗାଁ'ର ଲୋକମାନେ ଓ ସାଙ୍ଗପିଲାମାନେ ତାଙ୍କ ଘରଠି ଜମା ହୋଇ ଖୁସି ହୋଇଗଲେ । ସମସ୍ତେ ପ୍ରାୟ କହିଉଠିଲେ, ଆମ ବୁଦୁରାମ ଭାଇ ଜୀରୋରୁ ହୀରେ ହୋଇଗଲେ ।

*- ଘୋଡ଼ାବର, ସୁବର୍ଣ୍ଣପୁର, କଟକ*

◆❖◆



IBMS No.1 INSTITUTE
IBM'S
SINCE-2005
BANK PO/CLERK
SSC +2/GRADUATE
RLY Tech./Non Tech.
OAS BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE INTERVIEW & FREE CLASSES.
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S
CHANDI CHHAK & PALAMANDAP(Near Barabati Gas)CTC


CBSE XII
2018 RESULT
ROUT CLASSES
For Mathematics
98
100
Sidhartha
96
100
Amit Pradhan
95
100
94
100
Nita Mohapatra
91
100
90
100
89
100
Bidyut
89
100
Namrata Jena
83
100
& many more....
ROUT CLASSES
94384 09976 / 97763 66340
94384 09976
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖୁଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ